CMYK

- Vol.- 44, Issue No. 294
- Saturday, 25 January 2025
- ଶନିବାର, ୨୫ ଜାନୁୟାରୀ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI



ଫେବୃଆରୀ ୯ରେ ବାରବାଟୀ ଲଢ଼େଇ

Web: www.dinalipi.com, E-mail: dinalipinews@gmail.com

### ‘ଉତ୍କର୍ଷ ଓଡ଼ିଶା’ ପ୍ରସ୍ତୁତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

# ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତିରେ ମାଇଲଖୁଣ୍ଟ ହେବ ଓଡ଼ିଶା





ଭୁବନେଶ୍ୱର, ୨୪।୧(ନିପ୍ର): ଜାନୁଆରୀ ୨୮-୨୯, ଦୁଇଦିନ ଧରି ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜନତା ମଇଦାନରେ ଏହାର ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବ । ରାଜ୍ୟ ପାଇଁ ଏକ ସୁଦୃଢ଼ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ । ଏହାସହିତ ଶ୍ରମିକ, କୃଷକମାନଙ୍କ ପରି ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପୁଳ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଇନଭେଷ୍ଟର୍ସ ମିଟ୍‌ରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି ଏବଂ ଏହାଦ୍ୱାରା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ। ୧୦୦ଟି ଅଧିକ ନିବେଶକ ଏମଓୟୁ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏହାର ଉଦ୍‌ଘାଟନ କରିବେ । ଗତ ୭ ମାସ ମଧ୍ୟରେ ଓଡ଼ିଶାକୁ ଏହା ତାଙ୍କର ପଞ୍ଚମ ଗସ୍ତ ହେବ । ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି ବୋଲି ସେ କହିଥିଲେ ।ଏହା ସହିତ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ପରି କେନ୍ଦ୍ରମନ୍ତ୍ରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ କହିଲେ ଯେ ମେକ ଇନ ଓଡ଼ିଶା ୱେବସାଇଟ୍‌ରେ ୭୫୦୦ରୁ ଅଧିକ ଡେଲିଗେଟ ପଞ୍ଜୀକରଣ କରିଛନ୍ତି । ଏଥିରେ ୨୦ଟିରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ଡେଲିଗେଟ୍ ଅଛନ୍ତି । ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ପରି ଆମର ପାର୍ଟନର ଦେଶ ମାନଙ୍କରୁ ଅଧିକ ଡେଲିଗେଟ୍ ଆସିବାର ସମ୍ଭାବନା ଅଛି । ଏଥିରେ କେତେକ କଣ୍ଟ୍ରୀ ଫୋକସ ସେସନ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରାୟ ୨୦ଟି ଦେଶର ପ୍ରତିନିଧି ମାନେ ଆଲୋଚନା କରିବେ । ପ୍ରାୟ ୧୫୦ ଜଣ ଏକ୍ସିଭିଟର ସେମାନଙ୍କର ପ୍ରଡକ୍ଟ, ସର୍ଭିସ୍ , ଓ ଇନୋଭେସନ ଆଦି ପ୍ରଦର୍ଶନ କରିବେ । ୨୮-୨୯, ଦୁଇ ଦିନ ଧରି ଏହା କେବଳ ଡେଲିଗେଟ୍ ମାନଙ୍କ ପାଇଁ ଖୋଲା ରହିବ । ୩୦ ତାରିଖ ଦିନ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ରଖାଯିବ ବୋଲି ସେ କହିଥିଲେ।

- ୨୮ରେ ପ୍ରଧାନମନ୍ତ୍ରୀ ମୋଦି କରିବେ ଉଦ୍‌ଘାଟନ
- ୨୦ ଦେଶର ୧୦୦ରୁ ଅଧିକ ପ୍ରତିନିଧି ଯୋଗ ଦେବେ
- ସବୁ ଦୃଷ୍ଟିରୁ ଓଡ଼ିଶା ପାଇଁ ଐତିହାସିକ ଅବସର ହେବ

### ପାରଦ ଉପରମୁହାଁ ହୋଇପାରେ

## ୧୮ ଜିଲ୍ଲାକୁ କୁହୁଡ଼ି ଚେତାବନୀ

ଭୁବନେଶ୍ୱର, ୨୪।୧ : ଜାନୁଆରୀ ଶେଷ ହୋଇ ନଥିବା ବେଳେ ଗ୍ରୀଷ୍ମଋତୁର ପ୍ରାକ୍ ସୂଚନା ମିଳିସାରିଛି। ରାଜ୍ୟରେ ତାପମାତ୍ରା ୧୮ ଡିଗ୍ରୀ ରେକର୍ଡ ହୋଇଛି। ଏହାରି ମଧ୍ୟରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, କୋରାପୁଟ, କଳାହାଣ୍ଡି, କନ୍ଧମାଳ ଓ ନୟାଗଡ଼କୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଏସବୁ ଜିଲ୍ଲାଗୁଡ଼ିକରେ ଦୃଶ୍ୟମାନତା ୫୦ରୁ ୨୦୦ ମିଟର ମଧ୍ୟରେ ରହିବ। ରାଜ୍ୟରେ ଜାନୁଆରିରୁ ଖରା ପ୍ରକୋପ ଆରମ୍ଭ ହୋଇଯାଇଛି। ମାଘ ମାସ ଅଧବାଟରେ ଥିବା ବେଳେ ଜାଡ଼ ବଦଳରେ ପାରଦ ଉପରମୁହାଁ ହେଉଛି। ଉପକୂଳରୁ ଆଭ୍ୟନ୍ତର ପର୍ଯ୍ୟନ୍ତ, ସବୁଠି ଗରମ ଅନୁଭୂତ ହେଉଛି। ଦିନ ସମୟରେ ବାୟୁମଣ୍ଡଳ ଶୁଷ୍କ ରହୁଥିବା ବେଳେ ରାତିରେ ସମୁଦ୍ରରୁ ବାୟୁ ପ୍ରଭାବିତ ହେଉଛି। ଫଳରେ ଏଭଳି ସ୍ଥିତି ଉପୁଜିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ହେବ। ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ନେଇ ପୂର୍ବାନୁମାନ କରାଯାଇଛି। ତାପମାତ୍ରା ବୃଦ୍ଧି ସହ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ।





## ରେକର୍ଡ ଭାଙ୍ଗିଲା ସୁନା ଦାମ୍: ୮୨ ହଜାର ପାର୍



ନୂଆଦିଲ୍ଲୀ, ୨୪।୧ : ଗତ କିଛିଦିନ ଧରି ସୁନା ଦାମରେ ପରିବର୍ତ୍ତନ ହେଉଥିବା ବେଳେ ଶୁକ୍ରବାର ପୁଣି ଏହା ମହଙ୍ଗା ହୋଇଛି। ୮୦ ହଜାର ଅତିକ୍ରମ କରିଛି ସୁନା ଦାମ୍ । ୨୪ କ୍ୟାରେଟ୍ ସୁନା ଦାମ୍ ରେକର୍ଡ ଭାଙ୍ଗିଛି । ୨୪ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମକୁ ୮୨,୪୨୦ ଟଙ୍କାରେ ପହଞ୍ଚିଛି । ଗୁରୁବାର ଏହା ୮୨,୦୯୦ ଟଙ୍କା ଥିଲା । ସେହିପରି ୨୨ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମକୁ ୭୫,୫୫୦ ହୋଇଛି । ପୂର୍ବଦିନ ଏହା ୭୫,୨୫୦ ଟଙ୍କା ଥିଲା । ୧୮ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍‌କୁ ୬୧,୮୨୦ ଟଙ୍କା । ପୂର୍ବଦିନ ଏହା ୬୧,୫୭୦ ଟଙ୍କା ଥିଲା । ସେହିପରି ରୁପା ଦାମରେ ମଧ୍ୟ ପରିବର୍ତ୍ତନ ହୋଇଛି। ୧୦୦ ଗ୍ରାମ୍ ରୁପା ଦାମ୍ ୧୦,୫୦୦ ରହିଛି। ପୂର୍ବରୁ ଏହା ୧୦,୪୦୦ ଥିଲା।

### ପ୍ରାକ୍-ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ

# ଚଳିତ ବର୍ଷ ୪୦ ହଜାର ନିଯୁକ୍ତି



- ବିକାଶ ଓ କଲ୍ୟାଣ ଉପରେ ରହିବ ଫୋକସ
- ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ
- ୩୧ ସୁଦ୍ଧା ଇ-ମେଲ, ହ୍ୱାଟସ ଅପ୍‌ରେ ପଠାଇପାରିବେ

ଭୁବନେଶ୍ୱର, ୨୪।୧: ଗତ ବର୍ଷ ପରି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ କରିଛନ୍ତି । ବିଭିନ୍ନ ମାଧ୍ୟମରେ ଆସୁଥିବା ପରାମର୍ଶଗୁଡିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟ୍‌ରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶୁକ୍ରବାର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ପ୍ରାକ୍-ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍-ବଜେଟ୍ ପରାମର୍ଶ ଆଲୋଚନା କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ,ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ବଜେଟ୍ ସଂକ୍ରାନ୍ତରେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ନିଜର ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷର ବଜେଟ୍ କିପରି ଲୋକାଭିମୁଖୀ ହୋଇପାରିବ ସେ ନେଇ ବୈଠକରେ ସମସ୍ତେ ନିଜର ବହୁମୂଲ୍ୟ ମତାମତ ଦେଇଛନ୍ତି। ଏ ବାବଦରେ ସାଧାରଣ ଲୋକେ ଜାନୁଆରୀ ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟସ ଅପ୍, ୱେବ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ବିଶେଷ କରି ବଜେଟ୍‌ରେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କୁ ଫୋକସ କରାଯାଉଛି । ଏଥି ସହିତ ରାଜସ୍ୱ ବୃଦ୍ଧି, ଆଇ.ଟି, ସେମିକଣ୍ଡକ୍ଟର, ପେଟ୍ରୋ କେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ, ଆଗ୍ରୋ ଇଣ୍ଡଷ୍ଟ୍ରି ଭଳି ଶିଳ୍ପ ସହିତ ପର୍ଯ୍ୟଟନକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କୃଷକମାନଙ୍କ ଆୟ ବୃଦ୍ଧି ସହିତ ଶୀତଳ ଭଣ୍ଡାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ସହିତ ଭିତ୍ତିଭୂମି ସୁଦୃଢ଼ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକାରୀ କରାଯିବ। ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି, ବର୍ତ୍ତମାନ ସୁଦ୍ଧା ୨୦ ହଜାର ନିଯୁକ୍ତି ଦିଆସରିଛି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୦ ହଜାର ନିଯୁକ୍ତି ଦିଆଯିବ ।

## ସେଲଫି ନେଲା ଛାତ୍ରୀଙ୍କ ଜୀବନ

କେନ୍ଦୁଝର, ୨୪।୧: ସେଲଫି ହେଲା କାଳ। ସେଲଫି ନେବାବେଳେ ଟ୍ରେନରୁ ଖସିପଡ଼ିବାରୁ ଜଣେ ଛାତ୍ରୀଙ୍କ ଜୀବନ ଯାଇଥିବା ସ୍ଥାନୀୟ ସୂତ୍ରରୁ ପ୍ରକାଶ। ଟାଙ୍ଗିରିଆପାଳ-ଶଗଡ଼ପଟା ଷ୍ଟେସନ ମଝିରେ ଏହି ଅଘଟଣ ଘଟିଛି । ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁରୀ-ବଡ଼ବିଲ ଏକ୍ସପ୍ରେସ ଟ୍ରେନରେ ଛାତ୍ରୀ ଜଣକ ଘରକୁ ଫେରୁଥିଲେ। ଟ୍ରେନରେ ସାଙ୍ଗମାନଙ୍କ ସହ ସେଲଫି ନେବାବେଳେ ଖସି ପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ ଛାତ୍ରୀଙ୍କ ଘର ତୁରୁମୁଙ୍ଗା ଥାନା ଡଳଙ୍ଗ ଗାଁର। ମୃତ ଛାତ୍ରୀ ଜଣକ ଭୁବନେଶ୍ୱର ଏକ ଘରୋଇ କଲେଜରେ ଏମ୍‌ସିଏ ପଢୁଥିଲେ । ତାଙ୍କ ନାମ ନମ୍ରତା ବେହେରା, ବୟସ ୨୦। ସକାଳୁ ଜଣେ ସାଙ୍ଗ ସହିତ ସେ ଘରକୁ ବାହାରି ଥିଲେ। ଏଥି ପାଇଁ ଟ୍ରେନ୍ ନମ୍ବର ୧୮୪୧୬ ପୁରୀ-ବଡ଼ବିଲ ଏକ୍ସପ୍ରେସରେ ବାହାରି ଥିଲେ। ସାଙ୍ଗ ସହିତ ସେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନରେ ପ୍ରାୟ ସାଢ଼େ ୮ଟାରେ ଟ୍ରେନରେ ଚଢ଼ିଥିଲେ। ନିୟମିତ ସମୟ ଠାରୁ ଟ୍ରେନ୍ ସାମାନ୍ୟ ବିଳମ୍ବରେ ଚାଲିଥିଲା। ଏଥି ପାଇଁ ଟ୍ରେନ୍‌ଟି ହରିଚନ୍ଦନପୁରରେ ୧୦ଟା ୧୬ରେ ପହଞ୍ଚିବା ପରିବର୍ତ୍ତେ ୧୨ଟା ୨୨ରେ ପହଞ୍ଚି ଥିଲା। କିନ୍ତୁ ଏହା ପୂର୍ବରୁ ନମ୍ରତା ଟାଙ୍ଗିରିଆପାଳ-ଶଗଡ଼ପଟା ମଝିରେ ଟ୍ରେନ୍‌ରୁ ସେଲଫି କାରଣରୁ ଖସିପଡ଼ିଥିଲେ ବୋଲି କୁହାଯାଇଛି।

### ଡିଜିପିଙ୍କୁ ଭେଟିଲେ ପୂର୍ବ ସମୁଦ୍ରତଟର କୋଷ୍ଟ ଗାର୍ଡ କମାଣ୍ଡର ଏଡିଜି

## ଉପକୂଳ ସୁରକ୍ଷା ପାଇଁ ହେବ ସ୍ୱତନ୍ତ୍ର ବୋର୍ଡ



ଭୁବନେଶ୍ୱର, ୨୪।୧(ନିପ୍ର): ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ସ୍ଥିତ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ପୂର୍ବ ସମୁଦ୍ର ତଟର କୋଷ୍ଟଗାର୍ଡ କମାଣ୍ଡର ଏଡିଜି ଡନି ମିଚେଲ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଉପକୂଳ ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଥିଲା। ଏହା ସହ ଆଗାମୀ ଦିନରେ ଉପକୂଳ ସୁରକ୍ଷା ନିମନ୍ତେ ଉଭୟ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ଉପରେ ମତପ୍ରକାଶ ପାଇଥିଲା। ଆଗାମୀ ଦିନରେ ତଟ ସୁରକ୍ଷା ଏବଂ ଓଡିଶା ପୋଲିସର ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ବୋର୍ଡ଼ ଗଠନ କରାଯିବ। ଦୁଇ ବିଭାଗର ଅଧିକାରୀ ମାନେ ସମ୍ପୂର୍ଣ୍ଣ ଉପକୂଳ ଅଞ୍ଚଳକୁ ତନ୍ନ ତନ୍ନ କରି ଯାଞ୍ଚ କରିବେ। ରିପୋର୍ଟ ଅନୁଯାୟୀ ମେରାଇନ ଥାନା ଗୁଡିକୁ ବୋଟ ଯୋଗାଇଦିଆଯିବ ବୋଲି ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତଟ ସୁରକ୍ଷା ବାହିନୀ ଏବଂ ଭାରତୀୟ ନୌବାହିନୀରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଯବାନମାନଙ୍କୁ ଆଗାମୀ ଦିନରେ ମେରାଇନ ଥାନାଗୁଡିକରେ ନିଯୁକ୍ତି ଦିଆଯିବ।

### ପ୍ରଧାନମନ୍ତ୍ରୀ ଆବାସ ସର୍ଭେ: ଶୁଭାରମ୍ଭ କଲେ ପଞ୍ଚାୟତିରାଜ ମନ୍ତ୍ରୀ

# ସ୍ୱପ୍ନ ବାସ୍ତବ କରିବାକୁ ସଂକଳ୍ପବଦ୍ଧ



ପିପିଲି/ପୁରୀ, ୨୪।୧(ନିପ୍ର): ନିଜର ଘରଟିଏ କରିବା ସମସ୍ତଙ୍କ ପାଇଁ ସ୍ୱପ୍ନ ଥାଏ। ନୂତନ ସରକାର ଏହି ସ୍ୱପ୍ନକୁ ବାସ୍ତବ କରିବାକୁ ସଂକଳ୍ପବଦ୍ଧ । ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ପୂର୍ବାହ୍ନରେ ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ଅର୍ଜୁନସିଂହପୁର ଗ୍ରାମରେ ରାଜ୍ୟସ୍ତରୀୟ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ ଅବସରରେ ଏପରି କହିଛନ୍ତି। ପରେ ସାତଶଙ୍ଖ ମେଳଣ ପଡିଆ ଠାରେ ଏକ ସାଧାରଣ ସଭାରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନାଏକ ରାଜ୍ୟର ସମସ୍ତ ଅଧିବାସୀଙ୍କ ପାଇଁ ପକ୍କାଘରର ବାସ୍ତବତା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ସର୍ବେକ୍ଷଣ ସମୟରେ ତ୍ରୁଟି କିମ୍ବା ଲାଞ୍ଚ କାରବାର ହେବାର ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି ।ଏହି ଅବସରରେ ଆବାସ ପ୍ଲସ ମୋବାଇଲ ଆପ୍ ଜରିଆରେ ଉକ୍ତ ଗ୍ରାମର ନୂତନ ହିତାଧିକାରୀ ଉମା ବେହେରା, ଝୁନା ବେହେରା, ମମତା ବେହେରା, କୁମର ବେହେରା ଓ ସଞ୍ଜୁ ବେହେରାଙ୍କୁ ଯୋଜନାରେ ତାଲିକାଭୁକ୍ତ କରାଯାଇଥିଲା। ସେମାନଙ୍କ ସମସ୍ୟା ଓ ଏହି ନୂତନ ଆବାସ ପ୍ଲସ ମୋବାଇଲ ଆପ୍ ବ୍ୟବହାରର କୌଶଳ, ଏହାର ଫାଇଦା ଓ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ହିତାଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ସରକାର ଆବାସ ଯୋଜନା ୨୦୨୪ ନାମରେ ଏକ ଆପ୍ ବ୍ୟବସ୍ଥା କରିଛନ୍ତି। ଏହାକୁ ହିତାଧିକାରୀ ଉପଯୋଗ କରି ଆବେଦନ କରିପାରିବେ।୧୪ ହଜାର ଅଧିକାରୀ ଓ କର୍ମଚାରୀ ଏହି ସର୍ଭେ କାର୍ଯ୍ୟ ତଦାରଖ କରିବେ। ଦୁଇ ପ୍ରକାର ଘର ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ଏଥିରୁ ବଞ୍ଚିତ ରହୁଥିବା ବା ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ଯୋଗାଇ ଦିଆଯିବ। ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଆବାସ ଯୋଜନାରୁ ବଞ୍ଚିତ ପ୍ରତ୍ୟେକ ହିତାଧିକାରୀଙ୍କ ମୁହଁରେ ହସ ଫୁଟାଇବାକୁ ଆଜି ଠାରୁ ଶୁଭାରମ୍ଭ ହୋଇଛି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି କହିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କହିଥିଲେ ଆବାସ ଅପେକ୍ଷାର ଅନ୍ତ ଘଟିଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ,ଉଦ୍ଦେଶ୍ୟ ଓ ହିତାଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। ୨୦୨୪-୨୫ ବର୍ଷରେ ସମ୍ପୂର୍ଣ୍ଣ ହୋଇ ଥିବା ଆବାସ ଯୋଜନାର ୧୦ ଜଣ ହିତାଧିକାରୀଙ୍କୁ ନୂତନ ଗୃହର ଚାବିକାଠି ମନ୍ତ୍ରୀ ଓ ଅତିଥିମାନେ ହସ୍ତାନ୍ତର କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉପନିର୍ଦ୍ଦେଶକ କୁଳମଣି ମିଶ୍ର, ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଚଢ଼ା ଦରରେ ମଦ ବିକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୪।୧ : ଅସାଧୁ ଭାବେ ଅଧିକ ଦାମ୍‌ରେ ମଦ ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ମଦ ଦର ଠାରୁ ଏକ ପଇସା ଅଧିକ ନେବା ଅଧିକାର କୌଣସି ଡିଲରଙ୍କର ନାହିଁ । କିଛି ଜାଗାରେ ମଦ ଦରବୃଦ୍ଧି ହୋଇଛି । ଏହାସତ୍ତ୍ୱେ ରାଜ୍ୟରେ କିଛି ଅସାଧୁ ବ୍ୟବସାୟୀ ମଦ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏଭଳି କିଛି ଅବକାରୀ ବିଭାଗ ନଜରକୁ ଆସିଥିବା ମନ୍ତ୍ରୀ କହିଛନ୍ତି। ଗଞ୍ଜାମ ଜିଲ୍ଲାରେ ଏଭଳି ଗୋଟିଏ ଦୁଇଟି ମାମଲା ଆସିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ଅବକାରୀ ମନ୍ତ୍ରୀ କହିଛନ୍ତି।

### ନବୋଦୟ ବିଦ୍ୟାଳୟରେ ଝାଡ଼ାବାନ୍ତି

## ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ

ନବରଙ୍ଗପୁର, ୨୪।୧: ନବରଙ୍ଗପୁର ଜିଲା ଖାତିଗୁଡ଼ା ସ୍ଥିତ ନବୋଦୟ ବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଅନ୍ୟୂନ ୧୨୨ ଜଣ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡିଥିବା ସୂଚନା ମିଳିଛି। ଝାଡ଼ାବାନ୍ତିରେ ଗୁରୁବାର ବିଦ୍ୟାଳୟର ଶହେରୁ ଅଧିକ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ଅଧିକ ଆଉ ୫ଜଣ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଖବର ପାଇ ସ୍କୁଲରେ ମେଡିକାଲ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି। କେଉଁ ପରିସ୍ଥିତିରେ ବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପିଲା ତାକୁ ନେଇ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପରୀକ୍ଷା ପାଇଁ ପାଣି ଏବଂ ଖାଦ୍ୟର ନମୁନା ପଠାଯାଇଥିବା ସୂଚନା ମିଳିଛି।

CMYK

# ଭାରତର କେଉଁ ରାଜା ଆୟୋଜନ କରୁଥିଲେ ?

# ମହାକୁମ୍ଭ ମେଳା



”

***ଐତିହାସିକମାନଙ୍କ ଦ୍ୱାରା ଲିଖିତ କୁମ୍ଭମେଳାର ପୁରୁଣା ଲିଖିତ ପ୍ରମାଣ ଅନୁଯାୟୀ, ଏହାର ଇତିହାସ ୨୦୦୦ ବର୍ଷ ପୁରୁଣା ବୋଲି ବିବେଚନା କରାଯାଏ । ଷଷ୍ଠ ଶତାବ୍ଦୀରେ ରାଜା ହର୍ଷବର୍ଦ୍ଧନଙ୍କ ସମୟରେ ଚୀନ୍‌ର ଭ୍ରମଣକାରୀ ହୁଏନ୍‌ସାଙ୍କ ଦ୍ୱାରା ଉଲ୍ଲେଖ କରାଯାଇଛି ।***

କୁହାଯାଏ ଯେ ହର୍ଷବର୍ଦ୍ଧନ ତାଙ୍କ ସମ୍ପତ୍ତିକୁ ଚାରି ଭାଗରେ ବିଭକ୍ତ କରି ଦାନ କରୁଥିଲେ, ଯାହା ରାଜ ପରିବାର, ସେନା / ପ୍ରଶାସନ, ଧାର୍ମିକ ଅନୁଦାନ ଏବଂ ଗରିବଙ୍କ ପାଇଁ ଥିଲା । କୁମ୍ଭମେଳାର ବର୍ଣ୍ଣନା ବେଦ ଏବଂ ପୁରାଣରେ ଦେଖିବାକୁ ମିଳିଥାଏ ।



ପ୍ରୟାଗରାଜରେ ମହାକୁମ୍ଭ ମେଳା । ଭାରତ ତଥା ବିଦେଶରୁ ସାଧୁ ତଥା ଭକ୍ତ ପବିତ୍ର ତ୍ରିବେଣୀ ସଙ୍ଗମରେ ବୁଡ ପକାଉଛନ୍ତି । କୁମ୍ଭମେଳା ବିଷୟରେ ବେଦ ଏବଂ ପୁରାଣରେ ମଧ୍ୟ ଉଲ୍ଲେଖ କରାଯାଇଛି । ଏହି କୁମ୍ଭ ମେଳା ରାଜା ହର୍ଷବର୍ଦ୍ଧନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିବେଚନା କରାଯାଏ। ଐତିହାସିକଙ୍କ ମତ ଅନୁଯାୟୀ, ୧୬ବର୍ଷ ବୟସରେ ରାଜା ହୋଇଥିବା ହର୍ଷବର୍ଦ୍ଧନ କୁମ୍ଭମେଳା ଆରମ୍ଭ କରିଥିଲେ । କେବଳ ଏତିକି ନୁହେଁ, ସେ ପ୍ରତିବର୍ଷ କୁମ୍ଭରେ ନିଜର ସମସ୍ତ ସମ୍ପତ୍ତି ଦାନ କରୁଥିଲେ ଏବଂ ତାଙ୍କ ପାଖରେ ଥିବା ସମସ୍ତ ଜିନିଷ ଶେଷ ନ ହେବା ପର୍ଯ୍ୟନ୍ତ ଦାନ ଜାରି ରଖୁଥିଲେ । ଐତିହାସିକ କେ.ସି ଶ୍ରୀବାସ୍ତବ ତାଙ୍କ ପୁସ୍ତକ "ପ୍ରାଚୀନ ଭାରତର ଇତିହାସ''ରେ ଏହା ଉଲ୍ଲେଖ କରିଛନ୍ତି । ଦାନ, ପରିତ୍ରାଣ ଏବଂ ପାପରୁ ମୁକ୍ତି ପାଇଁ କୁମ୍ଭମେଳା ହେଉଛି ସର୍ବୋତ୍ତମ ସମୟ । କିନ୍ତୁ ଜାଣନ୍ତି କି ଏହି ଦାନ ପରମ୍ପରାର ମେଳା କିଏ ଆରମ୍ଭ କରିଥିଲା ? ଯାହାକୁ ଆଜି ବିଶ୍ୱର ସର୍ବବୃହତ୍ ଧାର୍ମିକ ମେଳା ବୋଲି କୁହାଯାଉଛି । ହର୍ଷବର୍ଦ୍ଧନ (୫୯୦-୬୪୭) ପ୍ରାଚୀନ ଭାରତର ସମ୍ରାଟ ଥିଲେ । ସେ ଉତ୍ତର ଭାରତର ଅନେକ କ୍ଷେତ୍ରରେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଏବଂ ପଞ୍ଜାବ ବ୍ୟତୀତ ସମସ୍ତ ଉତ୍ତର ଭାରତ ଉପରେ ଶାସନ କରିଥିଲେ । ହର୍ଷବର୍ଦ୍ଧନ ଭାରତର ଶେଷ ମହାନ ସମ୍ରାଟ ବୋଲି କୁହାଯାଉଛି ଯିଏ କନୌଜକୁ ରାଜଧାନୀ କରି ସମଗ୍ର ଉତ୍ତର ଭାରତକୁ ଏକତ୍ର କରିବାରେ ସଫଳ ହୋଇଥିଲେ । କୁହାଯାଏ ଯେ ରାଜା ହର୍ଷବର୍ଦ୍ଧନ ପ୍ରୟାଗରାଜକୁ ବହୁ ଦାନ କରିଥିଲେ। ଦାନ କରିବା ପୂର୍ବରୁ ସେ ଭଗବାନ ସୂର୍ଯ୍ୟ, ଶିବ ଏବଂ ବୁଧଙ୍କ ପୂଜା କରୁଥିଲେ। ଏହା ପରେ ବ୍ରାହ୍ମଣ, ଆଚାର୍ଯ୍ୟ ଏବଂ ବୌଦ୍ଧ ଭିକ୍ଷୁକମାନଙ୍କୁ ଦାନ ପ୍ରଦାନ କରୁଥିଲେ । ଦାନ କରି ସେ ତାଙ୍କର ସମସ୍ତ ଟ୍ରେଜେରି ଖାଲି କରିଦେଉଥିଲେ । ଏପରିକି ସେ ତାଙ୍କର ରାଜକୀୟ ପୋଷାକ ମଧ୍ୟ ଦାନ କରି ଦେଉଥିଲେ । କୁହାଯାଏ ଯେ ହର୍ଷବର୍ଦ୍ଧନ ତାଙ୍କ ସମ୍ପତ୍ତିକୁ ଚାରି ଭାଗରେ ବିଭକ୍ତ କରି ଦାନ କରୁଥିଲେ, ଯାହା ରାଜ ପରିବାର, ସେନା / ପ୍ରଶାସନ, ଧାର୍ମିକ ଅନୁଦାନ ଏବଂ ଗରିବଙ୍କ ପାଇଁ ଥିଲା । କୁମ୍ଭମେଳାର ବର୍ଣ୍ଣନା ବେଦ ଏବଂ ପୁରାଣରେ ଦେଖିବାକୁ ମିଳିଥାଏ । ଏହି ଅନୁଯାୟୀ, କୁମ୍ଭ ସେହି ସ୍ଥାନରେ ସଂଗଠିତ ହୋଇଛି ଯେଉଁଠାରେ ସମୁଦ୍ର ମନ୍ଥନ ସମୟରେ ବାହାରୁଥିବା ଅମୃତ ବୁନ୍ଦା ପଡିଛି । ଐତିହାସିକମାନଙ୍କ ଦ୍ୱାରା ଲିଖିତ କୁମ୍ଭମେଳାର ପୁରୁଣା ଲିଖିତ ପ୍ରମାଣ ଅନୁଯାୟୀ, ଏହାର ଇତିହାସ ୨୦୦୦ ବର୍ଷ ପୁରୁଣା ବୋଲି ବିବେଚନା କରାଯାଏ । ଷଷ୍ଠ ଶତାବ୍ଦୀରେ ରାଜା ହର୍ଷବର୍ଦ୍ଧନଙ୍କ ସମୟରେ ଚାଇନାର ଭ୍ରମଣକାରୀ ହୁଏନ୍‌ସାଙ୍କ ଦ୍ୱାରା ଉଲ୍ଲେଖ କରାଯାଇଛି। ହୁଏନ୍ସା କନୌଜ ଠାରେ ଆୟୋଜିତ ଏକ ବିଶାଳ ସଭା ବିଷୟରେ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ପ୍ରତି ପାଞ୍ଚ ବର୍ଷରେ ହଜାର ହଜାର ଭିକାରି ଅଂଶଗ୍ରହଣ କରିଥିଲେ ଏବଂ ମହାମୋକ୍ଷ ହରିଶଦ ନାମକ ଏକ ଧାର୍ମିକ ପର୍ବର ଆୟୋଜନ କରିଥିଲେ ।



## ଧାର୍ମିକ ମହତ୍ତ୍ୱ

ପ୍ରଭୁ ଶିବଶଙ୍କରଙ୍କୁ ବେଲପତ୍ର ଖୁବ ପ୍ରିୟ, ଏହାର ଶିବ ପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଛି। ତେଣୁ ସମସ୍ତ ଭକ୍ତ ଶ୍ରଦ୍ଧାର ଭାବ ସହ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ବେଲ ପତ୍ର ଅର୍ପଣ କରିଥାଆନ୍ତି। ଏହାଦ୍ୱାରା ପ୍ରଭୁ ଖୁବ ପ୍ରସନ୍ନ ହେବା ସହ ଭକ୍ତଙ୍କ ଉପରେ କୃପା ଓ ଆଶୀର୍ବାଦ ଦେଇଥାଆନ୍ତି। ମହାଶିବରାତ୍ରୀ ଅବସରରେ ପ୍ରଭୁଙ୍କୁ ବେଲପତ୍ର ଅର୍ପଣ କରିବା ସହ ଏହାର ମହତ୍ତ୍ୱ ମଧ୍ୟ ଜାଣନ୍ତୁ। ବେଲ ଗଛକୁ ଶ୍ରୀବୃକ୍ଷ ମଧ୍ୟ କୁହାଯାଏ। ମାନ୍ୟତା ଅନୁଯାୟୀ, ଏଥିରେ ପ୍ରଭୁ ମହାଦେବ ବାସ କରନ୍ତି। ତିନିଟି ପତ୍ର ବିଶିଷ୍ଟ ବେଲପତ୍ରକୁ ତ୍ରିଦେବଙ୍କ ଏକ ରୂପ ବୋଲି ମଧ୍ୟ କୁହାଯାଏ। କିମ୍ବଦନ୍ତୀ ଅନୁଯାୟୀ, ଏକଦା ମାତା ପାର୍ବତୀ ଆଙ୍ଗୁଠିରେ ନିଜ ମଥାରେ ଥିବା ଝାଳକୁ ପୋଛି ପକାଇଦେଇଥିଲେ। ସେହି ଝାଳରୁ କିଛି ବୁନ୍ଦା ମନ୍ଦାର ପର୍ବତରେ ପଡ଼ିଥିଲା। ସେଥିରୁ ହିଁ ବେଲଗଛ ଉତ୍ପନ୍ନ ହୋଇଛି ବୋଲି କୁହାଯାଏ। ଏହି ବେଲ ବୃକ୍ଷ ଅଧିକାଂଶ କେବଳ ମନ୍ଦିର ନିକଟରେ ହିଁ ଥାଏ। ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି, ଘରର ବଗିଚାରେ ବେଲ ବୃକ୍ଷ ଲଗାଇବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୋଇଥାଏ।



## ଅର୍ଦ୍ଧ କୁମ୍ଭ

ଅର୍ଦ୍ଧକୁମ୍ଭ ମେଳା ପ୍ରତି ଛଅ ବର୍ଷ ପରେ ପାଳନ କରାଯାଏ । ଅର୍ଦ୍ଧ କୁମ୍ଭ କେବଳ ପ୍ରୟାଗରାଜ ଏବଂ ହରିଦ୍ୱାରରେ ଅନୁଷ୍ଠିତ ହୁଏ । ଅର୍ଦ୍ଧର ଅର୍ଥ ହେଲା ଅଧା,ତେଣୁ ପ୍ରତି ୬ ବର୍ଷରେ ପଡ଼େ ଅର୍ଦ୍ଧ କୁମ୍ଭ ମେଳା । ପୂର୍ଣ୍ଣ କୁମ୍ଭ ତୁଳନାରେ ଛୋଟ ହୋଇଥିଲେ ସୁଦ୍ଧା ଏହାର ଧାର୍ମିକ ମହତ୍ତ୍ୱ ଖୁବ ଅଧିକ । ଲକ୍ଷ ଲକ୍ଷ ଭକ୍ତ, ତପସ୍ୱୀ, ସାଧୁସନ୍ଥ ପାପ ଧୋଇବା ପାଇଁ ତଥା ଆଧ୍ୟାତ୍ମିକ ଆଶୀର୍ବାଦ ପ୍ରାପ୍ତ କରିବା ପାଇଁ ସଙ୍ଗମରେ ବୁଡ଼ ପକାନ୍ତି ।

## ନୀଳମେଘ ପରି ଥିଲା କୃଷ୍ଣଙ୍କ କାନ୍ତି

ଦେବକୀଙ୍କ ଅଷ୍ଟମଗର୍ଭରୁ ଶ୍ରୀକୃଷ୍ଣଙ୍କ ଜନ୍ମ। ବସୁଦେବ ହେଲେ ପିତା। କାଳକାଳକୁ ଏ କଥା ରହିଛି। ଭଗବାନ ବିଷ୍ଣୁ କୃଷ୍ଣରୂପେ ଜାତ ହେବା ପାଇଁ ଦେବକୀ ଓ ବସୁଦେବଙ୍କୁ କାହିଁକି ବାଛିଥିଲେ ? 'ଶ୍ରୀମଦ୍ ଭାଗବତ'ର ଦଶମ ସ୍କନ୍ଧରେ ଏ ସଂପର୍କରେ ବର୍ଣ୍ଣନା ଅଛି। ଶ୍ରୀକୃଷ୍ଣଙ୍କର ଜନ୍ମ ପରେ ଦେବକୀଙ୍କର ଚେତା ନ ଥିଲା। ପ୍ରଥମେ ବସୁଦେବ ହିଁ ତାଙ୍କର ପ୍ରକୃତ ରୂପ ଦେଖିଥିଲେ। କୃଷ୍ଣଙ୍କ ଶରୀରର କାନ୍ତି ଥିଲା ନୀଳ-ମେଘ ପରି। ବାହୁରେ ମଣିର ବଳୟ ଝଟକୁ ଥିଲା। କଟୀରେ ଥିଲା ପୀତବସନ ଓ ସୁନାସୂତା। ହାତରେ କଙ୍କଣ ଓ କାନରେ କୁଣ୍ଡଳ, ପାଦରେ ନୂପୁର ଶୋଭା ପାଉଥିଲା। ଚାରି ହସ୍ତରେ ଆୟୁଧ ରୂପେ ଥିଲା ଶଙ୍ଖ, ଚକ୍ର, ଗଦା ଓ ପଦ୍ମ। ହୃଦରେ ଶ୍ରୀବତ୍ସ ଲାଞ୍ଛନ ଓ ପାଦରେ ରତ୍ନ ପାଦୁକାର ଶୋଭା ମନ ମୋହୁଥିଲା। ଦେବତା ଓ ମନୁଷ୍ୟଙ୍କୁ ଅଗୋଚର ସେହି ଅପୂର୍ବ ଯୋଗେଶ୍ୱର ରୂପକୁ ଦେଖି ବସୁଦେବ ମୁଗ୍ଧ ହେଲେ। ମନରେ ଭାବିଲେ, ମୁଁ ଛାର ଅଧମ ମନୁଷ୍ୟ। ଏ କାହିଁକି ମୋ ପ୍ରତି ପ୍ରସନ୍ନ ହେଲେ ! ଦେବକୀ ମଧ୍ୟ ଚେତା ଫେରିପାଇ ସେହି ଦିବ୍ୟରୂପକୁ ଦେଖିଲେ। କହିଲେ, "ମୋର ଉଦରୁ ତୋର ଜାତ। / ଲୋକେ କରିବେ କାହୁଁ ସତ।" ଦୁହେଁ ତାଙ୍କୁ ନାନା ଭାବରେ ସ୍ତୁତି କଲେ। ସେ ଦୁହିଁଙ୍କର ମନର ଭାବନା ଜାଣି ଶ୍ରୀକୃଷ୍ଣରୂପୀ ନାରାୟଣ ବସୁଦେବଙ୍କୁ ତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ କହିଲେ। ସେ କହିଲେ- ହେ ପିତା ! ଶୁଣ। ବ୍ରହ୍ମା ଯେତେବେଳେ ସୃଷ୍ଟି ସର୍ଜନା କଲେ, ସେତେବେଳେ ତୁମ ଦୁହିଁଙ୍କୁ ପୃଶ୍ନି ଓ ସୁତପା ରୂପେ ଜାତ କରିଥିଲେ। ତାଙ୍କ ଆଦେଶରେ ତୁମେ ଦୁହେଁ ଗହନ ବନରେ ଦୀର୍ଘ କଷ୍ଟକର ତପସ୍ୟା କରିଥିଲ। କେବଳ ପାଣି, ପବନ ଓ ପତ୍ର ସେବନ କରି, ଖରା, ବର୍ଷା ଓ ଶୀତକୁ ଖାତିର ନ କରି, ଶ୍ୱାସରୋଧୀ, ଶତବର୍ଷର ସେହି ଦୃଢ଼ଚିତ୍ତ, କଷ୍ଟକର ସାଧନା ଏବଂ ଏକନିଷ୍ଠ ଧ୍ୟାନ ଫଳରେ ମୁଁ ତୁମ ପ୍ରତି ପ୍ରସନ୍ନ ହେଲି। ଆନନ୍ଦରେ ତୁମକୁ ବର ଯାଚିଲି। ତୁମେ ଦୁହେଁ ମୋତେ ପୁତ୍ର ରୂପେ ପାଇବାପାଇଁ ବର ମାଗିଲ। ତାହା ଫଳରେ ପ୍ରଥମେ ମୁଁ ପୃଶ୍ନିଗର୍ଭ ରୂପେ ଜାତ ହୋଇଥିଲି। ଦ୍ୱିତୀୟରେ ତୁମେ ଦୁହେଁ କଶ୍ୟପ ଓ ଅଦିତି ରୂପେ ଜନ୍ମ ନେଲ ଏବଂ ମୁଁ ତୁମଠାରୁ ବାମନ ରୂପେ ଜାତ ହୋଇଥିଲି। ଏବେ ଦେବତାଙ୍କୁ ଦେଇଥିବା କଥା ଅନୁସାରେ ମୁଁ ପୁନଶ୍ଚ ଦେହଧରି ଜନ୍ମ ନେଇଛି। ମୁଁ ଅସୁରଙ୍କର ବିନାଶ କରିବି।



## ଅନ୍ତ୍ୟେଷ୍ଟି ସଂସ୍କାର

ପ୍ରତ୍ୟେକ ବ୍ୟକ୍ତିର ଜୀବନ କାଳର ଶେଷ ସଂସ୍କାର ଅନ୍ତ୍ୟେଷ୍ଟି ସଂସ୍କାର । ଶରୀରର ମୃତ୍ୟୁ ପରେ ବୈଦିକ କୁଳୀନ ପରମ୍ପରା ଅନୁଯାୟୀ ବ୍ରାହ୍ମଣ ଦ୍ୱାରା ପୂଜନ / ପିଣ୍ଡଦାନ କରି ଅଗ୍ନିରେ ଜଳାଇ ଦିଆଯାଇଥାଏ । ମନୁଷ୍ୟ ଶରୀର ପଞ୍ଚଭୂତରୁ ସୃଷ୍ଟି । ମୃତ୍ୟୁ ପରେ ଶରୀର ପୁଣି ପଞ୍ଚଭୂତ ଯଥା- ଆକାଶ, ଜଳ, ବାୟୁ, ପୃଥିବୀ, ଅଗ୍ନିରେ ସମାହିତ ହୋଇଯାଇଥାଏ । ଏଥିରେ ସନ୍ତାନମାନେ ପିତାମାନଙ୍କ ସକାଶେ ଲଣ୍ଡା ହୋଇଥାନ୍ତି । ଦଶାଦିକର୍ମ ଆଦି କରିଥାନ୍ତି । ସନାତନ ଧର୍ମ ଅତ୍ୟନ୍ତ ପ୍ରାଚୀନ ହେବା ସହ ବୈଜ୍ଞାନିକ କାରଣରେ ପରିପୂର୍ଣ୍ଣ । ପ୍ରତ୍ୟେକ ହିନ୍ଦୁ ଏହି ଷୋହଳ ସଂସ୍କାର ଉପରେ ଗୁରୁତ୍ୱ ଦେଇ ନିଜର ଜୀବନ ଅତିବାହିତ କରିଥାନ୍ତି ।

## ମହତ ଉଦ୍ଦେଶ୍ୟ

ମହତ ଉଦ୍ଦେଶ୍ୟ ନେଇ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ଯଜ୍ଞ ଆୟୋଜନ କରୁଥିଲେ । ତେବେ ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଉଥିବା ହବନ ସାମଗ୍ରୀ ଦେବତାଙ୍କ ନିକଟରେ ପହଞ୍ଚିପାରୁନଥିଲା । ସମସ୍ତେ ଏ ସମ୍ପର୍କରେ ଅଭିଯୋଗ ନେଇ ସୃଷ୍ଟିକର୍ତ୍ତାଙ୍କ ନିକଟକୁ ଗଲେ । ବ୍ରହ୍ମା ସମସ୍ତଙ୍କ ସହ ଭଗବାନ ଶ୍ରୀକୃଷ୍ଣଙ୍କ ପାଖକୁ ଗଲେ । ସମସ୍ୟା ଶୁଣିବା ପରେ ଭଗବାନ କୃଷ୍ଣ କହିଲେ- ତୁମେମାନେ ପ୍ରକୃତିକୁ ପୂଜା କର । ପୂଜା ହେବାରୁ ପ୍ରକୃତି ମାତାଙ୍କ କଳା ପ୍ରକଟ ହେଲେ ଏବଂ ସେ ସମସ୍ତଙ୍କୁ ବର ମାଗିବାକୁ କହିଲେ । ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ତାଙ୍କୁ ବର ମାଗିଲେ- ଆପଣ ଯଜ୍ଞରେ ହବନ ହେଉଥିବା ସାମଗ୍ରୀ ଗ୍ରହଣ କରନ୍ତୁ । ଦେବୀ ଏଥିପାଇଁ ରାଜି ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କ ଉପାସିକା ଥିଲେ । ପ୍ରକୃତିଙ୍କର ସେହି କଳା ରୂପୀ ଦେବୀଙ୍କୁ ଶ୍ରୀକୃଷ୍ଣ କହିଲେ- ଆଜିଠାରୁ ଆପଣ 'ସ୍ୱାହା' ନାମରେ ପ୍ରସିଦ୍ଧ ହେବେ । ଆପଣଙ୍କ ମାଧ୍ୟମରେ ଦେବତାମାନେ ଯଜ୍ଞରେ ଅର୍ପଣ କରାଯାଉଥିବା ସାମଗ୍ରୀ ଗ୍ରହଣ କରିବାରେ ସମର୍ଥ ହେବେ । ଏହାରି ମାଧ୍ୟମରେ ତୃପ୍ତ ହୋଇ ଦେବଗଣ ବରଦାନ କରିବେ ।

## ବିକାଶରେ ବାଧା..

ଏକ ଅଧ୍ୟୟନ ରିପୋର୍ଟ ଅନୁସାରେ, ପରଦାରେ ଅଧିକ ସମୟ ବିତାଇବା ଦ୍ୱାରା ୫ ବର୍ଷରୁ କମ୍ ପିଲାମାନଙ୍କର ଶାରୀରିକ ବିକାଶ ବିଳମ୍ବ ହେଉଛି। ସେହିପରି ୨ ବର୍ଷରୁ କମ୍ ପିଲାମାନ କହିବା ଏବଂ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାରେ ଅକ୍ଷମ ହେଉଛନ୍ତି। ଆଖି ସମ୍ବନ୍ଧୀୟ ରୋଗ ୭ରୁ ୮ ବର୍ଷ ବୟସର ଅନେକ ପିଲା, ଯେଉଁମାନେ ଆଖିଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏହାର କାରଣ ମୋବାଇଲର ବହୁଳ ବ୍ୟବହାର ହୋଇପାରେ। ବିଏମସି ପବ୍ଲିକ ହେଲଥରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଯେଉଁ ପିଲାମାନେ ପରଦାରେ ଅଧିକ ସମୟ ବିତାଉଥିଲେ, ସେମାନଙ୍କର ମାୟୋପିୟା (ସମୀପ ଦୃଷ୍ଟିଦୋଷ) ହେବାର ଆଶଙ୍କା ଅଧିକ। ଏହା ଅଧିକ ହେଲେ ଗ୍ଲୁକୋମା ଏବଂ ମାକୁଲାର ଡିଜେନେରେସନ ପରି ଜଟିଳତା କରିପାରେ। ଏପରି ହେଲେ ପିଲାମାନଙ୍କର ବୌଦ୍ଧିକ ବିକାଶ ପ୍ରଭାବିତ ହୋଇପାରେ। ଏହା ବ୍ୟତୀତ ପରଦାରେ ଅଧିକ ସମୟ ବିତାଇବା ଦ୍ୱାରା ପିଲାମାନଙ୍କର ପର୍ସନାଲିଟି (ବ୍ୟକ୍ତିତ୍ୱ) ଏବଂ ମାନସିକ ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ଅଧିକ ସମୟ ମୋବାଇଲ, ଲାପଟପ ଦେଖିବା ଦ୍ୱାରା ପିଲାମାନେ ପର୍ଯ୍ୟାପ୍ତ ଶୋଇପାରନ୍ତି ନାହିଁ। ରାତିରେ ପରଦାରୁ ନିର୍ଗତ ଗ୍ରୀନ୍ ଲାଇଟ୍ ଡୋପାମାଇନ୍ ନାମକ ଏକ ଉପକାରୀ ହରମୋନ ଉପରେ ପ୍ରଭାବ ପକାଇପାରେ। 'ସୈଫ ଅଲି ଖାନଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତି ପୋଲିସ ଆଗରେ ଖୋଲିଲା ଗୁମର' ଏହି ହରମୋନର ଅସନ୍ତୁଳନ ଘଟିବା ଦ୍ୱାରା ପିଲାମାନଙ୍କର ସ୍ମୃତି ଓ ଏକାଗ୍ରତାର ଚେତନା ହ୍ରାସ ପାଇପାରେ। ପାଠ ମନେ ରଖିବା ଏବଂ ଏକାଗ୍ରତା ଭଳି ବ୍ୟକ୍ତିତ୍ୱ (ପର୍ସନାଲିଟି) ଗୁଣ ପ୍ରଭାବିତ ହୋଇପାରେ। ତେବେ ଭାରତର ପିଲାମାନେ ମୋବାଇଲ, ଲାପଟପ ନିଶାରେ ପଡ଼ି ନାନା ରୋଗକୁ ନିମନ୍ତ୍ରଣ କରୁଥିବା ବେଳେ ବୟସ୍କମାନେ ହୃଦ୍‌ରୋଗ ଏବଂ ଟାଇପ୍-୨ ଡାଇବେଟିସ ସହ ଅନ୍ୟାନ୍ୟ ସଂକ୍ରାମକ ରୋଗରେ କବଳିତ। ଏହା ନିଶ୍ଚିତ ରୂପେ ସତର୍କ ଘଣ୍ଟି। ଜନ୍ମରୁ ଯଦି ପିଲାମାନଙ୍କ ଉପରେ ଧ୍ୟାନ ଦିଆନଯାଏ, ତେବେ ଅସ୍ୱାସ୍ଥ୍ୟକର ଜୀବନ ସହ ବଞ୍ଚିବା ଥୟ !



## ସାଧନା

ଏକଦା ଏକ ଜଙ୍ଗଲରେ ନଦୀତଟରେ ଜଣେ ସାଧୁ କୁଟୀର ନିର୍ମାଣ କରି ରହିଥାନ୍ତି । ଦିନେ ସାଧୁ ଜଣକ ଦେଖିଲେ ତାଙ୍କ କୁଟୀର ସମ୍ମୁଖ ନଦୀରେ ଏକ ସେଉ ଭାସି ଭାସୁ ଆସୁଥିଲା । ସାଧୁ ଜଣଙ୍କ ସେଉକୁ ନଦୀରୁ ଆଣିଲେ ଏବଂ ଖାଇବାକୁ ଯାଆନ୍ତେ, ସାଧୁଙ୍କ ମନ ଭିତରୁ ଶୁଭାଗଲା - "କ'ଣ ଏହି ସେଉ ତୁମର ସମ୍ପତ୍ତି ଅଟେ ? ଯଦି ତୁମେ ଏହାକୁ ତୁମ ପରିଶ୍ରମରୁ ଉପାର୍ଜନ କରିନାହଁ ତ କାହିଁକି ଏହି ସେଉ ପ୍ରତି ଅଧିକାର ରଖୁଛ । ନିଜ ଅନ୍ତଃକରଣରୁ ଆଭାସ ଆସିଲା ଯେ, ତାଙ୍କୁ ଏହି ଫଳ ରଖିବା କିମ୍ବା ଆହାର କରିବାର କୌଣସି ଅଧିକାର ନାହିଁ । ତେବେ ସେଉଟିକୁ ପାଖରେ ରଖି ସାଧୁ ଜଣଙ୍କ ସେଉର ପ୍ରକୃତ ମାଲିକ ପାଖକୁ ବାହାରି ପଡ଼ିଲେ । କିଛି ବାଟ ଗଲା ପରେ ସାଧୁଙ୍କୁ ଏକ ସେଉ ବଗିଚା ଦେଖାଗଲା । ସେ ସେଉ ବଗିଚାର ମାଲିକକୁ ଯାଇ କହିଲେ - "ଆପଣଙ୍କ ଗଛରୁ ନଦୀରେ ପଡ଼ି ଏହି ସେଉ ମୋର କୁଟୀର ପର୍ଯ୍ୟନ୍ତ ଆସି ଯାଇଥିଲା । ତେଣୁ ମୁଁ ଆପଣଙ୍କ ସମ୍ପତ୍ତି ଫେରାଇବାକୁ ଆସିଛି । ସେଉ ବଗିଚାର ମାଲିକ କହିଲେ - ମହାତ୍ମା ! ମୁଁ ତ ଏହି ବଗିଚାର ରକ୍ଷକ ଅଟେ । ଏହି ବଗିଚାର ମାଲିକ ରାଜ୍ୟର ରାଣୀ ଅଟନ୍ତି । ଏହାଶୁଣି ସାଧୁ ଜଣକ ସେଉଟିକୁ ଧରି ରାଣୀଙ୍କ ପାଖକୁ ଗଲେ । ସେଉଟିକୁ ଫେରାଇବାକୁ ସାଧୁ ଜଣକ ଏତେ ଲମ୍ବା ଯାତ୍ରା କରିବା ଜାଣି ରାଣୀ ଆଶ୍ଚର୍ଯ୍ୟ ହେଲେ ଏବଂ ଏହାର କାରଣ ପଚାରିଲେ । ସାଧୁ ମହାତ୍ମା କହିଲେ ମହାରାଣୀ ! ଏ ଯାତ୍ରା ମୁଁ ସେଉ ପାଇଁ କରିନାହିଁ, କାଳେ ମୋର ତପସ୍ୟା ନଷ୍ଟ ହେବ । ସାଧୁଙ୍କ ସଚ୍ଚୋଟପଣିଆରେ ମହାରାଣୀ ପ୍ରସନ୍ନ ହେଲେ ଏବଂ ସାଧୁ ମହାତ୍ମାଙ୍କୁ ରାଜଗୁରୁ ଉପାଧିରେ ସମ୍ମାନିତ କରି ରାଜଦରବାରରେ ରହିବାର ଅନୁମତି ଦେଲେ ।

# ବିଭିନ୍ନ ଦାବି ପୂରଣ ନେଇ ୫ ପଞ୍ଚାୟତବାସୀଙ୍କ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା

ଯୋଡା(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବିଲେଇପଦା ସ୍ଥିତ ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ପ୍ଲାଣ୍ଟ ଆଗରେ ୫ଟି ପଞ୍ଚାୟତର ଲୋକେ ୧୬ ଟି ବିଭିନ୍ନ ଦାବି ନେଇ ଧାରଣା ଦେଇଛନ୍ତି । ୨୮ ନଂ ଜୋନ୍ ଅଧୀନ ୫ଟି ପଞ୍ଚାୟତ ବିରିକଳା, କଣ୍ଡରା, ଚମକପୁର, ଦେଓଝର, ଅଂସେଇକଳା ପଞ୍ଚାୟତର ଜନପ୍ରତିନିଧି ଓ ସ୍ଥାନୀୟ ଗ୍ରାମବାସୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଶୁକ୍ରବାର ମଧ୍ୟାହ୍ନ ସମୟରେ ଶତାଧିକ ମହିଳା ଓ ପୁରୁଷ ବିଲେଇପଦା ଛକରେ ଏକତ୍ର ହୋଇ ଏକ ରାଲିରେ ଆସି କମ୍ପାନୀ ଫାଟକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରିଛନ୍ତି । ସ୍ଥାନୀୟ ଯୁବକ ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ମାଗଣା ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ ସେବା ଶିକ୍ଷା ପାଇଁ ମାଗଣା ବସ୍ ସେବା ଛାତ୍ରୀଛାତ୍ରଙ୍କୁ ବୃତ୍ତି ଯୋଗେଇ ଦେବା, ପାରିପାର୍ଶ୍ୱିକ ଉନ୍ନୟନ ପ୍ରଭୃତି ଦାବି ରହିଛି । କମ୍ପାନୀ ସବୁ କ୍ଷେତ୍ରରେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଣଦେଖା କରିଆସୁଛି । ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ନଦେଇ ବାହାର ପ୍ରଦେଶର ଲୋକଙ୍କୁ ନିଯୁକ୍ତି ଦେଉଛି । ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିଆସୁଛି । ବାରମ୍ବାର ଅଭିଯୋଗ ଏବଂ ଦାବି ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ବାଧ ହୋଇ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଥିବା ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା,ଚମକପୁର ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ଅର୍ଜୁନ ବେହେରା, ଅଂଶେଇକଳା ଗ୍ରାମ ପଞ୍ଚାୟତ ସରପଞ୍ଚ ଭାରତୀ ମୁଣ୍ଡା , ଯୋଡା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ନାଏକ ପ୍ରମୁଖ କହିଛନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରଖିବ ବୋଲି ସେମାନେ ସୂଚନା ଦେଇଛନ୍ତି । ୧୬ ଟି ବିଭିନ୍ନ ଦାବି ଗୁଡ଼ିକ ହେଲା ୫ଟି ପଞ୍ଚାୟତରେ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ, ଜମିହରା ପରିବାରଙ୍କୁ ନିଯୁକ୍ତି ପ୍ରଦାନ,ସ୍ଥାନୀୟ ଲୋକ ପ୍ରତିନିଧି ତଥା ସ୍ଥାନୀୟ ଲୋକେ ବାହାର ରାଜ୍ୟର ଯୁବତୀ ଯୁବକଙ୍କୁ ଦିଆଯାଉଥିବା ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରିବା ସତ୍ତ୍ୱେ କମ୍ପାନୀ ଗୁପ୍ତ ଭାବେ ନିକଟ ଅତୀତରେ ୯ ଜଣଙ୍କୁ ନିଯୁକ୍ତି ଦେଇଥିବାରୁ ଏହାକୁ ବନ୍ଦ କରି ସ୍ଥାନୀୟ




ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା,କମ୍ପାନୀର ଖଣି ଖାଦାନ ଓ କାରଖାନାରେ ଚାଲୁଥିବା ନିଯୁକ୍ତି ପ୍ରକ୍ରିୟା ଅନୁଯାୟୀ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, ପ୍ରତି ଗ୍ରାମବାସୀଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବା ସହିତ ଯୋଡା ସ୍ଥିତ ଡାକ୍ତରଖାନା ଓ ଟି ଏମ ଏଚ ଡାକ୍ତରଖାନାରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା,ପ୍ରତି ଗ୍ରାମକୁ ଆମ୍ବୁଲାନ ସେବା,ଉଚ୍ଚ ଗୁଣାତ୍ମକ ମାନର ଶିକ୍ଷା ପାଇଁ ସ୍କୁଲ ବସ ସେବା ପ୍ରଦାନ କରିବା, ବୈଷୟିକ ଶିକ୍ଷା ଓ ଆଇ ଟି ଆଇ ସ୍ଥାପନ କରି ତାଲିମ ପ୍ରଦାନ କରିବା, ୫ଟି ପଞ୍ଚାୟତର ପ୍ରତି ଗ୍ରାମକୁ ସାମାଜିକ ଦୟାତ୍ୱବୋଧ ,ନିୟମ ମୁତାବକ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବା, ସ୍ଥାନୀୟ ଲୋକଙ୍କୁ ରୋଜଗାରକ୍ଷମ କରିବା ପାଇଁ କମ୍ପାନୀର ସ୍ପଞ୍ଜ, ଆଇରନ, ଚାର୍କୋଲ ପ୍ରଭୃତିର ପରିବହନ କାର୍ଯ୍ୟ ପ୍ରଦାନ କରି ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା , ଟାଟା ଷ୍ଟିଲ ଖଣ୍ଡ ବନ୍ଧ ଖଣିରୁ ବିଲେଇପଦା ଖଣିଜ ପରିବହନ ପ୍ରଦାନ କରିବା,ରେଳରେ ଆଇରନ ଓଭର ଲୋଡ଼ିଙ୍ଗ ,ଅନ ଲୋଡ଼ିଂ ,ଲେବ୍ଲିଂ ଓ ପେକିଂ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରଦାନ କରିବା,କଣ୍ଟେନର ଯୋଗେ କଞ୍ଚା ମାଲ ପରିବହନ ନିମନ୍ତେ ବ୍ୟବହାର ହେଉଥିବା ଟ୍ରୋଲର କିମ୍ବା ଦଶ ଚକିଆ ଯାନକୁ ଗ୍ରାମବାସୀ ଙ୍କୁ ପ୍ରଦାନ ନିମନ୍ତେ ସୁଯୋଗ ଦେବା, କମ୍ପାନୀର ଅଭ୍ୟନ୍ତର ପରିସରରେ ହେଉଥିବା ଆଇରନ,କୋଇଲା, ଡଲୋମାଇଟ, ହାପର ଲୋଡିଙ୍ଗ ଓ ରୋମେଟେ ଟେରିଆଲ ଫିଡ଼ିଂ ପ୍ରଭୃତି କାର୍ଯ୍ୟକୁ ଗ୍ରାମବାସୀଙ୍କୁ ପ୍ରଦାନ କରିବା, ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଠ ପଢା ପାଇଁ ପୂର୍ବରୁ ବିଦ୍ୟାଶକ୍ତି ନ୍ୟାସ ତରଫରୁ ପ୍ରଦାନ କରାଯାଉଥିବା ଛାତ୍ର ବୃତ୍ତିକୁ ପୁନରାବୃତ୍ତି କରାଯିବା ପ୍ରଭୃତି ଦାବି ନେଇ ଲିଖିତ ଭାବେ କମ୍ପାନୀ କର୍ତୃପକ୍ଷଙ୍କୁ ଜଣାଇଥିଲେ। ସାତ ଦିନ ମଧ୍ୟରେ ଏହି ଦାବି ଗୁଡ଼ିକର ସମାଧାନ ନ ହେଲେ ଧାରଣା ଦେବାର ଚେତାବନୀ ଦିଆଯାଇଥିଲା।

## ସଡ଼କ ସୁରକ୍ଷା ମାସ ଓ ଭୋଟର ଦିବସ ପାଳନ



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ଜଂକିଆ ନିକଟସ୍ଥ ୧୬ ନଂ ଜାତୀୟ ରାଜପଥରେ ଆଜି ସହଯୋଗ ପରିବାର ତରଫରୁ ଜାତୀୟ ସଡକ ସୁରକ୍ଷା ମାସ ଓ ଭୋଟର ଦିବସ ପାଳିତ ହୋଇଯାଇଛି । ଚାଣକ୍ୟ ଟ୍ୟୁଟରିଆଲ ସହାୟତାରେ ଅନୁଷ୍ଠିତ ସଡ଼କ ସୁରକ୍ଷା ମାସ ଓ ଭୋଟର ଦିବସ ପାଳନ କାର୍ଯ୍ୟକ୍ରମରେ ସହଯୋଗ ବରିଷ୍ଠ ଉପଦେଷ୍ଟା ତଥା ନିରାକାରପୁର ସାମ୍ବାଦିକ ସଂଘ ସଂପାଦକ ଶ୍ୟାମ ସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହଯୋଗ ନିର୍ଦ୍ଦେଶିକା ସ୍ୱାଗତିକା ପାହାଡ଼ସିଂହ, ବିଶ୍ୱେଶର ପାଲଟାସିଂହ , ପ୍ରିୟଙ୍କା ରଣସିଂହ ,ଆଶୁତୋଷ ବେହେରା , ନିତ୍ୟାନନ୍ଦ ବଳିୟାର ସିଂହ, ଅଭିଜିତ ମଙ୍ଗରାଜ, ଶୁଭସ୍ମିତା ବାରିକ ଓ ସୋହନ ମିଶ୍ର ପ୍ରମୁଖ ଯୋଗଦେଇ ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀ ଓ ଚାଳକମାନଙ୍କୁ ହେଲମେଟ, ସିଟବେଲ୍ଟ ପିନ୍ଧିବା, ଗାଡି ଚଳାଇଲେ ମୋବାଇଲରେ କଥା ନ ହେବା, ମଦ୍ୟପାନ କରି ଗାଡି ନ ଚଳାଇବାକୁ ସଚେତନ କରିବା ସହିତ ହେଲମେଟ ପିନ୍ଧିଥିବା ଚାଳକମାନଙ୍କୁ ଚକୋଲେଟ୍ ବାଣ୍ଟିଥିଲେ।

## ୫୦ ୟୁନିଟ ରକ୍ତ ସଂଗୃହୀତ

ଡେରାବିଶ (ନି:ପ୍ର): ଡେରାବିଶ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ତଥା କେନ୍ଦ୍ରାପଡ଼ାର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଉତ୍କଳ କେଶରୀ ପରିଡାଙ୍କ ୬୪ ତମ ଜନ୍ମ ଜୟନ୍ତି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସ୍ମୃତି ପରିଷଦ ପକ୍ଷରୁ ଖମୋଳ ଛକ ସ୍ଥିତ ନୟନା ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବିମ୍ବାଧର ମୁଦୁଲି ଆନୁଷ୍ଠାନିକ ଭାବେ ଉଦଘାଟନ କରି ନିଜକୁ ସର୍ବଦା ସମାଜର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ କରି ମାନବ ସେବା ହିଁ ମାଧବ ସେବା ମର୍ମରେ ବିଶ୍ୱାସ ରଖୁଥିବା ଦିବଂଗତ ଶ୍ରୀ ପରିଡାଙ୍କ ଜନ୍ମଦିନରେ ଏଭଳି ମହତ କାର୍ଯ୍ୟ ଯୁବ ସମାଜକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ପ୍ରମୁଖ ଯୋଗଦେଇ ଉତ୍କଳ ସ୍ମୃତି ପରିଷଦର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ରକ୍ତ ଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରକ୍ତଦାତାଙ୍କ ଠାରୁ ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।

## ରଣପୁର ଓୟୁଜେ ଶାଖାର ବନ୍ଧୁମିଳନ

ରଣପୁର,(ନି.ପ୍ର.): ନୟାଗଡ଼ ଜିଲ୍ଲା ରଣପୁର ଓୟୁଜେ ଶାଖା ତରଫରୁ ରଣପୁର ବ୍ଲକ୍‌ର ବଜ୍ରକୋଟ ଗ୍ରାମ ପଞ୍ଚାୟତ ହରିପୁର ଠାରେ ଏକ ବନ୍ଧୁ ମିଳନ ଓ ଖାଦ୍ୟ ପେୟର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟର ବ୍ଲକ ସଭ୍ୟମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ନୟାଗଡ଼ ଜିଲ୍ଲା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ନୟାଗଡ଼ ଜିଲ୍ଲା ସଭାପତି ଆଚାର୍ଯ୍ୟ ବିଶ୍ୱରଂଜନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା ଉପରେ ସଭାପତି ଆଚାର୍ଯ୍ୟ ଆଲୋକପାତ କରିଥିଲେ। ଓୟୁଜେ ଏକ ଟ୍ରେଡ୍ ୟୁନିଅନ ତାର ଭବିଷ୍ୟତ ଓ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ।

## ଜାତୀୟ ବାଳିକା ଦିବସ ସଚେତନତା



ଚାରିଛକ ( ନିପ୍ର): ଚାରିଛକ ସ୍ଥିତ ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନଶ୍ୱିନ ଲେଙ୍କାଙ୍କ ନେତୃତ୍ୱରେ ଏକ ଜାତୀୟ ବାଳିକା ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଡ଼ଶପୁର ଉଦ୍ୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ଡ଼କ୍ଟର କବିତା ମିଶ୍ର ଚାରିଛକ ଥାନା ଅଧିକାରୀଣି ମମତା ବିଶ୍ୱାଳ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ହାତରେ ଫ୍ଲାକାର୍ଡ ଧରି ବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରା କରି ଚାରିଛକ ବଜାର ପରିକ୍ରମା କରିବା ସହିତ ବେଟି ବଢାଅ ବେଟି ବଞ୍ଚାଅ ସହିତ ବାଲ୍ୟ ବିବାହ ବନ୍ଦ ଉପରେ ସ୍ଲୋଗାନ ମାଧ୍ୟମରେ ସଚେତନତା କରିଥିଲେ । ପରେ ବିଦ୍ୟାଳୟ ପରିସର ମଧ୍ୟରେ ଏକ ଜାତୀୟ ବାଳିକା ଦିବସ ଉପରେ ସଚେତନତା ସଭାର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଣତି ବେହେରା, ଆଦ୍ୟାଶ୍ୟା ପ୍ରିୟଦର୍ଶୀନୀ, ରାନୀ ବସ୍ତିୟା, ସସ୍ମିତା ପ୍ରଧାନ, କୃଷ୍ଣା ମହାପାତ୍ର, ପ୍ରଦୀପ୍ତ ଚନ୍ଦ୍ର ସାହୁ ,ମାନସ ରଞ୍ଜନ ନାୟକ ଓ ଶ୍ୱିବ୍ରତ ମଲ୍ଲ ଅତିଥି ଶିକ୍ଷକ ବାବାଜୀ ଚରଣ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## କାୟାକଳ୍ପ ଟିମ୍‌ର ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ



ଶେରଗଡ଼(ନିପ୍ର): ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ଟିମ ପରିଦର୍ଶନ ଓ ସମୀକ୍ଷା କରି ଫେରିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ କାୟାକଳ୍ପ ଟିମର ମୁଖ୍ୟ କାର୍ଯ୍ୟନିର୍ବାହୀ ରାମକିଶୋର ଶତପଥିଙ୍କ ନେତୃତ୍ୱରେ କାୟାକଳ୍ପ ଟିମର କନସୋଲଟେଣ୍ଟ ଅନୁଜା ବେହେରା , ଜନସ୍ୱାସ୍ଥ୍ୟ ବିଭାଗର ଡ଼. ସମ୍ବିତ ଜେନା ସକାଳ ୧୦ ଟା ବେଳେ ପହଞ୍ଚି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବର୍ହିବିଭାଗ,ଅନ୍ତବିଭାଗ , ପରିବେଶ,ପ୍ରସୂତି ଗୃହ, ପାଇଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିସର ବୁଲି ଦେଖିଥିଲେ। ସ୍ୱଚ୍ଛତା ପ୍ରତି ଆଗଭର ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ ପରିବେଶ ଦିଗରେ କି ପଦକ୍ଷେପ ନେଉଛ ତା ପଚାରି ବୁଝିଥିଲେ। ରୋଗୀ ଚିକିତ୍ସା ଦିଗରେ ସମସ୍ତ ଚିକିତ୍ସକମାନେ କି ପ୍ରକାର ପଦକ୍ଷେପ ନିଆଯାଉଛି ତାହା ଉପରେ ପଚାରି ବୁଝିଥିଲେ। ପରେ ନିରାମୟ କେନ୍ଦ୍ର ପରିଦର୍ଶନ କରି ଔଷଧ ବଣ୍ଟନ କିପରି ପରିଚାଳନା କରୁଛନ୍ତି ତାହା ଉପରେ ଟିମ ଅନୁଧ୍ୟାନ କରିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗକୁ ତନତନ କରି ବୁଲିବା ସହ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର କରିବା ସହ ଏକ ବନ୍ଧୁତ୍ୱ ପୂର୍ଣ୍ଣ ବାତାବରଣ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ.ପି ରାଜକୁମାରୀ ସୁବୁଦ୍ଧି, ସହକାରୀ ପରିଚାଳକ ପ୍ରଦିପକୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷାରେ ସହଯୋଗ କରିଥିଲେ।

## 'ଝିଅମାନଙ୍କୁ ପ୍ରତି କ୍ଷେତ୍ରରେ ବଢ଼ିବାକୁ ଦିଆଯାଉ'

ନିମାପଡ଼ା, (ନି.ପ୍ର.): ନିମାପଡ଼ା ବ୍ଲକ୍‌ସ୍ତରୀୟ 'ଜାତୀୟ କନ୍ୟା ଦିବସ' ଶୁକ୍ରବାର ଦିନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଦିବସରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ସୂଚନା ମିଳିଛି । ଚଳିତ ବର୍ଷ ଏହି ଦିବସ ପାଳନ କରିବା ଶୀର୍ଷକ ରହିଛି 'ଚିରାଚରିତ ବାଧାବିଘ୍ନକୁ ଭାଙ୍ଗି ଶିକ୍ଷା ଓ ଭବିଷ୍ୟତ ଗଢ଼ିବା ସହ ସେମାନଙ୍କ ଅଧିକାର ସଂପର୍କରେ ସଚେତନ ହୋଇ ସୁରକ୍ଷା ଦେବା' । ବାଳିକା ଶିକ୍ଷା, ଆତ୍ମନିର୍ଭରଶୀଳତା, ଆତ୍ମ ସୁରକ୍ଷା, କନ୍ୟାରତ୍ନ ସଂରକ୍ଷଣ ତଥା ଅନ୍ୟାନ୍ୟ ଶୈକ୍ଷିକ ଦିଗ ଉପରେ ଆଲୋକପାତ କରାଯାଇଥିଲା । ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ନାଗବସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## କାର୍ଯ୍ୟରେ ଯୋଗ ଦେଲେ ନୂତନ ସବରେଜିଷ୍ଟ୍ରାର

ବୋଲଗଡ଼,(ନିପ୍ର): ବୋଲଗଡ଼ ସଦରସ୍ଥିତ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଶୁକ୍ରବାର ନୂତନ ସବରେଜିଷ୍ଟ୍ରାର କାର୍ଯ୍ୟରେ ଯୋଗ ଦେଇଛନ୍ତି ।ସୂଚନା ଯୋଗ୍ୟ ନୂତନ ତହସିଲଦାର ବିଜୟ କୁମାର ସେଠୀ ପାରମ୍ପରିକ ଭାବେ ସବରେଜିଷ୍ଟ୍ରାର ଭାବେ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରାକ୍ତନ ତହସିଲଦାର ନିବେଦିତା ପରିଡା ସମ୍ପୃକ୍ତ କାର୍ଯ୍ୟାଳୟରେ ସବରେଜିଷ୍ଟ୍ରାର ଭାବେ କାର୍ଯ୍ୟ ତୁଲାଉଥିଲେ। ତେବେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋର୍ଦ୍ଧାକୁ ଦୀର୍ଘ ୧ ମାସ ହେବ ବଦଳି ହୋଇଯିବା ପରେ ଅତିରିକ୍ତ ତହସିଲଦାର ଏହି କାର୍ଯ୍ୟକୁ ତୁଲାଉଥିଲେ। ତେବେ ନୂତନ ତହସିଲଦାର ଶ୍ରୀ ସେଠୀ ବୁଧବାର ବୋଲଗଡ଼ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରି ପରେ ପାରମ୍ପରିକ ଭାବେ ସବରେଜିଷ୍ଟ୍ରାରଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଶୁଭାରମ୍ଭ ହେଲା ଆବାସ ଯୋଜନା ସର୍ଭେ

କୁଚିଣ୍ଡା(ନିପ୍ର): ସମଗ୍ର ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ ପାଇଁ ଶୁକ୍ରବାର ଶୁଭାରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ବିଡିଓ ଜୟନ୍ତ ସାହୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି ।ଏଥିସହ ସେ ନିଜେ ଖଣ୍ଡୋକଟା ପଞ୍ଚାୟତର ଲାଖୋପଡା ଗ୍ରାମକୁ ଯାଇ ଟ୍ରାଏଲ ସର୍ଭେ କରି ଅଫଲାଇନ ଓ ଅନଲାଇନ ଜରିଆରେ ହିତାଧିକାରୀ କିଭଳି ଆବେଦନ କରିବେ ସେନେଇ ଆଲୋଚନା କରିଛନ୍ତି। ଆରମ୍ଭ ହୋଇଥିବା ସର୍ଭେ ଦେଢରୁ ଦୁଇମାସ ଧରି ଚାଲିବ। ଏଥିପାଇଁ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆବେଦନକାରୀମାନେ ପଞ୍ଚାୟତରେ ଅଫଲାଇନ୍‌ରେ କିମ୍ବା ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରତି ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମରେ ସଚେତନ କରିସାରିଛି। ପୂର୍ବରୁ ଥିବା ନିୟମକୁ ଏବେ କେନ୍ଦ୍ର ସରକାର କୋହଳ କରିଛନ୍ତି। ବାଇକ୍, ଫ୍ରିଜ୍ ଥିଲେ ମଧ୍ୟ ଆବେଦନ କରିପାରିବେ କିନ୍ତୁ ମାସିକ ୧୫ ହଜାରରୁ କମ ଆୟ ଥିବା ପରିବାର ଏଥିପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ବାପାଙ୍କ ଠାରୁ ଭିନ୍ନ ହୋଇଥିବା ପୁଅ ବି ଆବେଦନ କରିପାରିବେ। ଏପିରିକି ସ୍ୱାମୀ ଠାରୁ ଅଲଗା ରହୁଥିବା ମହିଳା ମଧ୍ୟ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ହିତାଧିକାରୀ ମଧ୍ୟ ନୂଆ ଆବେଦନ କରିପାରିବେ ବୋଲି ବିଡିଓ ସାହୁ କହିଛନ୍ତି। ବିଡିଓଙ୍କ ଟ୍ରାଏଲ ସର୍ଭେ କାର୍ଯ୍ୟକ୍ରମରେ ବିପିଏ ବିକାଶ ଚାନ୍ଦ ଓ ଖଣ୍ଡୋକଟା ପିଇଓ ଆଶିଷ ତଣ୍ଡକର ସାମିଲ ହୋଇଥିଲେ।

## ନରୁଡ଼ାରେ ଟିମ୍ ସିଡ୍‌ସର କୃଷି ମେଳା

ପିପିଲି (ନିପ୍ର): ଶୁକ୍ରବାର ଦିନ ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ନରୁଡା ଗ୍ରାମରେ ଫୁଲକୋବି ଚାଷ ଉପରେ କୃଷି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଶୁକ୍ରବାର ମଧ୍ୟାହ୍ନରେ ନରୁଡା ଗ୍ରାମରେ ଟିମ୍ ସିଡ୍‌ସ ତରଫରୁ ଏକ କୃଷି ମେଳା ବୈଠକରେ ଜଗତ ଜୀବନ ମିଶ୍ର ,ଅକ୍ଷୟ ମାଝି ଓ ବନମାଳି ରାଉତ ପ୍ରମୁଖ ଯୋଗଦେଇ ଚାଷୀ ମାନଙ୍କୁ ହ୍ୱାଇଟ ଫ୍ଲାୱର ଫୁଲକୋବି ଉପରେ ଚାଷ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ନରୁଡା ଗ୍ରାମରେ ଚାଷୀ ବିରଞ୍ଚି ସାହୁ ,ଅଜୟ ରାଉତ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ମୁରୁଡି ଫୁଲକୋବି ଚାଷ କରି ଲାଭବାନ ହୋଇଥିବାରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଏହି ଉତ୍ସବ ଅପରାହ୍ନ ୩ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା।

## ଗୋପବନ୍ଧୁ ନଗର ପ୍ରେସ କ୍ଲବର ବାର୍ଷିକ ଉତ୍ସବ

ବଡ଼ସାହି (ନିପ୍ର): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ପ୍ରେସ କ୍ଲବର ଷଷ୍ଠ ବାର୍ଷିକ ଉତ୍ସବ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡିଓ ପୃଥ୍ୱିରାଜ ପରିଡା, ମୁଖ୍ୟବକ୍ତା ବ୍ଲକ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବଳ ଦାସ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଅଗ୍ରୱାଲା ପ୍ରମୁଖ ଯୋଗ ଦେଇ ସମାଜ ଗଠନରେ ଗଣ ମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଗଣ ମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ।

## ଜୁଣୁପୁରୁରେ ମା'ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା

ଚାରିଛକ,( ନିପ୍ର): ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଜୁଣୁପୁରୁ ଗ୍ରାମରେ ମା ଲକ୍ଷ୍ମୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ସହିତ ବିଶ୍ୱର କଲ୍ୟାଣ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ଶ୍ରୀଧର ବାବା ଓ ନନ୍ଦ ବାବା ଗୁରୁ କୌପୁନି ଗ୍ରହଣ କରିଥିଲେ ।ଏହି ଗୁରୁ ଗ୍ରହଣ କାର୍ଯ୍ୟକ୍ରମରେ ମହନ୍ତ ମହାରାଜ ନେମାଳ ଅଚ୍ୟୁତାନନ୍ଦ ଗନାନନ୍ଦ ଗୋସ୍ୱାମୀ , ଯଶୋମନ୍ତ ଗାଦି ର ପ୍ରଶାନ୍ତ ବଲ୍ଲଭ ,ଟୋଲା ଗୋପୀନାଥ ପୁର ସୁକାନ୍ତ ବାବା ,ନିମାଇଁ ଚରଣ ଦାସ, କରାଙ୍ଗ କୀର୍ତ୍ତନ ବାବା, କୁସୁନ ପୁର ବିପିନ ବାବା ସହିତ ବିଭିନ୍ନ ମଠ ମନ୍ଦିରରୁ ବହୁ ସାଧୁବାବା ଯୋଗଦେଇଥିଲେ । ଏହି ଗୁରୁ ଗ୍ରହଣ କୌପୁନି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁ ବାବାମାନେ ପ୍ରଥମେ ଚାରିଛକ ସ୍ଥିତ ଏକାନ୍ତ ଆଶ୍ରମ ଠାରୁ ବାବା ମାୟାଧର ଦାସଙ୍କୁ ବନ୍ଧାପନା ପୂଜା ସାରି ସ୍ୱତନ୍ତ୍ର ନାମ କୀର୍ତ୍ତନସହ ଏକ ପଟୁଆରରେ ଜୁଣୁପୁରୁ ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିଥିଲେ। ପରେ ଗୁରୁଙ୍କୁ ବନ୍ଦାପନା ସାରି ଗୁରୁ ଓ କୌପୁନି ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ହିଞ୍ଜିଳିରେ 'କମେଡି ଇନ୍ ଖାକି' ପୁସ୍ତକକୁ ବିରୋଧ




ହିଞ୍ଜିଳିକାଟୁ,(ନିପ୍ର): ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ପ୍ରକାଶ ମିଶ୍ରଙ୍କ ଲିଖିତ 'କମେଡି ଇନ୍ ଖାକି' ପୁସ୍ତକକୁ ହିଞ୍ଜିଳିରେ ଜୋରଦାର ବିରୋଧ ହୋଇଛି। ଏହି ପୁସ୍ତକରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ କିଛି ମିଛ ଓ କପୋଳକଳ୍ପିତ କାହାଣୀ ବର୍ଣ୍ଣିତ ହୋଇଥିବା ଦାବି କରି ହିଞ୍ଜିଳି ଅଞ୍ଚଳର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ ଏହାକୁ ନାପସନ୍ଦ କରିବା ସହିତ ଲେଖକ ଶ୍ରୀ ମିଶ୍ରଙ୍କ ବିରୋଧରେ ନାରାବାଜି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ଠାରୁ ଏକ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ଛକ ଠାରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଲୋକେ ନାରାବାଜି କରିବା ସହିତ ପ୍ରକାଶ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ବିଧାୟକଙ୍କ ଜିଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ନଗର ସଭାପତି ହୃଦୟାନନ୍ଦ ମହାପାତ୍ର, ବ୍ଲକ ସଭାପତି ଦୁର୍ଗା ମାଧବ ମହାନ୍ତି, ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ପୌର ପରିଷଦ ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ଜିଲା ପରିଷଦ ସଭ୍ୟ ପ୍ରୀତି ସାହୁ, ବାଇ. ଗୀତାଞ୍ଜଳି, ବ୍ଲକ ଛାତ୍ର ବିଜେଡ଼ି ସଭାପତି ଅନିଲ କୁମାର ସ୍ୱାଇଁ, ବିଜେଡ଼ି ନେତା ଅଜୟ କୁମାର ମହାରଣା, ନୀଳମଣି ପଟ୍ଟନାୟକ, ରୋହିତ ବିଷୋୟୀ, ସଞ୍ଜୟ ସ୍ୱାଇଁ ଓ କାଉନସିଲର ବିଭୁ ପ୍ରସାଦ ପଣ୍ଡା,ବସନ୍ତ ବେହେରାଙ୍କ ସମେତ ବହୁ ରାଜନେତା ଓ ସମାଜସେବୀ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭ୍ୟାସ



ବୁଗୁଡା(ନିପ୍ର) : ଚଳିତ ବର୍ଷ ବୁଗୁଡ଼ା ଏନଏସି ଏବଂ ଶ୍ରୀକର ଭଞ୍ଜ ଓପନ୍ କ୍ରିୟୁର ମିଳିତ ଆନୁକୁଲ୍ୟରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ହେବାକୁ ଯାଉଥିବା ବେଳେ ସେହି ଉପଲକ୍ଷେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭ୍ୟାସ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାଯାଇଛି। ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ୍, ଛାତ୍ର ଓ ଛାତ୍ରୀଙ୍କ ଭିନ୍ନ ଭିନ୍ନ ଦଳ ପିପୁଲ୍ସ କଲେଜ ପିଇଟି କ୍ରିଷ୍ଣାରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ମିଳିତ ପ୍ୟାରେଡ୍ ଅଭ୍ୟାସ କରୁଥିବା ବେଳେ ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅନ୍ୟାନ୍ୟ କ୍ରୀଡା ଶିକ୍ଷକଙ୍କ ସହଯୋଗ ଦେଖିବାକୁ ମିଳିଛି।

## ଶୀଘ୍ର ଘୋଷଣା କରାଯାଉ ପିସିସି ସଭାପତିଙ୍କ ନାମ

# କର୍ମୀଠୁ ନେତା ସମସ୍ତେ ଅପେକ୍ଷା କରିଛନ୍ତି: ସୋଫିଆ ଫିର୍ଦ୍ଦୋସ

କଟକ,(ନିପ୍ର): ରାଜ୍ୟର ୨ ଜାତୀୟ ଦଳ ବିଜେପି ଓ କଂଗ୍ରେସର ସଭାପତି କିଏ ହେବ ତାହାକୁ ନେଇ ଦ୍ୱନ୍ଦ ଲାଗି ରହିଛି । ରାଜ୍ୟର ପରବର୍ତ୍ତୀ ବିଜେପି ସଭାପତି କିଏ ହେବ, ନିର୍ବାଚନ ପରଠାରୁ ଗତ ୭ ମାସ ହେଲା ଏହି ଚର୍ଚ୍ଚା ଲାଗି ରହିଛି । ଆଉ ଅନ୍ୟପଟେ ପ୍ରାୟ ୮ ମାସ ହେବ ପିସିସି ସଭାପତି ଚୌକି ଫାଙ୍କା ପଡ଼ିଛି । ମାସ ପରେ ମାସ ଗଡ଼ି ଚାଲିଥିଲାବେଳେ ରାଜ୍ୟରେ କଂଗ୍ରେସ ମୁଖିଆ ପଦରେ କାହାକୁ ନିଯୁକ୍ତି ଦିଆଯାଇ ପାରିନାହିଁ। ପିସିସି ସଭାପତି ନାମ ଘୋଷଣାରେ ବହୁତ ବିଳମ୍ବ ହୋଇଗଲାଣି। ଏହିଭଳି ପ୍ରତିକ୍ରିୟା ରଖିଛନ୍ତି ବାରବାଟୀ କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଷ। ସେ କହିଛନ୍ତି, ଯାହାକୁ ବି ସଭାପତି କରିବାର ଅଛି, ଶୀଘ୍ର ନାମ ଘୋଷଣା କରାଯାଉ। ସଭାପତି ନାମ ଘୋଷଣାକୁ ନେଇ କର୍ମୀଠାରୁ ନେତା ଅପେକ୍ଷା କରି ରହିଛନ୍ତି । ଯିଏ ବି ପିସିସି ସଭାପତି ହେବ, ତାଙ୍କୁ ମୋର ସମର୍ଥନ ରହିବ ବୋଲି ସୋଫିଆ କହିଛନ୍ତି । ନୂଆ ସଭାପତିଙ୍କ ନାମ ଘୋଷଣା କରାଗଲେ ଦଳ ମଜବୁତ ହେବା ସହ ସରକାରଙ୍କ ଉପରେ ଚାପ ପକାଇ ହେବ ବୋଲି ମଧ୍ୟ ସୋଫିଆ କହିଛନ୍ତି । ସୂଚନାଯୋଗ୍ୟ ୮ମାସ ହେବ ପିସିସି ସଭାପତି ଚୌକି ଫାଙ୍କା ପଡ଼ିଛି । ମାସ ପରେ ମାସ ଗଡ଼ି ଚାଲିଥିବାବେଳେ ରାଜ୍ୟରେ କଂଗ୍ରେସ ମୁଖିଆ ପରେ କାହାକୁ ନିଯୁକ୍ତି ଦିଆଯାଇପାରିନାହିଁ । ଏଆଇସିସି ପିସିସିର ସମସ୍ତ କମିଟିକୁ ଭଙ୍ଗ କରିଥିବାରୁ ରାଜ୍ୟରେ କଂଗ୍ରେସ ସଂଗଠନ ସଂପ୍ରତି ସୁପ୍ତ ହୋଇ ରହିଛି । କିଛି ଦଳୀୟ ନେତା ନିଜ ନିଜ ପ୍ରଚେଷ୍ଟାରେ ସଂଗଠନ ଚଳାଉଥିବା ଦେଖାଦେଇଛି । ଗତ ଜୁଲାଇ ୨୧ରେ ପିସିସିର ସମସ୍ତ କମିଟିକୁ ଏଆଇସିସି ଭଂଗ କରିଥିଲା। ୨୦୨୪ ସାଧାରଣ ନିର୍ବାଚନରେ ଆଶାନୁରୂପ ସଫଳତା ମିଳି ନଥିବାର ହାଇକମାଣ୍ଡ ଦଳର ସମସ୍ତ ଛାମୁଆ କମିଟି ଭଂଗ କରିଥିଲେ । ତେବେ ନୂଆ ନେତା ସନ୍ଧାନରେ ଏଆଇସିସି ଦୀର୍ଘ ୭ ମାସ ହେବ କସରତ ଜାରି ରଖିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନିଷ୍କର୍ଷ ବାହାରି ପାରୁନାହିଁ।

## କନ୍ୟା ସନ୍ତାନର ସୁରକ୍ଷା ସମ୍ମାନ କାର୍ଯ୍ୟକ୍ରମ

ଶେରଗଡ(ନିପ୍ର): ଶେରଗଡ଼ ବ୍ଲକସ୍ଥିତ ମିଶନଶକ୍ତି ସଭା ଗୃହରେ କନ୍ୟା ସନ୍ତାନ ସୁରକ୍ଷା ଓ ଶିକ୍ଷା ଅଧିକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥଲେ। ସିଡିପିଓ ମମତାଞ୍ଜଳୀ ପଣ୍ଡାଙ୍କ ସଂଯୋଜନାରେ ବିଡ଼ିଓ ଦାୟିତ୍ୱରେ ତ୍ରିଦେବ ରଥ ଯୋଗ ଦେଇଥିଲେ। ଶିଶୁ କନ୍ୟା ଲିଙ୍ଗଗତ ଅସାମନତା ଦୁର କରିବା କନ୍ୟା ସନ୍ତାନର ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ଜାରି ରଖିବା, କନ୍ୟା ସନ୍ତାନଙ୍କୁ ଉଚ୍ଚ ଶିକ୍ଷିତ କରାଇବା, ଉପଯୁକ୍ତ ପୃଷ୍ଟି କରଣକୁ ଗୁରୁତ୍ୱ ଦେବା କିଶୋରୀ ବାଳିକାଙ୍କ ପାରିପାର୍ଶ୍ୱିକ ସୁରକ୍ଷା ଯୋଗାଇବା ଉପରେ ବ୍ୟାପକ ସଚେତନତା କରିବାକୁ କୁହାଯାଇଥିଲା।

ତିଥି : (ଏକାଦଶୀ ): (ଅନୁରାଧା ବିଛା )
ଅମୃତ ବେଳା : ଦି ଘ.୯।୨୩ ଗତେ ଦି ଘ.୧୨।୨୩ ମଧ୍ୟେ

## ଆଜିର ଅନୁଚିନ୍ତନ

ତେଣୁ ଶାସ୍ତ୍ରମତେ ସଦା କରିଯାଅ କର୍ମ
ଯେଣୁ କର୍ମଯୋଗୀ କର୍ମ ତ୍ୟାଗୀଠୁ ମହାନ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଶୃଙ୍ଖଳାରକ୍ଷା ହିଁ ଗରିମା

ଆଗାମୀ ଫେବୃଆରୀ ୧୩ରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ପୁଣି ବଜେଟ ଉପସ୍ଥାପିତ ହେବ ୧୭ରେ । ୨୯ରେ ଆସିବ ବ୍ୟୟମଂଜୁରୀ ବିଲ୍ । ନିକଟରେ ବାଚସ୍ପତି ତାଗିଦ କରିଛନ୍ତି ଯେ ବିରୋଧୀ ଦଳ ବିଧାନସଭାରେ ବିଶୃଙ୍ଖଳା ଆଚରଣ କରନ୍ତି,ତେବେ ତାହାକୁ ବରଦାସ୍ତ କରାଯିବ ନାହିଁ । ଏଣେ ଶାସକ ଦଳ କହିଛି ଶୃଙ୍ଖଳା ରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ଦରକାର । ଏହି ସବୁ ବିବୃତି ସ୍ପଷ୍ଟ କରେ ଯେ ଶୃଙ୍ଖଳା ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନଙ୍କ ଠାରେ ରହିବା ସର୍ବାଦୌ ଆବଶ୍ୟକ ।

ଶୃଙ୍ଖଳା ବ୍ୟତିରେକ ଅନ୍ୟ ବିକଳ୍ପ ହିଁ ନାହିଁ । ଏକଥା ସତ ଯେ ସରକାରଙ୍କ ଦୋଷଦୁର୍ବଳତାକୁ ବିରୋଧୀଙ୍କ ପକ୍ଷେ ସମାଲୋଚନା ଅବା କଟାକ୍ଷ କରିବା ସ୍ୱାଭାବିକ । ମାତ୍ର ତାହା ଉପସ୍ଥାପନ ବେଳେ ଶାଳୀନତା ତଥା ସୌଜନ୍ୟତା ବଜାୟ ରଖିବା ଦରକାର,ନଚେତ୍ ସବୁ ଅସାର ହୋଇଯିବା ସାର । ମାତ୍ର ଦୁର୍ଭାଗ୍ୟର ବିଷୟ ପୂର୍ବରୁ ଦୁଇଟିଯାକ ଅଧିବେଶନରେ ବିଶୃଙ୍ଖଳା ଲକ୍ଷ୍ୟ କରାଯାଇଛି । ଜୁଲାଇରେ ଅନୁଷ୍ଠିତ ଅଧିବେଶନରେ ବାଚସ୍ପତିଙ୍କ ପୋଡିୟମ ପାଖକୁ ଯାଇ ହଲାପଟା କରିବା ଏପରି କି ବାଚସ୍ପତିଙ୍କ ମାଇକ ଟାଣିବା ଦୃଶ୍ୟ ମଧ୍ୟ ଘଟିଥିଲା । ପୋଲାଭରମ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକଙ୍କ ସମସ୍ୟା ଅନୁଧ୍ୟାନ ପାଇଁ ଗୃହ କମିଟି ଗଠନ କରିବାକୁ କଂଗ୍ରେସର ଜଣେ ବିଧାୟକ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ । ମାତ୍ର କଂଗ୍ରେସର ବିଧାୟକ ଜଣଙ୍କ ଅଭିଯୋଗ ଆଣିଥିଲେ ଯେ ବାଚସ୍ପତି ଏନେଇ ନିଷ୍ପତ୍ତି ଜଣାଇଲେ ନାହିଁ । ପରବର୍ତ୍ତୀ ସମୟରେ କଂଗ୍ରେସ ବିଧାୟକ ଜଣଙ୍କ ପୋଡିୟମ ନିକଟକୁ ଆସି ହୋହଲ୍ଲା କରିଥିଲେ । ଏପରିକି ସେହି ସମୟରେ ବିଧାୟକ ଜଣଙ୍କ ବାଚସ୍ପତିଙ୍କ ମାଇକ ଟାଣି ନେଇଦେଇଥିଲେ । ପୁଣି ଏକ ପ୍ରସଙ୍ଗରେ ବିରୋଧୀ ଦଳ ନେତାଙ୍କୁ ଗିରଫ ଶବ୍ଦ ଗୃହର ବିବରଣୀରୁ ବାଦ୍ ଦିଆଯାଉ ବୋଲି ବିଜେଡ଼ିର ଜଣେ ସଦସ୍ୟ ଦାବି କରିଥିଲେ । ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ ଗିରଫ ଅସାମ୍ବିଧାନିକ ଶବ୍ଦ ନୁହେଁ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିରୋଧୀ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଇବା ଉପରେ ଯେତେ ଗୁରୁତ୍ୱ ଦେବେ ସେତେ ଭଲ । ସବୁଠୁ ବଡ ଆବଶ୍ୟକ ଶୃଙ୍ଖଳା ରକ୍ଷା । ବିଶୃଙ୍ଖଳିତ ବାତାବରଣକୁ କେହି ଯଦି ଆଦରେ ତେବେ ତାହା ପଛରେ ଅଭିସନ୍ଧି ରହିବା ଦିଗ ପ୍ରତି ଅଙ୍ଗୁଳି ଆପଣାଛାଏଁ ନିର୍ଦ୍ଦେଶିତ ହୋଇଯିବ ।

ବିଧାନସଭା ଗଣତନ୍ତ୍ରର ମନ୍ଦିର । ଏହାର ଗରିମା ରକ୍ଷା ଉଭୟ ବିରୋଧୀ ଓ ଶାସକଦଳର କର୍ତ୍ତବ୍ୟ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟ ବିଧାନସଭାର ଉତ୍ତରଦ୍ୱାରରେ ନୀତିଶ୍ଳୋକ ମଣ୍ଡିତ ହୋଇ ରହିଛି । ତାହା ଏହିପରି: 'ନ ହୀଦୃଶଂ ସଂବନନଂ,ତ୍ରିଷୁ ଲୋକେଷୁ ବିଦ୍ୟତେ । ଦୟା,ମୈତ୍ରୀ ଚ ଭୂତେଷୁ, ଦାନଂ ଚ ମଧୁରୋ ଚ ବାକ୍ ।' ଅର୍ଥାତ୍ ଦୟା ବନ୍ଧୁତା,ବଦାନ୍ୟତା, ମଧୁର ବିନୟ ବଚନ ସ୍ୱର୍ଗ,ମର୍ତ୍ତ୍ୟ,ପାତାଳ ଏହିଭଳି ତିନିଲୋକରେ ବିରଳ । କେବଳ ସଦସ୍ୟମାନଙ୍କ ପାଇଁ ନୁହେଁ ସମସ୍ତଙ୍କ ପାଇଁ ଏହା ଉପଯୋଗୀ ତଥା ଆଦର୍ଶସ୍ଥାନୀୟ । ବିଧାନସଭା ଅଧିବେଶନ ଚାଲିବା ବେଳର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହେବାବେଳେ ତାହାକୁ ରାଜବାସୀ ଦେଖନ୍ତି । ଆଚରଣ, ଉଚ୍ଚାରଣ କାହାର କେମିତି ତାହା ପରଖିଥାଆନ୍ତି । ତେଣୁ ସଦସ୍ୟ ନିଜେ ନିଜକୁ ଜଗିବା ତଥା ଶୃଙ୍ଖଳା ରକ୍ଷା କରିବା ଜରୁରୀ ।

# ଯୁବବର୍ଗଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା

**ବାଦଲ ଭୂୟାଁ**

୨୦୨୫ ସୁଦ୍ଧା ଭାରତର ୫୦ ପ୍ରତିଶତ ଯୁବ ବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ସଶକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନ୍ୟାସନାଲ କ୍ରେଡିଟ ଫ୍ରେମୱାର୍କ ବିକଶିତ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନିକଟରେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଟରେ ଯୋଗ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେତେବେଳେ ଭାରତ ଜି-୨୦ର ଅଧ୍ୟକ୍ଷତା କରୁଛି, ସେହି ସମୟରେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଟ ନୂଆ ଚିନ୍ତାଧାରା ଓ ଗ୍ଲୋବାଲ ସାଉଥ ଦେଶଗୁଡ଼ିକର ବାର୍ତ୍ତାକୁ ଜି-୨୦ ମଞ୍ଚରେ ଉପସ୍ଥାପନା କରିପାରିବାର ଏକ ଭଲ ପ୍ଲାଟଫର୍ମ । ଗତ ଜି-୨୦ ସମ୍ମିଳନୀର କଥାବସ୍ତୁ ରହିଥିଲା ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ । ଯାହା ଭାରତୀୟ ବିଚାର ଓ ମୂଲ୍ୟବୋଧ ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ । ଜି-୨୦ ଶିକ୍ଷା କାର୍ଯ୍ୟକାରୀ ଗ୍ରୁପରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ଆହରଣ, ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ ଜୀବନବ୍ୟାପୀ ଶିକ୍ଷା ଆରହଣ, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଉଦ୍ଭାବନ ଓ ଗବେଷଣା ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି । ମାନବ ସମ୍ବଳ ବିକାଶ, ଦକ୍ଷତା ବୃଦ୍ଧି, ଭବିଷ୍ୟତ ପାଇଁ ଦକ୍ଷ ମାନବ ସମ୍ବଳ, ଧନ୍ଦାମୂଳକ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକର ପ୍ରଚଳିତ ସର୍ବୋତ୍ତମ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯିବ ।

ସମ୍ପୂର୍ଣ୍ଣ ମାନବ ସାମର୍ଥ୍ୟ ହାସଲ କରିବା ହିଁ ଶିକ୍ଷାର ମୂଳ ଆଧାର । ବିଶ୍ୱର ସବୁଠାରୁ ଅଧିକ ଯୁବ ବର୍ଗ ଭାରତରେ ଅଛନ୍ତି । ୧୫ ଲକ୍ଷରୁ ଅଧିକ ବିଦ୍ୟାଳୟ, ପ୍ରାୟ ଏକ ହଜାର ବିଶ୍ୱବିଦ୍ୟାଳୟ ସହ ଭାରତରେ ବିଶ୍ୱର ବିବିଧ ଶିକ୍ଷା ବ୍ୟବସ୍ଥା ରହିଛି । ଦେଶରେ ଜାତୀୟ ଶିକ୍ଷାନୀତି୨୦୨୦କୁ କାର୍ଯ୍ୟକାରୀ କରାଯାଉଛି ଯାହା ଦ୍ୱାରା ଆମ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଉଛି ।

ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାକ୍ଷର ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସଂସ୍କାର ଅଣାଯାଇଛି । ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ । ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ । ଗ୍ଲୋବାଲ ସାଉଥ ଦେଶର ସହଭାଗିତାରେ ଭାରତ ଏକବିଂଶ ଶତାବ୍ଦୀରେ ନିଜ ଦେଶଗୁଡ଼ିକରେ ସାର୍ବଭୌମିକ ଶିକ୍ଷା ଓ ମାନବ ସମ୍ବଳ ବିକାଶର ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ସୂଚନାଯୋଗ୍ୟ ଯେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀରେ ବାର୍ବାଡୋସ, କୋଷ୍ଟା ରିକା, କମନ ୱେଲଥ ଅଫ ଦି ବାହାମାସ, କ୍ୟୁବା, ଗାମ୍ବିୟା, ହନ୍ଦୁରାସି, ଲାଓ ପିପୁଲ୍ସ ଡେମୋକ୍ରାଟିକ ରିପ୍ଲବିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ, ସେଣ୍ଟ ଭିନସେଣ୍ଟ ଏବଂ ଦ ଗ୍ରନାଡାଇନ୍ସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ । ଶିକ୍ଷସ୍ତରରେ ଓଡ଼ିଶା ଆଜି ବିଶ୍ୱ ସ୍ତରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିବା ସହ ପୂର୍ବ ଭାରତର ବିକାଶରେ ଆଜି ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସଗର୍ବେ ମୁଣ୍ଡ ଟେକି ପାରିଛି । ଓଡ଼ିଶା ଶିକ୍ଷାୟନ ପାଇଁ ରହିଛି ଅପାର ସମ୍ଭାବନା । ଜାତୀୟ ଓ ଆନ୍ତର୍ଜାତିକ ନିବେଶକଙ୍କୁ ଓଡ଼ିଶା ଟାଣିବାକୁ ଭିତ୍ତିଭୂମିର ବିକାଶ ସହ ମାନବ ସମ୍ବଳକୁ ଅଧିକ ଦକ୍ଷ କରିବାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ବିକଶିତ ଓଡ଼ିଶାର ବିଶେଷକରି ଶିକ୍ଷା ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ସହ ଜାତୀୟ ଶିକ୍ଷା ନୀତିର ବ୍ୟାପକ ପରିକଳ୍ପନାର ନୂଆ ଅୟମ୍ଭାରମ୍ଭ ହୋଇଛି ଏହାର ଶ୍ରେୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କୁ ଦିଆଯିବ । ଅପାର ସମ୍ଭାବନା ଓ ପର୍ଯ୍ୟାପ୍ତ ବିକାଶର ବେଗବାନ ପ୍ରଗତିରେ ଓଡ଼ିଶା ନିଜ ସ୍ୱତନ୍ତ୍ରତା ଜାହିର କରିପାରିଛି । ଓଡ଼ିଶାର ଯୁବ ବର୍ଗ ଆଜି ଯଥେଷ୍ଟ ଅଗ୍ରଗତି କରିପାରିଛନ୍ତି ଓ ସ୍ୱାବଲମ୍ବୀ ମଧ୍ୟ ହୋଇପାରିଛନ୍ତି । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସହଯୋଗର ଗୁରୁ ଦାୟିତ୍ୱ ରହିଛି । ଦୂରଭାଷ : ୯୨୦୪୬୫୨୦୬୫

# ସନାତନ ଆସ୍ଥାର ମହାପର୍ବ : ମହାକୁମ୍ଭ

**ବିପିନ ବିହାରୀ ରାଉତ**

ସନାତନ ଓ ମହାନ ଆର୍ଯ୍ୟ ସଂସ୍କୃତିର ଆସ୍ଥାର ମହାପର୍ବ ମହାକୁମ୍ଭ ମେଳା । ଆମ ହିନ୍ଦୁ ଆଧ୍ୟାତ୍ମିକ ଚେତନାରେ ଆସ୍ଥା ଯେଉଁଠି ବିଶ୍ୱାସ ସେଇଠି । ଏହି ଆସ୍ଥା ଓ ବିଶ୍ୱାସର ସଙ୍ଗମ ହେଉଛି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ ତଟ । ଏହି ମହାପର୍ବ ମହାକୁମ୍ଭମେଳାରେ ପାଖାପାଖି ୪୦ କୋଟି ସନ୍ଥ, ଶ୍ରଦ୍ଧାଳୁ, ସାଧୁ, ଯୋଗୀ ଓ ତପସ୍ୱୀଙ୍କ ଅପୂର୍ବ ସମାଗମ ହେବାର ସମ୍ଭାବନା ରହିଛି ।

ପ୍ରୟାଗରାଜର ମହାକୁମ୍ଭର ଆଧ୍ୟାତ୍ମିକ ଚେତନା ଓ ବିକାଶର ଅପୂର୍ବ ଗାଥା ଅସୀମ ଓ ଅକଳ୍ପନୀୟ । ସମଗ୍ର ଭାରତ ବର୍ଷରେ ମହାକୁମ୍ଭ ମେଳା ଏକ ଭବ୍ୟ, ଆଧ୍ୟାତ୍ମିକ, ଧାର୍ମିକ ଆୟୋଜନର ପବିତ୍ର ଅବସର । ଏହାର ଐତିହାସିକ ଗୁରୁତ୍ୱ ସହିତ ଆଧ୍ୟାତ୍ମିକ ମହତ୍ୱ ମଧ୍ୟ ଅତୀବ ପ୍ରାଚୀନ ଯାହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଥିବାବେଳେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳାରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ସ୍ନାନ ଅନେକଙ୍କ ପାଇଁ ସ୍ମରଣୀୟ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଜୀବନାଦର୍ଶର ପବିତ୍ର ଆଲୋକବର୍ତ୍ତିକା । ଜୀବନରେ କ୍ଲେଶ, ପାପ ଓ ଜୀବନ ଚକ୍ରରୁ ମୁକ୍ତି ସହ ଜୀବନରେ ସଫଳତା ପାଇଁ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରୁ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଏହି ମହାକୁମ୍ଭରେ କିଛି କ୍ଷଣ ନିଜକୁ ହଜାଇ ଦେବା ପାଇଁ ନିଜ ଆସ୍ଥାକୁ ଦୃଢ଼ୀଭୂତ କରିବା ପାଇଁ ଛୁଟି ଆସୁଛନ୍ତି । ଏହା କେବଳ ଏକ ଧାର୍ମିକ ଆୟୋଜନ ନୁହଁ । ବିଶ୍ୱାସ, ସମର୍ପଣ, ଆସ୍ଥା, ପରମ୍ପରା, ସଂସ୍କୃତି ଓ ବିଜ୍ଞାନର ଅପୂର୍ବ ଅଦ୍ୱିତୀୟ ଓ ଉତ୍କର୍ଷର ବିରଳ ସଙ୍ଗମ । ଆଧ୍ୟାତ୍ମିକତା, ଭୂଗୋଳ ଓ ନକ୍ଷତ୍ର ବିଜ୍ଞାନର ଏହା ତ୍ରିଭୁଜ ମିଳନ କହିଲେ ଅତ୍ୟୁକ୍ତି ହେବନାହିଁ ।

ପୁରାଣର କିମ୍ବଦନ୍ତୀର ଘଟଣାବଳୀ ଆମକୁ ଯୁଗ ଯୁଗ ପାଇଁ ମାର୍ଗ ଦେଖାଏ ଯେ ସମୁଦ୍ର ମନ୍ଥନରୁ ନିର୍ଗତ ଏହି ଅମୃତ କୁମ୍ଭମେଳାକୁ ଜନ୍ମ ଦେଇଥିଲା । ଆଉ ସେହି କୁମ୍ଭରୁ ଯେଉଁ ପବିତ୍ର ଓ ଦିବ୍ୟ ଅମୃତ



ଉଛୁଳି ଯେଉଁ ସ୍ଥାନରେ ପଡ଼ିଥିଲା ସେହି ସମସ୍ତ ସ୍ଥାନରେ ହିଁ ଆୟୋଜିତ ହେଉଛି ଏହି ପବିତ୍ର ଓ ବିରଳ କୁମ୍ଭମେଳା । ଏହା ଆମ ଜୀବନ ଚେତନାକୁ ଶିକ୍ଷା ଦେବା ସହ ମାନବତାର ମାର୍ଗ ଦର୍ଶାଉଛି ଯେ ଆସ୍ଥା ଓ ବିଜ୍ଞାନ ଭିତରେ କୌଣସି ପାର୍ଥକ୍ୟ ନାହିଁ । ବରଂ ଉଭୟ ହେଉଛନ୍ତି ଜୀବନ ଆସ୍ଥାର ମିଳିତ ଯୁଗଳବନ୍ଦୀ । ଗତ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ପବିତ୍ର ମହାଶିବ ରାତ୍ରୀ ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ଭବ୍ୟ, ଦିବ୍ୟ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ କେବଳ ଏକ ଉତ୍ସବ ନୁହେଁ ମହାନ ସନାତନ ଭାରତୀୟ ଆଧ୍ୟାତ୍ମିକତା, ଏକତା ଓ ସଂସ୍କୃତିର ପ୍ରତୀକ । ଏହି ମହାକୁମ୍ଭର ଆଧ୍ୟାତ୍ମିକ ଚେତନା ଭିତରେ ଭାରତୀୟ ନକ୍ଷତ୍ର ବିଜ୍ଞାନର ଗୂଢ଼ ଚେତନାଦାୟୀ ଜ୍ଞାନ ସୂଚିତ କରିଛି କି ଯେ ଏହି କୁମ୍ଭମେଳା ସଂସ୍ଥାପନ ବା ଆୟୋଜନ କ୍ଷେତ୍ରଟି ସ୍ଥଳ ଓ ସମୟର ପ୍ରଭାବକୁ ଦୃଷ୍ଟିରେ ରଖି ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଓ ଗ୍ରହଙ୍କ ସ୍ଥିତି ଆଧାରରେ ନିର୍ଦ୍ଧାରିତ । ଆମ ପୂର୍ବସୁରୀମାନେ ଜୈବିକ ପ୍ରଭାବ ଓ ନକ୍ଷତ୍ର ବିଜ୍ଞାନର ଯେ ସଫଳତମ ଗହନ ଜ୍ଞାନର ମହାଧିକାରୀ ଥିଲେ କୁମ୍ଭମେଳା ତାର ଏକ ଆଦର୍ଶଗତ ଓ ସମ୍ପୂର୍ଣ୍ଣ ଉଦାହରଣ । ଅନେକ ହୁଏତ ଜାଣିନଥିବେ ଭୂଚୁମ୍ବକୀୟ ଉର୍ଜ୍ଜା ତତ୍ତ୍ୱ ଆଧାରରେ କୁମ୍ଭମେଳାର ଆୟୋଜନ ସ୍ଥଳ ନିରୂପିତ ହୁଏ । ପବିତ୍ର ନଦୀ ସଙ୍ଗମ କ୍ଷେତ୍ର ଗୁଡ଼ିକ ଏହି ଆଧ୍ୟାତ୍ମିକ ବିକାଶର ଅନୁକୂଳ ଓ ଜୀବନ ତତ୍ତ୍ୱର ମୂଳମନ୍ତ୍ରର ମାର୍ଗଦର୍ଶକ । ପ୍ରାଚୀନ ସମୟର ଯୋଗୀ, ମୁନି, ଋଷି, ତପସ୍ୱୀ ଓ ସାଧକମାନେ ଏ ସମସ୍ତ ସ୍ଥାନରେ ଯୋଗ, ଧ୍ୟାନ ଓ ଆତ୍ମିକ ଉନ୍ନତି ସହ ବିଶ୍ୱର କଲ୍ୟାଣ ପାଇଁ ଉପଯୁକ୍ତ ଉର୍ଜ୍ଜା ପ୍ରବାହକୁ ଅନୁଭବ କରି ଏଗୁଡ଼ିକୁ ତାଙ୍କ ଦୂରଦୃଷ୍ଟିର ସଙ୍କଳ୍ପରେ ଘୋଷଣା କରିଥିଲେ । ସେହିପରି ଆଜିର ବୈଜ୍ଞାନିକ ତତ୍ତ୍ୱକୁ ମଧ୍ୟ ଏଠାରେ ଅବତରଣ କରାଯାଇପାରେ । କାରଣ ବୈଜ୍ଞାନିକ କାରଣ ଦୃଷ୍ଟିରୁ ଟିକିଏ ନିରିଖେଇ ଦେଖିଲେ ମାନବ ଶରୀର ଉପରେ କୁମ୍ଭମେଳା ଗ୍ରହ ଓ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବକୁ ବୁଝିବାର ପ୍ରକୃଷ୍ଟ ଓ ଉତ୍କୃଷ୍ଟ ସମୟ । ବାୟୋ ମାଗ୍ନେଟିଜିମ ତତ୍ତ୍ୱ ଅନୁସାରେ ଆମ ଶରୀର ଚୁମ୍ବକୀୟ କ୍ଷେତ୍ରର ଉତ୍ସର୍ଜନ କରେ ଓ ଏହା ବାହ୍ୟ ଉର୍ଜ୍ଜା କ୍ଷେତ୍ର ଦ୍ୱାରା ପ୍ରଭାବିତ । ପବିତ୍ର ସଙ୍ଗମ ସ୍ଥଳ କୁମ୍ଭରେ ଧ୍ୟାନ ଓ ସ୍ନାନ ସମୟରେ ଅନୁଭୂତ ଶାନ୍ତି ଓ ସକାରାତ୍ମକ ଉର୍ଜ୍ଜା ପ୍ରଭାବ ଆମ ଜୀବନ ଚେତନାକୁ ଆହୁରି ପବିତ୍ର ଓ ଜୀବନ ଆଗେଇ ନେବା ପାଇଁ ଦୃଢ଼ ସଞ୍ଜୀବନୀର ଆଲୋକ ଦେଖାଏ । କେବଳ ଏତିକି ନୁହେଁ ଗ୍ରହଙ୍କ ସ୍ଥିତିଚକ୍ରକୁ ଦେଖିଲେ ଏ ସବୁରେ ଆଧ୍ୟାତ୍ମିକ ମହତ୍ୱ ମଧ୍ୟ ଯେ ରହିଛି ତାହା ନୁହଁ ବୈଜ୍ଞାନିକ ଚିନ୍ତା ଚେତନା ଦୃଷ୍ଟିରୁ ଏହା ମାନବ ଓ ପୃଥିବୀ ଉପରେ ପଡୁଥିବା ପ୍ରଭାବକୁ ମଧ୍ୟ ଦର୍ଶାଏ । ନାକ୍ଷତ୍ରିକ ତତ୍ତ୍ୱ ଚେତନା ସୂଚିତ କରେ ଯେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିର ସ୍ୱତନ୍ତ୍ର ସଂଯୋଗ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଉଜ୍ଜୀବିତ ପୂର୍ବକ ପ୍ରଭାବିତ କରେ । ଏହି ନକ୍ଷତ୍ର ବିଜ୍ଞାନ ସଂଯୋଗ ସମୟରେ କୁମ୍ଭ ସ୍ଥାନରେ ଉଭୟ ବିଜ୍ଞାନ ଓ ଆଧାତ୍ମର ସମନ୍ୱୟ ହୋଇଥାଏ ।

କୁମ୍ଭମେଳା ସଂପର୍କରେ ଆଲୋଚନା କଲାବେଳେ ଭାରତୀୟ ପୌରାଣିକ କାହାଣୀ ମଧ୍ୟ ଆମ ମାନସ ପଟ୍ଟକୁ ଆସେ । ସମୁଦ୍ର ମନ୍ଥନରୁ ପ୍ରାପ୍ତ ହୋଇଥିବା ଅମୃତ କୁମ୍ଭ ସହିତ ଏହାର ସମ୍ବନ୍ଧ ରହିଛି । ଯେଉଁ କୁଣ୍ଡରୁ ଅମୃତ ପୃଥିବୀ ପୃଷ୍ଠର ଯେଉଁ ପବିତ୍ର ସ୍ଥାନରେ ଭୂପତିତ ହୋଇଥିଲା ସେହି ସ୍ଥାନରେ ପ୍ରତି ବାର ବର୍ଷରେ ପୂର୍ଣ୍ଣ କୁମ୍ଭମେଳା ଅନୁଷ୍ଠିତ ହୋଇ ଆସୁଛି । ଅଗ୍ନି ପୁରାଣ ଓ ମତ୍ସ୍ୟ ପୁରାଣରେ ସଙ୍ଗମର ପ୍ରୟାଗରାଜକୁ ସଙ୍ଗମର ତୀର୍ଥରାଜ ଭାବେ ବର୍ଣ୍ଣନା କରାଯାଇଛି । ଚୀନର ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ପ୍ରୟାଗରାଜର ଏହି ଭବ୍ୟ ଆୟୋଜନ ସମ୍ପର୍କରେ ଉଲ୍ଲେଖ ରଖିଛନ୍ତି । ସେହିପରି ପ୍ରାଚୀନ ଶିଳାଲେଖାର ପ୍ରାମାଣିକ ତଥ୍ୟ ମଧ୍ୟ ସୂଚୀତ କରେ ଯେ ଗୁପ୍ତଯୁଗ ଓ ମୌର୍ଯ୍ୟଙ୍କ ସମୟରେ ମଧ୍ୟ ଏହି ପବିତ୍ର କୁମ୍ଭମେଳାର ଅସ୍ତିତ୍ୱ ରହିଥିଲା । ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର କୁମ୍ଭମେଳାର ପବିତ୍ରତାକୁ ସ୍ୱୀକୃତି ଓ ମାନ୍ୟତା ଦେଇଥିଲେ । ଏହାର ଐତିହାସିକ ତଥ୍ୟ ଅବୁଲ ଫଜଲଙ୍କ ପୁସ୍ତକ 'ଆଇନ-ଏ-ଆକବରୀ'ରେ ଉଲ୍ଲେଖ ରହିଛି । ୧୮୫୮ରେ ଇଂରେଜ ସରକାର ଏହାକୁ ସ୍ୱୀକୃତି ଦେଇଥିଲେ କିନ୍ତୁ ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ୧୯୫୪ ମସିହାର କୁମ୍ଭମେଳା ବିଶେଷ ଭାବେ ଆରମ୍ଭ ହୋଇଥିଲା ।

(ପ୍ରଥମ ଭାଗ) ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,

# ଏକ୍ସରୁ ଟିକ୍ ଟକ୍ ପର୍ଯ୍ୟନ୍ତ

**ଅସିତ ମହାନ୍ତି**

"ଯେହେତୁ ଟ୍ରମ୍ପ ୨ ଥର ରାଷ୍ଟ୍ରପତି ହୋଇପାରିଛନ୍ତି , ତାହେଲେ ପରବର୍ତ୍ତୀ ରାଷ୍ଟ୍ରପତି ପାଇଁ ଏଲନ ମସ୍କ ନିଜର ମଞ୍ଚ ତିଆରି କରୁଛନ୍ତି କି ? ଫେସବୁକ ଆମେରିକାର , ଇଉଟିଉବ ନିଜର ଇନ୍ଷ୍ଟଗ୍ରାମ ନିଜର ଏବଂ ବର୍ତ୍ତମାନ ଟିକଟକ ଉପରେ ଆଖି ଯାହାକୁ କ୍ରୟ କରିବାକୁ ଯାଉଛି । ଅର୍ଥାତ, ସମ୍ପୂର୍ଣ୍ଣ ତଥ୍ୟ ପୂରା ବିଶ୍ୱରେ ପ୍ରସାର ପ୍ରଚାର କରିବା ପାଇଁ ଆଉ କାହା ଉପରେ ନିର୍ଭର କରିବାକୁ ପଡିବ ନାହିଁ । ଟିକଟକର ଆମେରିକା ରାଜସ୍ୱ ୨୦୨୧ - ୨୦୨୫ ମଧ୍ୟରେ ୧୦ ବିଲିଅନ ଡଲାର ।

ବର୍ତ୍ତମାନ ସମଗ୍ର ବିଶ୍ୱରେ କେବଳ ଗୋଟିଏ ଆଲୋଚନା ହେଉଛି, ଏବଂ ତାହା ହେଉଛି ଟ୍ରମ୍ପଙ୍କ ଶପଥ ଏବଂ ଏଥିରେ କିଏ ଅଂଶଗ୍ରହଣ କରୁଛନ୍ତି । ଅନ୍ୟପକ୍ଷରେ, ଟ୍ରମ୍ପ ଏବଂ ଏଲନ୍ ମସ୍କଙ୍କ ବିଷୟରେ ଆଉ ଏକ ଆଲୋଚନା ହେଉଛି । ଉଭୟେ ସୋସିଆଲ ମିଡିଆର ସର୍ବୋତ୍ତମ ବ୍ୟବହାର କିପରି କରାଯାଇପାରେ ,ତାହା ବୁଝିଥିଲେ । ସାଧାରଣତଃ ଲୋକମାନେ ସୋସିଆଲ ମିଡିଆର ଅସୁବିଧା ବିଷୟରେ ଆଲୋଚନା କରନ୍ତି, କିନ୍ତୁ ଏହି ଦୁଇ ବ୍ୟବସାୟୀ ଆମେରିକାର ନିର୍ବାଚନରେ ସମଗ୍ର ବିଶ୍ୱକୁ ସୋସିଆଲ ମିଡିଆର ଲାଭ କ'ଣ ଏବଂ ଏହାକୁ କିପରି ବ୍ୟବହାର କରାଯାଇପାରିବ ତାହାର ପ୍ରମାଣ ଦର୍ଶାଇଛନ୍ତି । ଦୁନିଆକୁ ଶାସନ କରୁଥିବା ଟ୍ରମ୍ପ ଏବଂ ତାଙ୍କ ପଛରେ ନାଚୁଥିବା ଏଲନ୍ ମସ୍କ ଉଭୟ ବିଜ୍ଞାପନର ଗଣିତକୁ ଭଲ ଭାବରେ ବୁଝନ୍ତି । ଏଲନ୍ ମସ୍କ ଟ୍ୱିଟରକୁ (ବର୍ତ୍ତମାନ ଏକ୍ସ)ଯେତେବେଳେ ୪୪ ବିଲିୟନ ଡଲାରରେ କିଣିଥିଲେ, ତାଙ୍କ ମନରେ କିଛି ଚାଲିଥିଲା, ଯାହା ସେ ଆମେରିକା ନିର୍ବାଚନରେ ପ୍ରକାଶ କରିଥିଲେ । ଏହାପୂର୍ବରୁ ଟ୍ରମ୍ପଙ୍କ ସହ ଯୋଗାଯୋଗ ବିଭେଦ ହେତୁ ଟ୍ରମ୍ପଙ୍କୁ ଟ୍ୱିଟରରୁ ହଟାଇ ଦିଆଯାଇଥିଲା । କିନ୍ତୁ ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ପୁନର୍ବାର ଟ୍ୱିଟରରେ ପ୍ରବେଶ କରାଇଥିଲେ । ମସ୍କ ନିଜ ସହିତ ଟ୍ରମ୍ପଙ୍କୁ ମହାନ କରିଥିଲେ । ବାସ୍ତବରେ, ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପୂର୍ବରୁ ଅର୍ଥାତ୍ ୧୯ ତାରିଖ




ରେ, ଏକ ବାର୍ତ୍ତା ଦେଖାଗଲା - 'ଦୁଃଖିତ, ଟିକ୍ ଟକ୍ ବର୍ତ୍ତମାନ ପାଇଁ ଆଉ ଉପଲବ୍ଧ ନାହିଁ' ଯାହାର ଅର୍ଥ ଆପଣ ଆଉ ଟିକ୍ ଟକ୍ ବ୍ୟବହାର କରିପାରିବେ ନାହିଁ । ଜଣେ ପ୍ରଶ୍ନ କରିପାରେ ଯେ ଟିକ୍ ଟକ୍ ବିଷୟରେ ଏହି ବାର୍ତ୍ତା ଆମେରିକାରେ କାହିଁକି ଭାଇରାଲ ହେଉଛି ? ବାସ୍ତବରେ, ଆମେରିକାର କୋର୍ଟ ଜାନୁଆରୀ ୧୯ର ଏକ ସମୟସୀମା ଦେଇସାରିଛନ୍ତି ଯେ ଟିକ୍ ଟକ୍ ବନ୍ଦ ହେବ । ଆପଲ୍ ଗ୍ରାହକଙ୍କୁ ଏହି ବିଷୟରେ ସୂଚନା ପଠାଇଛି । ଟ୍ରମ୍ପଙ୍କ ଶପଥ ଗ୍ରହଣ ସହିତ ଏହାର କ'ଣ ସମ୍ପର୍କ ଅଛି ? ଆମେରିକାରେ ରାଷ୍ଟ୍ରପତି ଯିଏ ବି ହୁଅନ୍ତୁ ନା କାହିଁକି, ସେ ନିଜ ଦେଶ ପାଇଁ କାମ କରନ୍ତି । ଆମେରିକାକୁ କିପରି ମହାନ କରିବେ ତାହା ସେମାନେ ଜାଣନ୍ତି । ସେ ବାଇଡେନ କିମ୍ବା ଟ୍ରମ୍ପ ହୁଅନ୍ତୁ ଦୁନିଆରେ ଆମେରିକାର ପ୍ରାଧାନ୍ୟକୁ କିପରି ବଜାୟ ରଖିବେ ତାହା ସେମାନେ ଜାଣନ୍ତି । ତେଣୁ ଟିକ୍‌ଟକ୍ ବିଷୟରେ, ଟ୍ରମ୍ପ ମସ୍କ ଏବଂ ଶପଥ ଗ୍ରହଣ ସମାରୋହ ମଧ୍ୟରେ କ'ଣ ସମ୍ପର୍କ ରହିଛି ତାହା ଜାଣିବା ଜରୁରୀ ଅଟେ । ପ୍ରକୃତରେ ଟ୍ରମ୍ପ ଚୀନ୍ ରାଷ୍ଟ୍ରପତିଙ୍କୁ ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରିଥିଲେ । ଯେଉଁମାନଙ୍କୁ ଟ୍ରମ୍ପ ବିରୋଧ କରିଥିଲେ ସେମାନଙ୍କୁ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଉଛି, କିଛି ଅଜବ ଲାଗୁଛି । ଯେଉଁମାନେ ଜିନ୍ ସିଙ୍ଗ୍ ପିଙ୍ଗଙ୍କୁ ଦୁର୍ବ୍ୟବହାର କରି ନିର୍ବାଚନରେ ଜିତିଥିଲେ, ଏଭଳି ପରିସ୍ଥିତିରେ ଆମେରିକା ଯିବା ଭୁଲ୍ ହେବ ଏବଂ ସେମାନଙ୍କ ଦେଶର ଲୋକମାନେ ମଧ୍ୟ ଆପତ୍ତି କରିବେ । ଏହି ସମୟରେ ଟ୍ରମ୍ପ ଜିନ୍ ପିଙ୍ଗଙ୍କୁ ଡାକି କହିଲେ, ତୁମେ ଆସୁନାହଁ, ଠିକ ଅଛି, କିନ୍ତୁ ମୁଁ ତୁମ ସହିତ କିଛି ବିଷୟରେ କହିବାକୁ ଚାହୁଁଥିଲି । ଏଠାରେ ଗୋଟିଏ କଥା ସ୍ପଷ୍ଟ କରିବା ଜରୁରୀ, ଯିଏ ରାଷ୍ଟ୍ରପତି ଆମେରିକାରେ ହୁଅନ୍ତୁ ନା କାହିଁକି , ସେ ଜଣେ ବ୍ୟବସାୟୀ ଅଟନ୍ତି । ସମଗ୍ର ବିଶ୍ୱରେ ପୁଞ୍ଜିବାଦକୁ ବଜାୟ ରଖିବା ପାଇଁ ଆମେରିକା ସମ୍ପୂର୍ଣ୍ଣ ସମର୍ଥନ ଯୋଗାଏ ଏବଂ ପୁଞ୍ଜିବାଦ ଦ୍ୱାରା ସମର୍ଥିତ ଏକ ସରକାର ଚଳାଇଥାଏ । କମ୍ପାନୀଗୁଡିକ ଚଳାଇବା, ସେମାନଙ୍କୁ ପ୍ରାଧାନ୍ୟ ଦେବା ପାଇଁ ଏହି ସରକାର ଗଠନ କରାଯାଇଛି । ସେଠାରୁ ସମଗ୍ର ବିଶ୍ୱକୁ ଶାସନ କରିବା ପାଇଁ ଦୁନିଆର ସମସ୍ତ ବ୍ୟବସାୟୀ ଏକତ୍ର ହୋଇଥିଲେ । ଯେତେବେଳେ ସି ଜିନପିଙ୍ଗ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇନଥିଲେ, ସେତେବେଳେ ଟ୍ରମ୍ପ ତାଙ୍କ ସହ ଫୋନରେ କଥା ହୋଇଥିଲେ । ଏହାର କାରଣ କ'ଣ ? ଟ୍ରମ୍ପ ତାଙ୍କ କାର୍ଯ୍ୟକ୍ରମରେ କେବଳ ସେହି ଦେଶଗୁଡ଼ିକୁ ଆମନ୍ତ୍ରଣ କରିଥିଲେ ଯେଉଁମାନେ ତାଙ୍କର ପ୍ରତିଯୋଗୀ । ସେ କହିଲେ ଆପଣମାନେ ଆସନ୍ତୁ ଏବଂ ଆପଣମାନଙ୍କ ସହିତ କିପରି ବ୍ୟାପାର କରାଯିବ ସେ ବିଷୟରେ ଆଲୋଚନା କରିବା । ଏହା ପଛରେ ଥିବା ମସ୍ତିଷ୍କ ହେଉଛି ଏଲନ ମସ୍କଙ୍କର । ଟ୍ୱିଟର ମସ୍କ ଦ୍ୱାରା ପ୍ରଥମରୁ କିଣାଯାଇଛି, ବାକି ସୋସିଆଲ ମିଡିଆକୁ ନିୟନ୍ତ୍ରଣ କରିବାକୁ ପଡିବ । ମସ୍କ ଟିକଟକ ଉପରେ ଦୃଷ୍ଟି ରଖିଛନ୍ତି । କିନ୍ତୁ ଟିକଟକ ତ ଚାଇନାର । ମସ୍କ କାହିଁକି ଏହା ଉପରେ ନଜର ରଖୁଛନ୍ତି ? ବାସ୍ତବରେ, ୧୯ ତାରିଖ ସମୟ ସୀମା ଟିକଟକ୍ ଘୋଷଣା କରିବାକୁ ସ୍ଥିର ହୋଇଥିଲା ଏବଂ ଏହି ଖବର ଆମେରିକାରେ ୧୦ ଜାନୁଆରୀରୁ ଚାଲୁଥିଲା । ବାସ୍ତବରେ, ଚାଇନାରେ ଗୋଟିଏ ବାଇଟ୍ ଡ୍ୟାନ୍ସ ନାମକ ଏକ କମ୍ପାନୀ ଅଛି, ଏହି କମ୍ପାନୀର ହେଉଛି ଟିକଟକ । ଦୁନିଆର ସବୁଠାରୁ ଭଲ ବ୍ୟବହାର ହେଉଥିବା ଆପ, ଟିକଟକ । ଏହାକୁ ବ୍ୟବହାର କରୁଥିବା ଦୁନିଆର ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ଆମେରିକା ଏକ ନମ୍ବରରେ ଅଛି, ଯେଉଁଥିରେ ୟୁଜର୍ ହେଉଛନ୍ତି ୧ ବିଲିୟନରୁ ଅଧିକ ଟିକଟକ । ଯୁକ୍ତରାଷ୍ଟ୍ରରେ ୧୭୦ ନିୟୁତ ଗ୍ରାହକଙ୍କୁ ସଂଗ୍ରହ କରିଛି । ଚାଇନାରେ ନିର୍ମିତ, ଆପ୍ ଚାଇନାରେ ବ୍ୟବହାର ଏତେ ମାତ୍ରାରେ ହେଉନାହିଁ , କିନ୍ତୁ ଆମେରିକାରେ ଏହା ସବୁଠାରୁ ଲୋକପ୍ରିୟ ।ଯଦି ଉପଭୋକ୍ତାମାନଙ୍କ ଦୃଷ୍ଟିରେ ଦେଖାଯାଏ, ଇଣ୍ଡୋନେସିଆ - ୧୬୫.୧ ନିୟୁତ, ଯୁକ୍ତରାଷ୍ଟ୍ର ଆମେରିକା - ୧୩୭.୯ ନିୟୁତ, ବ୍ରାଜିଲ - ୧୧୧.୩ ନିୟୁତ, ମେକ୍ସିକୋ - ୮୧.୧ ମିଲିୟନ, ଭିଏତନାମ - ୬୯.୨ ନିୟୁତ, ପାକିସ୍ତାନ - ୬୪ ନିୟୁତ, ଫିଲିପାଇନ୍ସ - ୫୮.୩ ନିୟୁତ , ଥାଇଲ୍ୟାଣ୍ଡ - ୫୩.୬ ନିୟୁତ, ବାଂଲାଦେଶ - ୪୪.୩ ନିୟୁତ ଉପଭୋକ୍ତା ଟିକଟକ ବ୍ୟବହାର କରନ୍ତି । ଆମେରିକାରେ ଇନଷ୍ଟାକୁ ଟିକଟକ ପ୍ରତିଯୋଗିତା ଦେଉଛି । ଏହାର ଅର୍ଥ ହେଉଛି ଆମେରିକାର ଲୋକଙ୍କ ନିକଟରେ ଖବର ପ୍ରସାରଣ ପାଇଁ ସୋସିଆଲ ମିଡିଆ ଏକ ବଡ ପ୍ଲାଟଫର୍ମ । ସୋସିଆଲ ମିଡିଆ ସାହାଯ୍ୟରେ ଆମେରିକାରେ ବିଜ୍ଞାପନ ବ୍ୟୟ ୨୦୨୪ ରେ ୭୬.୪ ବିଲିୟନ ଡ଼ଲାର ଥିଲା ଏବଂ ୨୦୨୮ ସୁଦ୍ଧା ଏହା ୮୮.୧ ବିଲିୟନ ଡ଼ଲାରରେ ପହଞ୍ଚିବାକୁ ଥିଲା । ତାହା ହେଉଛି, ଆମେରିକାରେ ସୋସିଆଲ ମିଡିଆ ବଜାର କିପରି ବଢୁଛି ତାହା ଅନୁମାନ କରାଯାଇପାରେ । ତେଣୁ ଏହା ଅନୁଯାୟୀ ଟିକଟକର ମୂଲ୍ୟ ବହୁତ ଅଧିକ ହେବ । ଆମେରିକା ଭିତରେ ଟିକଟକର ବଜାର ବ୍ୟବସାୟ ହେଉଛି ୫୦ ବିଲିଅନ ଡଲାର । ସେହି ହିସାବରେ ଯଦି ଦେଖାଯାଏ , ଟିକଟକ କମ୍ପାନୀ ଯଦି ଟିକଟକ ବିକ୍ରୟ କରିବାକୁ ଯାଆନ୍ତି ତେବେ ଏହାର ମୂଲ୍ୟ ଏହାଠାରୁ କମ ହେବ ନାହିଁ । ଆମେରିକା ଏକପ୍ରକାର ଚୀନକୁ ଧମକ ଦେଉଛି ଯେ ଟିକଟକ କୁ ଆମେରିକାକୁ ବିକ୍ରୟ କର ଅନ୍ୟଥା ଏହାକୁ ବନ୍ଦ କରିଦିଆଯିବ । ଆମେରିକାର ଚତୁରତାକୁ ଦେଖନ୍ତୁ , ସେ କହୁଛି ଟିକଟକର ଆମେରିକାରେ ହେଉଥିବା ବ୍ୟବସାୟକୁ କେବଳ ଆମକୁ ବିକ୍ରୟ କର, ଅର୍ଥାତ୍ ୫୦ ବିଲିଅନ ଡଲାର ଦେଇ ଚୀନ ଠାରୁ କ୍ରୟ କରିବାକୁ ଚାହୁଁଛି । ଅନ୍ୟ ପଟରେ ମସ୍କ ୪୪ ବିଲିଅନ ଡଲାରରେ ଟ୍ୱିଟରକୁ କ୍ରୟ କରିଥିଲେ । କିନ୍ତୁ ଭିତିରି କଥା ହେଉଛି ଟିକଟକକୁ କ୍ରୟ କରିବା ପାଇଁ ଆମେରିକା ୨୦ ବିଲିଅନ ଡଲାର ଦେବାକୁ ଚାହୁଁଛି ଏବଂ ଏଥିରେ ସର୍ତ୍ତ ହେଉଛି କେବଳ ଆମେରିକାରେ ଟିକଟକ ଯେଉଁ ବ୍ୟବସାୟ କରୁଛି ସେହି ଭାଗଟିକୁ କ୍ରୟ କରିବାକୁ ଚାହୁଁଛି ,ବାକି ଭାଗ ଚୀନ ନିଜ ପାଖରେ ରଖୁ । ବର୍ତ୍ତମାନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଟିକଟକର ମାସିକ ଆକ୍ଟିଭ ଇଉଜର୍ସ ହେଉଛନ୍ତି ୧ ବିଲିଅନ (୧୦୦ କୋଟି) ଏବଂ ଯାହାର ସ୍ଥାନ ହେଉଛି ଚତୁର୍ଥ , ଫେସବୁକ -ନମ୍ବର ୧ - ଇଉଜର୍ସ ୨.୯ ବିଲିଅନ , ଇଉଟିଉବ - ୨.୨ ବିଲିଅନ - ନମ୍ବର ୨ , ଇନ୍ଷ୍ଟଗ୍ରାମ - ୧.୪ ବିଲିଅନ - ନମ୍ବର - ୩ ଏବଂ ଟ୍ୱିଟରର ନମ୍ବର ହେଉଛି ସପ୍ତମ ଏବଂ ଆକ୍ଟିଭ ଇଉଜର୍ସ - ୩୯୭ ମିଲିଅନ ।

ମସ୍କ ୩୯୭ ମିଲିଅନ ଇଉଜର୍ସଙ୍କ ପାଖରେ ଟ୍ରମ୍ପଙ୍କ ବାର୍ତ୍ତା ପହଞ୍ଚାଇ ଟ୍ରମ୍ପଙ୍କୁ ଜିତାଇ ଦେଲେ । ଯଦି ଟିକଟକ ଥାନ୍ତା ତେବେ ସେ ଆହୁରି କିଛି କରିପାରିଥାନ୍ତେ । ତାହେଲେ ମସ୍କ ଟ୍ରମ୍ପଙ୍କ ସହାୟତା ନେଇ ବର୍ତ୍ତମାନ ଟିକଟକକୁ ନିଜ କବଜାରେ ନେବାକୁ ଚାହୁଁଛନ୍ତି । କାହିଁକି ? କାରଣ ଆଗାମୀ ୪ ବର୍ଷରେ ସେ ସାମାଜିକ ଗଣମାଧ୍ୟମକୁ ନିଜ ଆୟତ୍ତରେ ରଖି ଆମେରିକା ର ନିର୍ବାଚନ ପ୍ରଚାରରେ ବ୍ୟବହାର କରିବେ । ଯେହେତୁ ଟ୍ରମ୍ପ ୨ ଥର ରାଷ୍ଟ୍ରପତି ହୋଇପାରିଛନ୍ତି , ତାହେଲେ ପରବର୍ତ୍ତୀ ରାଷ୍ଟ୍ରପତି ପାଇଁ ଏଲନ ମସ୍କ ନିଜର ମଞ୍ଚ ତିଆରି କରୁଛନ୍ତି କି ? ଫେସବୁକ ଆମେରିକାର , ଇଉଟିଉବ ନିଜର ଇନ୍ଷ୍ଟଗ୍ରାମ ନିଜର ଏବଂ ବର୍ତ୍ତମାନ ଟିକଟକ ଉପରେ ଆଖି ଯାହାକୁ କ୍ରୟ କରିବାକୁ ଯାଉଛି । ଅର୍ଥାତ, ସମ୍ପୂର୍ଣ୍ଣ ତଥ୍ୟ ପୂରା ବିଶ୍ୱରେ ପ୍ରସାର ପ୍ରଚାର କରିବା ପାଇଁ ଆଉ କାହା ଉପରେ ନିର୍ଭର କରିବାକୁ ପଡିବ ନାହିଁ । ଟିକଟକର ଆମେରିକା ରାଜସ୍ୱ ୨୦୨୧ - ୨୦୨୫ ମଧ୍ୟରେ ୧୦ ବିଲିଅନ ଡଲାର । ଏହି ବଜାରକୁ ଟ୍ରମ୍ପ ପ୍ରତିବନ୍ଧ ଲଗାଇବାକୁ ଯାଉଛନ୍ତି । ଶପଥ ନେବା ପୂର୍ବରୁ ଟ୍ରମ୍ପ କହିଥିଲେ ମୁଁ ଶପଥ ନେବା ପରେ ଚୀନକୁ ଅଧିକ ୯୦ ଦିନ ସମୟ ଦେବୀ ଚିନ୍ତା କରିବା ପାଇଁ । କଥାବାର୍ତ୍ତା ମାଧ୍ୟମରେ ଯଦି ଫାଇନାଲ ହେଲା ,ତାହେଲେ ଠିକ ନହେଲେ ଟିକଟକ ଉପରେ ପ୍ରତିବନ୍ଧ ଲଗାଯିବ । ଏହି ମସ୍ତିଷ୍କ ଟ୍ରମ୍ପ ଙ୍କର ନୁହେଁ ବରଂ ଏଲନ ମସ୍କଙ୍କର । ତାଙ୍କ କହିବା ଅନୁସାରେ ,ଯଦି ଆଗକୁ ବଢିବାକୁ ହୁଏ ତେବେ ସାମାଜିକ ଗଣମାଧ୍ୟମକୁ ନିଜ କଣ୍ଟ୍ରୋଲରେ ରଖିବାକୁ ହେବ । ଏହା ହେଉଛି ପୂରା ଖେଳ । ମସ୍କ ଟ୍ରମ୍ପଙ୍କ ଉପରେ ପଇସା ଖର୍ଚ୍ଚ କରିଛନ୍ତି , ସେଥିପାଇଁ ତାଙ୍କୁ ମୂଲ୍ୟ ଦେବାକୁ ହେବ । ଏହି ଖେଳ ଆମେରିକାରେ ଖୋଲାଖୋଲି ଚାଲେ ଏବଂ ଏହାକୁ କ୍ରୋନି କ୍ୟାପିଟାଲିଜ୍ମ କୁହାଯାଏ ଯେଉଁଥିରେ ପରୋକ୍ଷ ଭାବେ ପୁଞ୍ଜିପତିମାନେ ଶାସନକୁ କଣ୍ଟ୍ରୋଲ କରିଥାନ୍ତି । ଯାହାକୁ ଆମେ ଗଣତନ୍ତ୍ର କହିଥାଉ , ଏହା ହେଉଛି ତାହାର ଅସଲି ଚେହେରା ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

## ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କୃଷ୍ଣପ୍ରସାଦ ଗସ୍ତ

କୃଷ୍ଣପ୍ରସାଦ, ୨୪।୧ (ନିପ୍ର); ପୁରୀ ଜିଲ୍ଲା କଣାସରେ ଝାଡାବାନ୍ତି ରୋଗରେ ପରିସ୍ଥିତି ଅଣାୟତ୍ତ ହୋଇଥିବା ବେଳେ ସ୍ଥିତି ପରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ରୂପଭାନୁ ମିଶ୍ର କୃଷ୍ଣପ୍ରସାଦକୁ ଗସ୍ତ କରିଛନ୍ତି। କୃଷ୍ଣପ୍ରସାଦ ବ୍ଲକ ଅଧିବାସୀମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବର୍ଷ ବର୍ଷ ଧରି ବଞ୍ଚିତ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ରଷିକୂଲ୍ୟାରୁ ପାଣି ଯୋଗାଣ ପାଇଁ ଦୀର୍ଘ ବର୍ଷ ହେଲା ଉଦ୍‌ଘାଟନ କରି ବାରମ୍ବାର ଅବଧି ଶେଷ ହୋଇଥିଲେ ମଧ ଏ ଯାଏ କାର୍ଯ୍ୟ ସରି ନାହିଁ। କୃଷ୍ଣପ୍ରସାଦ ବ୍ଲକର ଅନେକ ଗ୍ରାମ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ଚୁଆ ପୋଖରୀ ଆଦିର ଦୂଷିତ ପାଣିକୁ ବାଧ ହୋଇ ବ୍ୟବହାର କରୁଛନ୍ତି। କାଁ ଭାଁ କେଉଁଠି ଝାଡା ବାନ୍ତି ହେବାର ସୂଚନା ମିଳୁଥିଲେ ମଧ ତାହା ବହୁ ଲୋକଙ୍କୁ ଆକ୍ରାନ୍ତ କରିନାହିଁ। ଏ ଭଳି ପରିସ୍ଥିତିରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କ ଟିମ୍ ଧରି ବୁଲି ସ୍ଥିତି ପରଖିଥିବା ସହ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବୁଲି ଦେଖିଥିଲେ। ସେଠାରେ ସମସ୍ତ ବ୍ୟବସ୍ଥା ଠିକ ଥିବା ଜାଣି ଖୁସି ହୋଇଥିଲେ। ଏବଂ ଯେ ଭଳି କଣାସର ପରିସ୍ଥିତି କୃଷ୍ଣପ୍ରସାଦରେ ନ ଘଟେ ସେଥିପାଇଁ ଡାକ୍ତର ମାନଙ୍କୁ ସତର୍କ କରାଇଥିଲେ। ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କୁ ସଜାଗ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ ନବ କିଶୋର କର, ଜିଲ୍ଲା ମାତୃ ମଙ୍ଗଳ ପରିଚାଳକ ପ୍ରଶାନ୍ତ କୁମାର ବରାଳ, ବ୍ଲକ ଆକାଉଣ୍ଟାନସ ମ୍ୟାନେଜର ସଂଜୀତ କୁମାର ସୁନ୍ଦରାୟ, ନର୍ସିଂ ଅଫିସର ମୁକ୍ତା କିଷାନ, ଆୟୁଷ ଡାକ୍ତର ନିବେଦିତା ରାୟବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

ଚାଉଛିକ, ୨୪।୧ (ନିପ୍ର): ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଚାଉଛିକ ସାମ୍ବାଦିକ ସଂଘର ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପଦେଷ୍ଟା, ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ କୁମାର ମିତ୍ର, କୃଷ୍ଣଚନ୍ଦ୍ର ରାଉତ,କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ବସନ୍ତ ଦାସ,ପ୍ରଫୁଲ୍ଲ ସାହୁ,ସୁଦର୍ଶନ ବେହେରା, ପ୍ରଶାନ୍ତ ସାହୁ, ବିଜୟ ବେହେରା, ଅଚ୍ୟୁତାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଜାନୁୟାରୀ ୨୬ ତାରିଖ ରବିବାର ସକାଳ ୭.୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ଚାଉଛିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରାବା ପାଇଁ ସ୍ଥିର କରାଯାଇଛି।

## ମନେପଡ଼େ ପିଲାଦିନ କାର୍ଯ୍ୟକ୍ରମ

ବଡ଼ସାହି, ୨୪।୧ (ନିପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ମନେପଡ଼େ ପିଲା ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପୁରୁଣା ଜିନିଷ ଓ ପୁରୁଣା ସଂସ୍କୃତିକୁ ଆମେ ଭୁଲିବାକୁ ବସିଥିବା ବେଳେ ଆଜିର ପିଲାମାନେ ଏଥିପ୍ରତି ଏକ ପ୍ରକାର ଅଜ୍ଞ ଅଛନ୍ତି। ସେହି ପିଲାମାନଙ୍କୁ ଏ ସଂପର୍କରେ ବ୍ୟାପକ ଭାବେ ଜାଣିବା ପାଇଁ ପୋଷ୍ଟକାର୍ଡ଼, ଇନଲ୍ୟାଣ୍ଡ ଲେଟର, ଲଫାପା, ବ୍ୟାଟେରି ଟର୍ଚ୍ଚ, ପେଟ୍ରୋମାକ୍ସ ଲାଇଟ, ଚୁଙ୍ଗି, ଚିମିନି, ଲଣ୍ଠନ, କଳାଧଳା ଟିଭି, ରେଡ଼ିଓ, କାଳିକଲମ, କାଠ ହଳଲଙ୍ଗଳ , ଗଉଣୀ, କଠା, ଶଗଡ଼ ଗାଡ଼ି, ଆଦିବାସୀ ଅଳକାର, ଶିଙ୍ଗ ପାନିଆ ଇତ୍ୟାଦି ବହୁ ଜିନିଷ ଓ ତାର ବ୍ୟବହାର ସଂପର୍କରେ ଦୀପକ କୁମାର ଦାସ, ରଣଜିତ ମହାନ୍ତି, ମଳୟ ମଞ୍ଜରୀ ରଥ, ବୀଣାପାଣି ବାରିକ, ବେଣୁଧର ବେହେରା, ରିନା ଷଡଙ୍ଗୀ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ସୋନାକ୍ଷୀ ଦଣ୍ଡପାଟ, ମଧୁସ୍ମିତା ବାରିକ, ଶୁଭଜିତ ଶୁଭଙ୍କର ରାଉତ, ସୁମନ ବେହେରା, ବୃନ୍ଦାବତୀ ନାଏକ, ସୌଭାଗ୍ୟବତୀ ରାଉତ ଓ କବିତା ପତି ବୁଝାଇଥିଲେ।

## ପିପିଲି ବିଜ୍ଞାପିତ ପରିଷଦରେ ବର୍ଦ୍ଧିତ ଭତ୍ତା ବଣ୍ଟନ

ପିପିଲି, ୨୪।୧ (ନିପ୍ର); ସରକାର ବର୍ଦ୍ଧିତ ଭତ୍ତା ଘୋଷଣା କରି ଥିବା ବେଳେ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କ୍ଷେତ୍ରରେ ପୁରୀ ସାଂସଦ ଡ଼. ସମ୍ବିତ ପାତ୍ର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମିଳିତ ଭାବରେ ପିପିଲି ବ୍ଲକ ଓ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଭତ୍ତା ବଣ୍ଟନ କରି ଥିବା ବେଳେ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ସାଂସଦ ଶ୍ରୀ ପାତ୍ର ଓ ବିଧାୟକ ଶ୍ରୀ ପଟ୍ଟନାୟକ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାଙ୍କୁ ଓ ୮୦ ପ୍ରତିଶତ ଶତକଡା ଭାଗରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ମାନଙ୍କୁ ୩,୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଶେରଗଡ଼ର, ୨୪।୧ (ନିପ୍ର): ଓଡିଶା ସରକାର ସଡକ ଓ ପରିବହନ ମନ୍ତ୍ରଣାଳୟର ନିର୍ଦ୍ଦେଶାନୁସାରେ ସ୍ଥାନୀୟ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ, ଶେରଗଡ଼ର ଯୁବ ରେଡକ୍ରସ୍ ଶାଖା,ଜାତୀୟ ସେବା ସଂସ୍ଥା ଶାଖା ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ , ଭଞ୍ଜନଗରର ମିଳିତ ଆନୁକୂଲ୍ୟରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଖଣ୍ଡର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି,ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର କୁମାର ଶିଅଳ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରାଜ କୁମାର ପୃଷ୍ଟି ସମ୍ମାନୀତ ଅଧିକାରୀ ଭାବେ ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧକ୍ଷ ଉପେନ୍ଦ୍ର କୁମାର ବାଡତ୍ୟା ପରିଚାଳନା କରିବା ସହିତ ନିଜ ବକ୍ତବ୍ୟରେ ଦୁର୍ଘଟଣାର ବିଭିନ୍ନ କାରଣ ଉପରେ ଆଲୋକପାତ କରି ଦୁର୍ଘଟଣା କିଭଳି ଭାବେ ରୋକା ଯାଇପାରିବ,ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଅତିଥିମାନେ ସଡକ ସୁରକ୍ଷା ଉପରେ ଅନେକ ସୁନ୍ଦର ବାର୍ତ୍ତା ଦେବା ସହିତ ସଡକ ଦୁର୍ଘଟଣାରୁ କିଭଳି ବର୍ତ୍ତିବା,ସଡକ ଦୁର୍ଘଟଣା ଜନିତ ବ୍ୟକ୍ତିକୁ କିଭଳି ଭାବେ ପ୍ରାଥମିକ ସେବା ଯୋଗାଇ ଦେବା,ସେ ସମ୍ପର୍କରେ ପୁଙ୍ଖାନପୁଙ୍ଖ ଭାବେ ଆଲୋଚନା ରଖିଥିଲେ ।

## ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା

ଭଦ୍ରକ, ୨୪।୧ (ନିପ୍ର): ଭଦ୍ରକ ଜିଲ୍ଲା ସ୍ତରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ହାଇସ୍କୁଲ ଏବଂ ମଧ ଇଂରାଜୀ ସ୍ତରରେ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂର୍ଯ୍ୟମଣି ନାୟକ ସ୍ମୃତି କମିଟିର ପୃଷ୍ଠପୋଷକତାରେ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନରେ ଆୟୋଜନ କରାଯାଇଥିଲା। ଏଥିରେ କନିଷ୍ଠ ବର୍ଗରେ ଏସ୍.ବି.ଡ଼ି. ଇଣ୍ଟନ୍ୟାସନାଲ ସ୍କୁଲର କରଭି କାବ୍ୟା କ୍ରୀଷ୍ଟା ୩ୟ, ଗେଲଟୁଆ ଉ.ପ୍ରା. ବିଦ୍ୟାଳୟର ଶୁଭଲକ୍ଷ୍ମୀ ଜେନା ୨ୟ ଓ ଜିଲ୍ଲା ସ୍କୁଲର ଶୀତଲ ମଲ୍ଲିକ୍ ୧ମ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭଦ୍ରକର ସୌମ୍ୟରଞ୍ଜନ ଗାହାଣ ୧ମ, ବାଗୁରାଇ ହାଇସ୍କୁଲର ଅଂଶୁମାନ ସାମଲ ୨ୟ, ସରକାରୀ ହାଇସ୍କୁଲର ସୁପ୍ରିୟା ଗିରି ୩ୟ ସ୍ଥାନ ଅଧିକାର କରିଥିଲେ। ଅମର କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଶଶଧର ମହନି ଏବଂ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଏହି ପ୍ରତିଯୋଗିତାର ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଗୌରହରି ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନା କରିଥିଲେ। ସେହିପରି ଇନର ହୁଇଲ୍ କ୍ଲବ୍ ର ପୃଷ୍ଠପୋଷକତାରେ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ହକି ଇଣ୍ଡିଆ ଲିଗ୍ ମୁକାବିଲା: ତାମିଲନାଡୁ ଡ୍ରାଗନ୍ସ ହାଇଦ୍ରାବାଦ ତୋଫାନ୍ସକୁ ପେନାଲ୍ଟି ସୁଟଆଉଟରେ ପରାସ୍ତ



ରାଉରକେଲା, ୨୪।୧ (ନିପ୍ର): ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ହାଇଦ୍ରାବାଦ ତୋଫାନ୍ସ ବିପକ୍ଷ ହିରୋ ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ପୁଲ୍ ବି ମ୍ୟାଚ୍ ପରେ ତାମିଲନାଡୁ ଡ୍ରାଗନ୍ସ ୪-୩ ଗୋଲରେ ପେନାଲ୍ଟି ସୁଟଆଉଟରେ ଜିତିଛି। ତାମିଲନାଡୁ ଡ୍ରାଗନ୍ସ ପାଇଁ ବ୍ଲେକ୍ ଗୋଭର୍ସ ଏବଂ ଜିପ୍ ଜନସେନ୍ ସ୍କୋର କରିଥିବାବେଳେ ହାଇଦ୍ରାବାଦ ତୋଫାନ୍ସ ପାଇଁ ଟିମ୍ ବ୍ରାଣ୍ଡ ଏବଂ ମାଇକୋ କାସେଲା ସ୍କୋର କରିଥିଲେ। ଓପନିଂ ଚାରି ମିନିଟରେ ଉଭୟ ଦଳ ସ୍କୋର କରି ମ୍ୟାଚ୍ ପାଇଁ ଏହା ଏକ ସମ୍ବେଦନଶୀଳ ଆରମ୍ଭ ଥିଲା । ତୃତୀୟ ମିନିଟରେ ହାଇଦ୍ରାବାଦ ତୋଫାନ୍ସ ସ୍କୋର ଆରମ୍ଭ କରିଥିଲା । ଯେତେବେଳେ ରାଜନ୍ଦର ସିଂ ବାମ ପାର୍ଶ୍ୱରୁ ଭଲ ରନ୍ କରି ଗୋଲ୍ ଆଗରେ ବଲ୍ ଅତିକ୍ରମ କରିଥିଲେ ଯାହା ପରେ ଟିମ୍ ବ୍ରାଣ୍ଡ ଡେଭିଡ୍ ହାର୍ଟଙ୍କ ନିକଟରୁ ବଲ୍କୁ ବୁଡ଼ାଇ ଦେଇଥିଲେ। ତେବେ ଚତୁର୍ଥ ମିନିଟରେ ତାମିଲନାଡୁ ଡ୍ରାଗନ୍ସ ତୁରନ୍ତ ବ୍ଲେକ୍ ଗୋଭର୍ସ ଜରିଆରେ ଜବାବ ଦେଇଥିଲେ ଯେତେବେଳେ ଅଷ୍ଟ୍ରେଲୀୟମାନେ ସର୍କଲର ଶୀର୍ଷରେ ବଲ୍ ପାଇଥିଲେ ଏବଂ ତୋଫାନ୍ସ ଗୋଲରେ ବିକାଶ ଡାହିଆଙ୍କ ନିକଟରୁ ଗୁଳି ଚଳାଇବା ପୂର୍ବରୁ ସେ କୌଣସି ସମୟ ନଷ୍ଟ କରିନଥିଲେ। ସେମାନେ ଏକାଧିକ ବୃତ୍ତର ଅନୁପ୍ରବେଶ ଜାରି ରଖିଥିବାରୁ ଉଭୟ ପକ୍ଷ ଗତିକୁ ଖସିଯିବାକୁ ଦେଇନଥିଲେ। ଏକାଦଶ ମିନିଟରେ ତୋଫାନ୍ସ ମ୍ୟାଚର ପ୍ରଥମ ପେନାଲ୍ଟି କର୍ଣ୍ଣର ଜିତିଥିଲେ । ଗୋଞ୍ଜାଲୋ ପିଲାଟଙ୍କ ଡ୍ରାଗ୍ ଫ୍ଲିକ୍କୁ ଦୂରେଇ ରଖିବା ପାଇଁ ଡେଭିଡ ହାର୍ଟ ବହୁତ ଭଲ ସେଭ୍ କରିଥିଲେ । ୨୩ତମ ମିନିଟରେ ଗୋଭର୍ସ ଡ୍ରାଗନ୍ସଙ୍କୁ ଅଗ୍ରଣୀ ଦେଇଥାଇ ପାରନ୍ତି କାରଣ ତୋଫାନ୍ସ ଡିଫେଣ୍ଡରଙ୍କଠାରୁ ବଲ୍ ତାଙ୍କ ଉପରେ ପଡିଯାଇଥିଲା । ହିରୋ ହକି ଇଣ୍ଡିଆ ଲିଗରେ ନିଜର ପ୍ରଥମ ପ୍ରଦର୍ଶନ କରିଥିବା ବିକ୍ରମଜିତ୍ ସିଂ ସ୍କୋର ସ୍ତରକୁ ବଜାୟ ରଖିବା ପାଇଁ ଏକ ଚମତ୍କାର ସେଭ୍ ଟାଣି ନେଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାପରେ ଉଭୟ ପକ୍ଷ ନିଜ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି କରିଥିବାରୁ ତୀବ୍ରତା ଟିକେ ହ୍ରାସ ପାଇଲା । ଦେବେନ୍ଦ୍ର ୱାଲମିକି ଏକ ପେନାଲ୍ଟି କର୍ଣ୍ଣରକୁ ସ୍ୱୀକାର କରିବା ପରେ ୩୭ତମ ମିନିଟରେ ଡ୍ରାଗନ୍ସ ଅଗ୍ରଣୀ ହାସଲ କରିଥିଲା । ତାଙ୍କ ଦଳକୁ ଅଗ୍ରଣୀ ଦେବା ପାଇଁ ଜିପ୍ ଜନସେନ୍ ଗୋଲ୍ ରକ୍ଷକ ଡାହିଆଙ୍କୁ ବଲ୍ ଫିଙ୍ଗିଥିଲେ। ତୋଫାନ୍ସ ସମାନତା ପାଇଁ ଶିକାର କରିବାକୁ ଯାଇଥିଲେ ଏବଂ ଏହାକୁ ୪୩ତମ ମିନିଟରେ ପାଇବା ଉଚିତ୍ କିନ୍ତୁ ଡେଭିଡ ହାର୍ଟଙ୍କ କିଛି ଚମତ୍କାର ଗୋଲକିପିଂ ପାଇଁ । ଇଂରେଜମାନ କ୍ରମାଗତ ତିନିଟି ପେନାଲ୍ଟି କର୍ଣ୍ଣର ରଖିଥିଲେ ଯେଉଁଠାରେ ସେ ଏକ ଟ୍ରିପଲ୍ ସେଭ୍ କରିଥିଲେ । ଚତୁର୍ଥ କ୍ୱାର୍ଟରରେ ସେ ଟୁଫାନ୍ସ ଡ୍ରାଗ୍-ଫ୍ଲିକର୍ସକୁ ଜାରି ରଖିବାବେଳେ ହାର୍ଟ ସ୍କିଣ୍ଟିଲିଟିଙ୍ଗ୍ ଫର୍ମରେ ଥିଲେ । ଅନ୍ୟ ପଟେ ବିକ୍ରମଜିତ୍ ସିଂ ମଧ ଟୁଫାନ୍ସ ଗୋଲରେ ଭଲ ସମ୍ପର୍କ ରଖିଥିଲେ କାରଣ ସେ ନିଜ ଦଳକୁ ଶିକାରରେ ରଖିବା ପାଇଁ ଦୁଇଟି ଭଲ ସଞ୍ଚୟ କରିଥିଲେ। ୫୬ତମ ମିନିଟରେ, ତୋଫାନ୍ସର ଆର୍ଥର୍ ଡି ସ୍ଲୋଭର ଗୋଲରେ ଫାଟ ସୃଷ୍ଟି କରିବାକୁ କୋଣ ଖୋଜିବା ପୂର୍ବରୁ ସର୍କଲରେ ପ୍ରବେଶ କରିଥିଲେ । ମ୍ୟାଚରେ ତାଙ୍କ ଦଳକୁ ଆଗରେ ରଖିବା ପାଇଁ ହାର୍ଟ ପୁଣି ଥରେ ହାତରେ ଥିଲେ। ଶେଷରେ ୫୬ତମ ମିନିଟରେ ତୋଫାନ୍ସ ସେମାନଙ୍କର ସମାନତା ପାଇଲେ । ମାଇକୋ କାସେଲାଙ୍କ ଡ୍ରାଗ୍ ଫ୍ଲିକ୍ ଅମିତ ରୋହିଦାସଙ୍କ ବାଡିରୁ ସାମାନ୍ୟ ସ୍ପର୍ଶ ନେଇ ହାର୍ଟକୁ ଗୋଲ୍ ପଛରେ ପକାଇ ଦେଇଥିଲା । ଡ୍ରାଗନ୍ସ ବିଜେତା ପାଇଁ ଦବାଇଲେ କିନ୍ତୁ ତୋଫାନ୍ସ ମ୍ୟାଚକୁ ପେନାଲ୍ଟି ସୁଟଆଉଟରେ ନେବାକୁ ଲାଗିଲେ । ପେନାଲ୍ଟି ସୁଟଆଉଟରେ ଉଭୟ ଡେଭିଡ ହାର୍ଟ ଏବଂ ବିକ୍ରମଜିତ ସିଂ ସୁପର ଫର୍ମରେ ଥିଲେ। ଯୁବ ବିକ୍ରମଜିତ୍ ସିଂ ଗୋଭର୍ସ, ମହମ୍ମଦ ରାହୁଲ ଏବଂ ମୋରିଜ୍ ଲୁଡୱିଗଙ୍କ ଉଦ୍ୟମକୁ ବଞ୍ଚାଇଥିବା ବେଳେ ହାର୍ଟ ଶିଳାନନ୍ଦ ଲାକ୍ରା, ଅର୍ଶଦୀପ ସିଂ, କାସେଲା ଏବଂ ଜାକାରି ୱାଲେସଙ୍କ ପେନାଲ୍ଟି ସୁଟଆଉଟରେ ୪-୩ ଗୋଲରେ ଜିତିବାରେ ସାହାଯ୍ୟ କରିଥିଲେ।

## ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ମହାଯଜ୍ଞ

ରାଉରକେଲା, ୨୪।୧ (ନିପ୍ର): ନାରୀ ସଶକ୍ତିକରଣ ଏବଂ ରାଷ୍ଟ୍ରଜାଗରଣ ଉପଲକ୍ଷେ ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ମହାଯଜ୍ଞର ଶୁକ୍ରବାର ଦ୍ୱିତୀୟ ଦିବସ। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ୨୦୨୪-୨୫ ବର୍ଷକୁ ନାରୀ ସଶକ୍ତିକରଣ ଏବଂ ରାଷ୍ଟ୍ରଜାଗରଣ ଅଭିଯାନ ରୂପେ ଘୋଷିତ କରାଯାଇଛି। ଆଜିର ସଂସାର ନିଷ୍ଠୁରତାର ଅଗ୍ନିରେ ଦଗ୍ଧ ହେଉଥିଲା ବେଳେ ଯୁଗଦ୍ରଷ୍ଟା, ଯୁଗସ୍ରଷ୍ଟା, ଯୁଗଋଷି ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଏକବିଂଶ ଶତାବ୍ଦୀକୁ ନାରୀ ଶତାବ୍ଦୀ ରୂପରେ ଘୋଷଣା କରିଛନ୍ତି। ନାରୀର ଉପସ୍ଥିତି ହିଁ ସଂସାରରେ ଆନନ୍ଦ, ଉଲ୍ଲାସର ସରଞ୍ଜନା କରିଥାଏ। ସେହି ଦିବ୍ୟଭାବର ଜାଗରଣ ପାଇଁ ଗାୟତ୍ରୀ ଶକ୍ତିପୀଠ ପ୍ରାଙ୍ଗଣରେ ଏକ ୨୪ କୁଣ୍ଡୀୟ ମହାଯଜ୍ଞ ଶାନ୍ତି କୁଞ୍ଜ ହରିଦ୍ୱାରରୁ ଆସୁଥିବା ବିଶେଷ ଋଷିପୁତ୍ରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାଯିବ।

## ଚାନସାରୀ ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ଗୁଣୁପୁର, ୨୪।୧(ନିପ୍ର):ଗୁଣୁପୁର ବ୍ଲକର ଚାନସାରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚୀନାସାରି ଉଚ୍ଚ ବିଦ୍ୟାଳୟ ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦୁଇଦିନ ଧରି ତାହାର ରୌପ୍ୟ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ଆଇନଜୀବୀ ତଥା ସମାଜସେବୀ ପ୍ରଦୀପ କୁମାର ଦାଶଙ୍କ ଅଧକ୍ଷତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ରଜ ମୋହନ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ର, ସମ୍ମାନିତ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ଗୁଣୁପର ଝିଲ୍ଲୀ ଶବର ଆଦି ଯୋଗଦାନ କରି ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ଦୀର୍ଘ ୨୫ବର୍ଷର ତ୍ୟାଗ ଓ ସଫଳତା ଏକ ସ୍ମରଣୀୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ ।

## ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଐତିହ୍ୟ ଆଧାରିତ କୁଇଜ୍ ପ୍ରତିଯୋଗିତା

ଭବାନୀପାଟଣା, ୨୪/୧ (ନି.ପ୍ର)- ପରାକ୍ରମ ଦିବସ ପାଳନ ଅବସରରେ, କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ଜାନୁଆରୀ ୨୩ ରେ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ଭୀମସେନ ପଣ୍ଡା ଉଦଘାଟନ କରିଥିଲେ ଏବଂ କଳାହାଣ୍ଡି ଜିଲ୍ଲାର ସମସ୍ତ ସିବିଏସି ସ୍କୁଲ, ସ୍ଥାନୀୟ ରାଜ୍ୟ ସରକାରୀ ସ୍କୁଲ ଏବଂ ପିଏମ୍ ଶ୍ରୀ ସ୍କୁଲ ମାନଙ୍କରୁ ପ୍ରତି ସ୍କୁଲ ରୁ ୧୦ ଜଣ ଲେଖାଏଁ ଏବଂ ମୋଟଉପରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି କୁଇଜ୍ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ ଓ ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଏବଂ ଅବଦାନ ଉପରେ ପର୍ଯ୍ୟବେସିତ ଥିଲା , ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ବିଷୟରେ ଆଧାରିତ ଥିଲା। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଏବଂ ସଚେତନତାର ଭାବନା ସୃଷ୍ଟି କରିବା ସହିତ ଏକତା ଏବଂ ସୁସ୍ଥ ପ୍ରତିଯୋଗିତାର ମନୋଭାବକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରିନ୍ସିପାଲ ଭୀମସେନ ପଣ୍ଡା ଏହି କାର୍ଯ୍ୟକ୍ରମ ପାଇଁ ନିଜର ଉତ୍ସାହ ପ୍ରକାଶ କରି ଛାତ୍ରଛାତ୍ରୀ ଙ୍କୁ ମଧ ଉତ୍ସାହିତ କରିଥିଲେ । , "ଏହି କୁଇଜ୍ ଛାତ୍ରଛାତ୍ରୀମାନଙ୍କୁ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ ଓ ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ମହାନ ଅବଦାନ ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିବ ଏବଂ ସେମାନଙ୍କୁ ତାଙ୍କର ସାହସ ଏବଂ ଦୃଢ଼ତାର ମୂଲ୍ୟବୋଧକୁ ଗ୍ରହଣ କରିବାକୁ ପ୍ରେରଣା ଦେବ।" ଏହି କାର୍ଯ୍ୟକ୍ରମ ଜାତୀୟ ନାୟକଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଏକ ଶିକ୍ଷାଗତ ଏବଂ ଉତ୍ସବମୁଖୀ ଅବସର ଭାବରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ସାଧିତ ହୋଇଥିଲା । ଶେଷରେ ବିଦ୍ୟାଳୟ ପ୍ରିନ୍ସିପାଲ ଭୀମସେନ ପଣ୍ଡାଙ୍କ ହସ୍ତରେ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଏବଂ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ରାଯାଇଥିଲା ପରୀକ୍ଷା ପେ ଚର୍ଚ୍ଚା ୨୦୨୫ କୁଇଜ୍ ପ୍ରତିଯୋଗିତା ୨୩ ଜାନୁଆରୀ ୨୦୨୫ ପରାକ୍ରମ ଦିବସ ଉପଲକ୍ଷେ ପାଳନ କରାଗଲା ।

ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାର ଆଖପାଖ ବିଦ୍ୟାଳୟ (କେଭିଏସ୍, ରାଜ୍ୟ ବୋର୍ଡ଼, ସିବିଏସ୍‌ଇ ଅନୁବନ୍ଧିତ ଇତ୍ୟାଦି)ର ଛାତ୍ରଛାତ୍ରୀମାନେ ପି ଏମ କେ. ଭି. ଭବାନୀପାଟନା, କଳାହାଣ୍ଡି ଦ୍ୱାରା ଆୟୋଜିତ ପିପିସି କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ବିତରଣ କରାଗଲା ।

## ସେଣ୍ଟ ଜାଭିଅର୍ ବିଦ୍ୟାଳୟରେ ବାଲ୍ ବିଜ୍ଞାନ ମେଳା

ଭବାନୀପାଟଣା, ୨୪/୧ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ସେଣ୍ଟ ଜାଭିଅର୍ ବିଦ୍ୟାଳୟରେ ବାଲ ବିଜ୍ଞାନ ମେଳା ଅନୁଷ୍ଠିତ। ଏଥିରେ ଅତିଥି ଭାବରେ ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାଏକ, ଗଣନାଥପୁର୍ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଶ୍ୟାମ ପଣ୍ଡା ଓ ଗୋଶାଳପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସିପ୍ରା ପରିଡ଼ା ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ।

କୁନି କୁନି ଛାତ୍ରଛାତ୍ରୀ ମାନେ ସଡ଼କ ସୁରକ୍ଷା, ଯିବ ବିଜ୍ଞାନ, ଭୌତିକ ବିଜ୍ଞାନ ଭଳିଆ ଅନେକ ବିଷୟକୁ ନେଇ ପ୍ରକଳ୍ପ ପ୍ରଦର୍ଶିତ କରି ନିଜ କୌଶଳତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ନର୍ସରୀରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୬୦ ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆଭା ପରିଡ଼ା ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ଆଚାରୀ, ରଞ୍ଜିତା ନାଏକ, ଝରଣା ନାଗ, ଆକାଂକ୍ଷା ଶୁଭଦର୍ଶିନୀ, ଗୀତାଞ୍ଜଳି ଭାଟି, ସୋନାଲି ନାଏକ, ଇତିଶ୍ରୀ ସାହୁ, ଦମୟନ୍ତୀ ରାଉତ, ନିଶା ରାଉତ, ସ୍ମୃତିରାଣୀ ମହାରଣା ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବା ସହ ପରିଚାଳନାରେ ସହାୟତା କରିଥିଲେ।

# କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ସୁନେଲି ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ

ନବରଙ୍ଗପୁର, ୨୪।୧ (ନିପ୍ର): କନ୍ୟା ସନ୍ତାନ ମାନଙ୍କର ସୁରକ୍ଷା ଓ ସୁନେଲି ଭବିଷ୍ୟତ ଗଠନ ନିମନ୍ତେ ସମଗ୍ର ଭାରତ ବର୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ବେଟି ବଚାଓ ବେଟି ପଢାଓ ପାଳନ ଉତ୍ସବ ଅଭିଯାନ ଚାଲିଛି। ବେଟି ବଚାଓ ବେଟି ପଢାଓ ଅଭିଯାନର ଦଶବର୍ଷ ପୂର୍ତ୍ତି ଅବସର ଉପଲକ୍ଷ୍ୟେ ନବରଙ୍ଗପୁରର ମାଝିଗୁଡା ସ୍ଥିତ ନର୍ସିଂ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଲୋଗାନ ମାନଦେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ବୈଠକ ପୂର୍ବରୁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ପ୍ରତ୍ୟେକ ଶିଶୁ ମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ ର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ଖୁସିର କଥା ଆମ ଜିଲ୍ଲା ନବରଙ୍ଗପୁରରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଅଧିକ । ଜିଲ୍ଲାରେ ବାଳିକାମାନଙ୍କ ପ୍ରତି ଆମର ପାରମ୍ପରିକ ଚିନ୍ତା ଧାରା ପରିବର୍ତନ ଆଣିବା,କିଶୋରୀମାନଙ୍କର ଶିକ୍ଷାର ଗୁରୁତ୍ୱ ଉପରେ ବ୍ୟାପକ ଭାବରେ ପ୍ରଚାର ଓ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଉପସ୍ଥିତ ନର୍ସିଂ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଜୀବନରେ ଗୋଟିଏ ଝିଅର ଜୀବନ ବଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। କିଶୋରୀ ମାନେ ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ନିଜେ ଜିଲ୍ଲା ପାଇଁ ଉଦାହରଣ ହେବାପାଇଁ ମତବ୍ୟକ୍ତ କରିଥିଲେ । ଆମ ଜିଲ୍ଲାରେ ଯଦିଓ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଅଧିକ ତଥାପି ଜିଲ୍ଲାରେ ବାଳିକା ମାନଙ୍କର ଶିକ୍ଷା ଓ ବାଲ୍ୟ ବିବାହକୁ ରୋକିବା ଦିଗରେ ଏହି ବେଟି ବଚାଓ ବେଟି ପଢାଓ ଅଭିଯାନ କାର୍ଯ୍ୟ କରୁଛି ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କହିଥିଲେ। ଜିଲ୍ଲାରେ ଆଗାମୀ ଦିନରେ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ଭାବରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ବାଲ୍ୟ ବିବାହକୁ ନା ବିଦ୍ୟାଳୟକୁ ହଁ ଅଭିଯାନକୁ ତ୍ୱରାନ୍ୱିତ କରାଯିବ । ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ନିଜର ବକ୍ତବ୍ୟରେ ବିଗତ ୩ବର୍ଷ ମଧ୍ୟରେ ବେଟି ବଚାଓ ବେଟି ପଢାଓ ଅଭିଯାନ ମାଧ୍ୟମ ହୋଇଥିବା କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମାଜରେ କୃତିତ୍ୱ ଅର୍ଜନ କରିଥିବା ମହିଳା ମାନଙ୍କର ତ୍ୟାଗକୁ ସ୍ମରଣ କରାଇବା ସହିତ ବାଳିକାମାନଙ୍କ ଜୀବନରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ନିଯୋଜନ ଅଧିକାରୀ ଆନନ୍ଦ ପଲାଇ ବାଳିକା ମାନଙ୍କ ନିମନ୍ତେ କୌଶଳ ଭିତିକ ଶିକ୍ଷା ର ଗୁରୁତ୍ୱ ଓ ସରକାରଙ୍କ ଦ୍ୱାରା ବାଳିକା ମାନଙ୍କ ନିମନ୍ତେ ଥିବା କୌଶଳ ଭିତିକ ଶିକ୍ଷାର ଯୋଜନା ଗୁଡିକ ଉପରେ ସୂଚନା ଦେଇଥିଲେ। ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ମଳୟ କୁମାର ତ୍ରିପାଠୀ ନିଜର ବକ୍ତବ୍ୟରେ ଲିଙ୍ଗ ନିରୂପଣ ଆଇନର ବିଭିନ୍ନ ଦିଗ ଉପରେ ବିଶଦ ଭାବରେ ଆଲୋଚନା କରିବା ସହିତ କିଶୋରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ମାଗଣା ସେବା ଗୁଡିକ ଉପରେ ଆଲୋକପାତ କରିଥିଲେ।

## ଭାପୁରରେ ୫୦୦ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ରେଶନ ହିତାଧିକାରୀଙ୍କ କାର୍ଡ କଟିଲା

ଭାପୁର, ୨୪।୧ (ନିପ୍ର): ସାଧାରଣ ବଣ୍ଟନ ବ୍ୟବସ୍ଥାର ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ଇ-କେୱାଇସିର ବ୍ୟବସ୍ଥାକୁ ଉପଲବ୍ଧି କରି ବର୍ତ୍ତମାନ ରାଜ୍ୟରେ ପ୍ରତ୍ୟେକ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ସହିତ ଆଧାର ନମ୍ବର ସଂଯୋଗ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାପୁର ବ୍ଲକରୁ ଇ- କେୱାଏସି କରି ନ ଥିବା ୫୦୦ରୁ ଉର୍ଦ୍ଧ୍ୱ ଭୂତ ହିତାଧିକାରୀ ତଥା ସରକାରୀ କର୍ମଚାରୀ ମାସମାସ ଧରି ରେସନ ସାମଗ୍ରୀ ନେଉଥିବା ବେଳେ ବର୍ତ୍ତମାନ ସେମାନଙ୍କର ନାମ କଟିବ ଏବଂ ନୂତନ ହିତାଧିକାରୀ ସଂଲଗ୍ନ ହୋଇପାରିବେ ବୋଲି ବ୍ଲକ ଯୋଗାଣ ଅଧିକାରୀ ଦୀପକ କୁମାର କହଁରଙ୍କ ଠାରୁ ପ୍ରକାଶ । ଭାପୁର ବ୍ଲକରେ ବର୍ତ୍ତମାନ ୮୬,୦୬୫ ଜଣ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷାଓ ରାଜ୍ୟ ଖାଦ୍ୟ ସୁରକ୍ଷାଦ୍ୱାରା ଉପକୃତ ହେଉଛନ୍ତି ।

# ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ଏକାଠି ହେଲେ ବିଭିନ୍ନ ପଞ୍ଚାୟତବାସୀ

ଦାମନଯୋଡି, ୨୪/୦୧(ନିପ୍ର): କୋରାପୁଟ ଜିଲ୍ଲା ମାଥାଲପୁଟ ଠାରେ ବିଭିନ୍ନ ପଞ୍ଚାୟତକୁ ନେଇ ଏକ ନୂତନ ପଞ୍ଚାୟତ ସମିତି ଗଠନ କରିବା ପାଇଁ ସ୍ଥାନୀୟ ଆଦିବାସୀ ନେତା ଦାମୋଦର ଜାନିଙ୍କ ଅଧକ୍ଷତାରେ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କୋରାପୁଟ ପଞ୍ଚାୟତ ସମିତି ଅଧୀନରେ ଥିବା ମାଥାଲପୁଟ, ଲିତିଗୁଡ଼ା, ଡୁମୁରୀପଦର, ମରିଚମାଳ ଆଦି ଚାରି ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ଉକ୍ତ ପଞ୍ଚାୟତ ଓ ଏହା ଅଧୀନରେ ଥିବା ଗ୍ରାମ ଗୁଡ଼ିକ ପଞ୍ଚାୟତ ସମିତି ଠାରୁ ୪୦ ରୁ ୫୦ କିମି ଦୂରରେ ଓ ଡୁମୁରୀପଦର ପଞ୍ଚାୟତର ଗ୍ରାମ ପାଲିଗୁମାଣ୍ଡି ୬୦ କିମି ଦୂରରେ ଥିବାରୁ ଯେକୌଣସି ସରକାରୀ କାର୍ଯ୍ୟ ପାଇଁ ଜନ ସାଧାରଣଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟ ପକ୍ଷରେ କହିବାକୁ ଗଲେ ଗୋଟେ ପଞ୍ଚାୟତ ସମିତି ଗଠନ ପାଇଁ ଯେତେ ଲୋକସଂଖ୍ୟା ଆବଶ୍ୟକ, ତା'ଠାରୁ ବହୁ ଲୋକ ଏଠାରେ ବସବାସ କରୁଛନ୍ତି । ଏତଦ୍ ବ୍ୟତୀତ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ, ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ବିଜାଘାଟି ଆଦି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମାନେ ମଧ ଏହି ବୈଠକରେ ଯୋଗ ଦେଇ ନିଜର ସମ୍ମତି ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି, ଦଶମନ୍ତପୁର ବ୍ଲକ ଠାରୁ ମୁଜାଙ୍ଗ ପଞ୍ଚାୟତ ପ୍ରାୟ ୬୨ କିମି ଦୂର ଓ ନାରାୟଣପାଟଣା ଠାରୁ ବିଜାଘାଟି ପ୍ରାୟ ୩୦ କିମି ଦୂରରେ ଅବସ୍ଥିତ । ଅଥଚ ଏହି ପଞ୍ଚାୟତ ଗୁଡ଼ିକ ମାଥାଲପୁଟ ଠାରୁ ମାତ୍ର ୫/୬ କିମି ଦୂରରେ ଅବସ୍ଥିତ । ସେହିପରି ସେମିଲିଗୁଡା ବ୍ଲକ୍ ଅନ୍ତର୍ଗତ ଚାରାଙ୍ଗୁଲ ପଞ୍ଚାୟତକୁ ମଧ ମାଥାଲପୁଟରେ ସାମିଲ କରାଯାଇ ଏକ ନୂତନ ପଞ୍ଚାୟତ ସମିତି ଗଠନ କରାଯାଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହାକୁ ନେଇ ଯଥାଶୀଘ୍ର ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟାଳୟ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା । ଆଗାମୀ ଦିନରେ ତ୍ୱରିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ସମିତି ଗଠନ ସପକ୍ଷରେ ନିଜର ମତାମତ ପ୍ରଦାନ କରିଥିଲେ । ମାଥାଲପୁଟଠାରେ ପଞ୍ଚାୟତ ସମିତି ଗଠନ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ମାନଦଣ୍ଡ ଉନ୍ନତି ହୋଇପାରିବ ବୈଠକରେ ମତ ପ୍ରକାଶ ପାଇଥିଲା।



ଏ ସବୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହା ଉପରେ ବିଚାର କରିବେ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି ।

# ନାଗା ସାଧ୍ୱୀ ହେଲେ ମମତା କୁଲକର୍ଣ୍ଣି



ମୁମ୍ବାଇ, ୨୪।୧ : ବଲିଉଡ୍ ଅଭିନେତ୍ରୀ ମମତା କୁଲକର୍ଣ୍ଣି ଏବେ ପୁରୁଣା ଜୀବନକୁ ତ୍ୟାଗ କରି ମହାମଣ୍ଡଳେଶ୍ୱର ହୋଇଛନ୍ତି। ଗ୍ଲାମର ଓ ଫିଲ୍ମର ମାର୍ଗକୁ ସେ ସବୁଦିନ ପାଇଁ ଛାଡି ନିଜ ଅତୀତ ଜୀବନକୁ ପଛରେ ପକାଇ ଏକ ନୂଆ ଜୀବନକୁ ଆପଣେଇ ନେଇଛନ୍ତି । ମମତା କୁଲକର୍ଣ୍ଣି ନିଜର ପୁରୁଣା ପରିଚୟ ଛାଡ଼ି ପ୍ରୟାଗରାଜର ସଙ୍ଗମ କୂଳରେ ଆୟୋଜିତ ମହାକୁମ୍ଭରେ ସ୍ନାନ କରି ନୂଆ ଜୀବନରେ ପ୍ରବେଶ କରିଥିଲେ। ମମତାଙ୍କୁ ଏବେ ମହାମଣ୍ଡଳେଶ୍ୱର ଶ୍ରୀ ଯାମି ମମତାନନ୍ଦ ଗିରି କୁହାଯିବ। ମମତା ବଲିଉଡର ଅନେକ ଫିଲ୍ମରେ କାମ କରିଛନ୍ତି । ତେବେ ଦୀର୍ଘ ଦିନ ଧରି ସେ ଫିଲ୍ମଠାରୁ ଦୂରରେ ରହି ଧ୍ୟାନ କରୁଥିଲେ । ଏବେ ସେ ଜଣେ ସାଧୁ ପାଲଟିଯାଇଛନ୍ତି। କିନ୍ନର ଆଖଡ଼ାରୁ ସେ ଦୀକ୍ଷା ଗ୍ରହଣ କରି ଆଧ୍ୟାତ୍ମିକ ମାର୍ଗ ଆପଣାଇଛନ୍ତି। ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ୨୦୨୫ ରେ ମମତା କିନ୍ନର ଆଖଡ଼ାରେ ସନ୍ୟାସଜୀବନ ଆରମ୍ଭ କରିଛନ୍ତି। ତାଙ୍କୁ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ଉପାଧିରେ ସମ୍ମାନିତ କରାଯାଇଛି।

# କଙ୍ଗନାଙ୍କ ଫିଲ୍ମ ଏମର୍ଜେନ୍ସିର ପ୍ରଦର୍ଶନକୁ ନେଇ ବ୍ରିଟେନରେ ହିଂସାତ୍ମକ ବିକ୍ଷୋଭ

ନୂଆଦିଲ୍ଲୀ, ୨୪।୧ : କଙ୍ଗନା ରଣାୱତଙ୍କ ଫିଲ୍ମ 'ଏମର୍ଜେନ୍ସି'ର ପ୍ରଦର୍ଶନକୁ ନେଇ ବ୍ରିଟେନରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ନେଇ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଚିନ୍ତା ପ୍ରକଟ କରିଛି। ଅନୁମତିପ୍ରାପ୍ତ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ପାଇଁ ବ୍ରିଟେନ ସରକାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେ ଅନେକ ଖବର ଦେଖିଛୁ ଯେ ଅନେକ ପ୍ରେକ୍ଷାଳୟରେ ଫିଲ୍ମ ପ୍ରଦର୍ଶିତ ହେଉଛି, କିନ୍ତୁ ଏହାର ପ୍ରଦର୍ଶନରେ ବାଧା ରହିଛି। ଭାରତ ବିରୋଧୀ ତତ୍ତ୍ୱ ଏବଂ ଧମକଦେବା ଘଟଣାକୁ ନେଇ ଆମେ ବ୍ରିଟେନ ସରକାରଙ୍କ ସହ ନିରନ୍ତର ଆଲୋଚନା କରୁଛୁ । ଯେଉଁମାନେ ଫିଲ୍ମର ପ୍ରଦର୍ଶନରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଦାୟୀ କରାଯିବା ଉଚିତ। ବ୍ରିଟିଶ ଶିଖ୍ ଗୋଷ୍ଠୀଙ୍କ ବିରୋଧ ଯୋଗୁଁ ବର୍ମିଂହାମ, ୱଲଭରହାମ୍ପଟନ୍ ଏବଂ ପଶ୍ଚିମ ଲଣ୍ଡନର କିଛି ଅଞ୍ଚଳରେ ସିନେମା ହଲ୍ ଗୁଡ଼ିକ ପ୍ରଦର୍ଶନ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ଏହି ଚଳଚ୍ଚିତ୍ରକୁ ଶିଖ୍ ବିରୋଧୀ ପ୍ରଚାର ବୋଲି ସମାଲୋଚନା କରାଯାଇଛି ଏବଂ ଚଳିତ ସପ୍ତାହ ଶେଷରେ ଅନ୍ୟ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯୋଜନା କରାଯାଇଛି।

# କ୍ଷୀର ମୂଲ୍ୟ ୧ ଟଙ୍କା କମାଇଲା ଅମୁଲ

ନୂଆଦିଲ୍ଲୀ, ୨୪।୧ : ଅମୁଲ ପକ୍ଷରୁ କ୍ଷୀର ମୂଲ୍ୟ ହ୍ରାସ କରାଯାଇଛି। ସାରା ଦେଶରେ ୧ ଲିଟର କ୍ଷୀର ପିଛା କମ୍ପାନୀ ୧ ଟଙ୍କା କମାଇଛି। ଅମୁଲ ଗୋଲ୍ଡ, ଅମୁଲ ତାଜା ଏବଂ ଅମୁଲ ଟି ସ୍ପେଶାଲ ୧ କେଜି ପ୍ୟାକ୍ କ୍ଷୀରରେ ଏହି ଦର ହ୍ରାସ ଲାଗୁ କରାଯାଇଛି। ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେସନର ପରିଚାଳନା ନିର୍ଦ୍ଦେଶକ ଜୟେନ ମେହଟା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ୨୦୨୪ ଜୁନରେ ଅମୁଲ ପକ୍ଷରୁ କ୍ଷୀର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯାଇଥିଲା। ଏବେ ମୂଲ୍ୟ ହ୍ରାସ ପରେ ଅମୁଲ ଗୋଲ୍ଡ କ୍ଷୀର ଲିଟର ୬୬ ଟଙ୍କା ପରିବର୍ତ୍ତେ ୬୫ ଟଙ୍କା ହୋଇଛି। ସେହିପରି ଅମୁଲ ଟି ସ୍ପେଶାଲ କ୍ଷୀର ୬୨ ଟଙ୍କାରୁ ୬୧ ଏବଂ ଅମୁଲ ତାଜା କ୍ଷୀର ୫୪ ଟଙ୍କାରୁ ୫୩ ଟଙ୍କାକୁ ହ୍ରାସ ପାଇଛି।

# ଭଜନ ଗାଇଲେ ଫାରୁକ ଅବଦୁଲ୍ଲା

ଶ୍ରୀନଗର, ୨୪।୧ : ନ୍ୟାଶନାଲ କନଫରେନ୍ସ ମୁଖ୍ୟ ଏବଂ ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଜଣେ ଦମ୍‌ଦାର ରାଜନେତା। ରାଜନୀତି ସହିତ, ଧାର୍ମିକ ପ୍ରସଙ୍ଗରେ ତାଙ୍କର ଭିନ୍ନ ଭିନ୍ନ ଦୃଷ୍ଟିକୋଣ ସମୟ ସମୟରେ ଦେଖିବାକୁ ମିଳେ। ପୁଣିଥରେ ଫାରୁକ ଅବଦୁଲ୍ଲାଙ୍କୁ ବୈଷ୍ଣୋ ଦେବୀ ମନ୍ଦିର ନିକଟସ୍ଥ କଟରାସ୍ଥିତ ଏକ ଆଶ୍ରମରେ ମାତା ବୈଷ୍ଣୋ ଦେବୀଙ୍କ ଭକ୍ତିରେ ବୁଡ଼ି ରହିଥିବାର ଦେଖାଯାଇଥିଲା। ସେ କଟରା ଆଶ୍ରମରେ 'ତୁ ନେ ମୁଝେ ବୁଲାୟା ଶେରାୱାଲିୟେ' ଭଜନ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏବେ ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବରୁ ୨୦୨୪ ଏପ୍ରିଲରେ ମଧ୍ୟ ତାଙ୍କର ରାମଧୂନ ଗାଇବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଫାରୁକ କଟରାର ଏକ ଆଶ୍ରମରେ ଏକ 'ଭଜନ' କାର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କ ସହିତ 'ତୁନେ ମୁଝେ ବୁଲାୟା ଶେରାୱାଲିୟେ, ମୈଁ ଆୟା, ମୈଁ ଆୟା ଶେରାୱାଲିୟେ' ଗାଇଥିଲେ। ଏହି ଅବସରରେ ଭାଷଣ ଦେଇ, ସେ ରୋପେୱ୍ୱେ ପ୍ରକଳ୍ପ ବିରୋଧରେ କଟରାର ଲୋକଙ୍କ ସମର୍ଥନ ଜଣାଇଥିଲେ। ସେ କହିଥିଲେ, ଯେଉଁମାନେ ମନ୍ଦିର ପରିଚାଳନା କରୁଛନ୍ତି ସେମାନେ ଏପରି କିଛି କରିବା ଉଚିତ୍ ନୁହେଁ, ଯାହା ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ କ୍ଷତି ପହଞ୍ଚାଏ କିମ୍ବା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ।

# ପତ୍ନୀ ଛାଡ଼ପତ୍ର ଆବେଦନ ଫେରାଇ ଆଣିବାକୁ ମନା କରିବାରୁ ଜୀବନ ହାରିଲା ସ୍ୱାମୀ

ବେଙ୍ଗାଲୁରୁ, ୨୪।୧ : ୨୦୧୩ରେ ବିବାହ କରିବା ପରେ ପୁତ୍ର ସନ୍ତାନର ମାତାପିତା ହୋଇଥିଲେ। ଏକାଠି ରହିବା ପରେ ବାରମ୍ବାର ଝଗଡ଼ା ହେଉଥିବାରୁ ପତ୍ନୀ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ପତ୍ନୀ ଆବେଦନ ଫେରାଇ ଆଣିବାକୁ ମନା କରିବାରୁ ସ୍ୱାମୀ ଦେହରେ ପେଟ୍ରୋଲ ଢ଼ାଳି ଜୀବନ ହାରିଥିବା ଜଣାପଡ଼ିଛି। ଘଟଣାଟି ଘଟିଛି ବେଙ୍ଗାଲୁରୁର ନଗରଭବିରେ। ପୁଲିସର ସୂଚନା ଅନୁସାରେ, ମୃତକଙ୍କ ନାମ ମଞ୍ଜୁନାଥ, ଯିଏ କୁନିଗଲ ସହରରେ ରହୁଥିଲେ। ତାଙ୍କ ବୟସ ଥିଲା ୩୯ ବର୍ଷ ଏବଂ ତାଙ୍କର ଏକ କ୍ୟାବ୍ ଥିଲା। କ୍ୟାବ୍ ଚଳାଇ ସେ ପରିବାର ଚଳାଉଥିଲେ। ୨୦୧୩ମସିହାରେ, ସେ ବିବାହ କରିଥିବା ବେଳେ ବିବାହ ପରେ ବେଙ୍ଗାଲୁରୁର ଏକ ଫ୍ଲାଟରେ ରହୁଥିଲେ। ବିବାହର କିଛି ବର୍ଷ ପରେ ସେ ଏକ ପୁତ୍ର ସନ୍ତାନର ବାପା ହୋଇଥିଲେ। ହେଲେ ଦମ୍ପତିଙ୍କ ମଧ୍ୟରେ ମତାନ୍ତର ହେତୁ, ମଞ୍ଜୁନାଥ ଦୁଇ ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀଙ୍କଠାରୁ ଅଲଗା ରହିବା ଆରମ୍ଭ କରିଥିଲେ। ଏହା ପରେ ତାଙ୍କ ପତ୍ନୀ କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ ବୋଲି ଜଣାପଡ଼ିଛି।

## ପ୍ରବାସୀଙ୍କୁ ନେଇ ବିଦେଶ ମନ୍ତ୍ରାଳୟର ବଡ଼ ବୟାନ

# ଆମେରିକାରେ ବେଆଇନ ଭାବେ ରହୁଥିବା ଭାରତୀୟଙ୍କୁ ଫେରାଇ ଅଣାଯିବ

ନୂଆଦିଲ୍ଲୀ, ୨୪।୧ : ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଶପଥ ନେବା ପରେ ଆକ୍ସନ ମୁଡକୁ ଆସିଛନ୍ତି। ଦେଶର ସୀମା ସୁରକ୍ଷା ଏବଂ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ନେଇ କଠୋର ହୋଇଛନ୍ତି । ଅବୈଧ ପ୍ରବାସୀଙ୍କୁ ଆମେରିକାରୁ ବାହାର କରିବାକୁ ଆଦେଶ ଜାରି କରିଛନ୍ତି । ସୂଚନାନୁଯାୟୀ, ହଜାର ହଜାର ଭାରତୀୟ ବିନା କୌଣସି କାଗଜପତ୍ରରେ ଆମେରିକାରେ ବେଆଇନ ଭାବେ ରହୁଛନ୍ତି । ତେବେ ଏମାନଙ୍କୁ ନେଇ ବିଦେଶ ମନ୍ତ୍ରାଳୟ ଏକ ବୟାନ ଜାରି



କରିଛି । ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, କେବଳ ଆମେରିକା ନୁହେଁ, ବିଶ୍ୱରେ ଯେଉଁଠି ଭାରତୀୟ ବିନା ପ୍ରମାଣପତ୍ର ବେଆଇନ ଭାବେ ରହୁଛନ୍ତି, ସେମାନଙ୍କୁ ଭାରତକୁ ଫେରାଇ ଅଣାଯିବ । ଭାରତ ସବୁବେଳେ ଅବୈଧ ପ୍ରବାସୀଙ୍କ ବିରୋଧରେ ରହିଛି । କାରଣ ଏହା ଦ୍ୱାରା କୌଣସି ବି ଦେଶର ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରଭାବିତ ହୋଇଥାଏ । କ୍ରାଇମ ମାତ୍ରା ବଢ଼ିଯାଏ । ତେଣୁ ବିଦେଶରେ ବେଆଇନ ଭାବେ ରହୁଥିବା ଭାରତୀୟଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି । ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି କହିଥିଲେ, ଭାରତୀୟ କେବଳ ଆମେରିକା ନୁହେଁ ବିଶ୍ୱର ସର୍ବାଧିକ ଦେଶ ରହିଛନ୍ତି । ବିନା ପ୍ରମାଣପତ୍ରରେ ଏମାନେ ଆବଶ୍ୟକତା ଠାରୁ ଅଧିକ ସମୟ ଧରି ରହୁଛନ୍ତି । ସେମାନଙ୍କୁ ଭାରତ ସରକାର ଦେଶ ଫେରାଇ ଆଣିବାକୁ ପ୍ରସ୍ତୁତ ରହିଛନ୍ତି । ମାତ୍ର ଏଥିପାଇଁ ସେମାନଙ୍କର ନାଗରିକତା ପ୍ରମାଣପତ୍ରକୁ ନେଇ ସତ୍ୟପାଠ ଦେବାକୁ ପଡ଼ିବ । ଭାରତୀୟ ବୋଲି ଥରେ ପ୍ରମାଣିତ ହେଲେ ସେମାନଙ୍କୁ କେନ୍ଦ୍ର ସରକାର ଫେରାଇ ଆଣିବେ । ଆମେରିକାରେ ରହୁଥିବା ଭାରତୀୟଙ୍କ ସଂଖ୍ୟା ବାବଦରେ ପ୍ରଶ୍ନ କରିବାକୁ ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, କୌଣସି ସଠିକ୍ ତଥ୍ୟ ଏଯାଏଁ ମିଳିନାହିଁ । ଆମେରିକା ଏବଂ ଭାରତ ମଧ୍ୟରେ ଏନେଇ ଆଲୋଚନା ଚାଲିଛି । ଅବୈଧ ପ୍ରବାସୀଙ୍କୁ ନେଇ ଭାରତ ସବୁବେଳେ କଠୋର । ଏମାନଙ୍କ ବିରୁଦ୍ଧ ସବୁବେଳେ ରହିଛନ୍ତି ସରକାର ।

# ବଜେଟ୍ ପୂର୍ବରୁ ହାଲୁଆ ଉତ୍ସବରେ ସାମିଲ ହେଲେ ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ, ୨୪।୧ : ୨୦୨୫-୨୬ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟର ପ୍ରତୀକ ହାଲୁଆ ଉତ୍ସବ ଶୁକ୍ରବାର ହୋଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନର୍ଥ ବ୍ଲକରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେକୌଣସି ଶୁଭ କାମ ଆରମ୍ଭ ପୂର୍ବରୁ ମିଠା ରୋଷେଇର ପରମ୍ପରା ରହିଥାଏ । ଏହି ପରମ୍ପରା ଅନୁସାରେ ବଜେଟ୍ ଉପସ୍ଥାପନ ପୂର୍ବରୁ ହାଲୁଆ ସେରିମନି ଆୟୋଜନ କରାଯାଇଥାଏ । ଏହି ଆୟୋଜନ ପରେ ବଜେଟ୍ ସହ ଜଡ଼ିତ ଅଧିକାରୀଙ୍କୁ ବାହାର ଦୁନିଆଠାରୁ ଅଲଗା ରଖାଯାଇଥାଏ । ଏହାର ଉଦ୍ଦେଶ୍ୟ ବଜେଟ୍ ନିଷ୍ପତ୍ତି ଏବଂ ନୀତିକୁ ଗୋପନୀୟ ରଖିବା । କହିବାକୁ ଗଲେ ଅଧିକାରୀମାନେ ଏକ ପ୍ରକାର ନଜରବନ୍ଦୀ ହୋଇ ରହିଥାନ୍ତି । ଅର୍ଥମନ୍ତ୍ରୀ ଲୋକସଭାରେ ନିଜ ବଜେଟ୍ ଭାଷଣ ଶେଷ କରିବା ପରେ ସମସ୍ତେ ବାହାରକୁ ଆସିଥାନ୍ତି । ବଜେଟ୍ ପରମ୍ପରା ଅନୁସାରେ, ପ୍ରତିବର୍ଷ ବଜେଟ୍ ପ୍ରସ୍ତୁତି କାର୍ଯ୍ୟରେ ଜଡ଼ିତ ଅଧିକାରୀଙ୍କ 'ଲକ୍-ଇନ୍' ପ୍ରକ୍ରିୟା ପୂର୍ବରୁ ଏହି ଉତ୍ସବର ଆୟୋଜନ କରାଯାଇଥାଏ । ସଂସଦରେ ବଜେଟ୍ ଉପସ୍ଥାପନର ୫ଦିନ ପୂର୍ବରୁ ଏହି ଉତ୍ସବ ହୋଇଥାଏ । ଏହି ଉତ୍ସବ ପରେ ବଜେଟ୍ କାର୍ଯ୍ୟରେ ଜଡ଼ିତ ଅଧିକାରୀମାନେ ନର୍ଥ ବ୍ଲକରେ ବନ୍ଦ ରୁହନ୍ତି । ସେମାନଙ୍କ ସହ କୌଣସି ପ୍ରକାର ବାହ୍ୟ ଯୋଗାଯୋଗ ରହି ନଥାଏ । ମୋବାଇଲ ଫୋନ୍ ବ୍ୟବହାର ଉପରେ ପ୍ରତିବନ୍ଧକ ରୁହେ । ସଂସଦର ବଜେଟ୍ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହେବ। ଏପ୍ରିଲ ୪ରେ ଅଧିବେଶନ ସମାପ୍ତ ହୋଇପାରେ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ନିଜର ଅଷ୍ଟମ ବଜେଟ୍ ଉପସ୍ଥାପନ କରିବେ । ସଂସଦ ବଜେଟ୍ ଅଧିବେଶନ ସମୟରେ ଫେବ୍ରୁଆରୀ ୧ରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିବେ । ପରମ୍ପରା ଅନୁସାରେ ଅଧିବେଶନ ଆରମ୍ଭର ଜାନୁଆରୀ ୩୧ରେ ସଂସଦର ଉଭୟ ଗୃହର ମିଳିତ ବୈଠକରୁ ହେବ । ସଂସଦର ମିଳିତ ବୈଠକକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବେ । ଅଷ୍ଟଦଶ ଲୋକସଭାର ଏହା ତୃତୀୟ ଅଧିବେଶନ ହେବ । ଏହାସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବଜେଟ୍ ଅଧିବେଶନ ।

# ୱାକଫ୍ ଜେପିସି ବୈଠକରେ ହଙ୍ଗାମା: ୧୦ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ, ୨୪।୧ : ୱାକଫ୍ ସଂଶୋଧନ ବିଲକୁ ନେଇ ଜେପିସି ବୈଠକରେ ଜୋରଦାର ହଙ୍ଗାମା ହୋଇଛି। ଏପରିକି ହଙ୍ଗାମା ଏତେ ବଢିଯାଇଥିଲା ଯେ ମାର୍ଶାଲମାନଙ୍କୁ ଡକାଇବାକୁ ପଡ଼ିଥିଲା । ଏହି ହଙ୍ଗାମା ପାଇଁ ଅସଦୁଦ୍ଦିନ ଓୱେସି ଓ କଲ୍ୟାଣ ବାନାର୍ଜୀଙ୍କ ସମେତ ୧୦ ଜଣ ବିରୋଧୀ ସାଂସଦଙ୍କୁ ଜେପିସି ସଦସ୍ୟତାରୁ ଗୋଟିଏ ଦିନ ପାଇଁ ନିଲମ୍ବିତ କରାଯାଇଛି। ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ଜେପିସିରେ ସେମାନଙ୍କ ମତାମତକୁ ଶୁଣାଯାଉନାହିଁ। ବିଜେପି ସାଂସଦ ନିଶିକାନ୍ତ ଦୁବେ ଜେପିସିରେ ବିରୋଧୀ ଦଳର ସାଂସଦମାନଙ୍କୁ ନିଲମ୍ବିତ କରିବାକୁ ପ୍ରସ୍ତାବ ଆଣିଥିଲେ। ଅଧ୍ୟକ୍ଷ ଜଗଦମ୍ବିକା ପାଲ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ଜେପିସିରେ ସେମାନଙ୍କ



ମତାମତକୁ ଶୁଣାଯାଉନାହିଁ। ବିଜେପି ସାଂସଦ ନିଶିକାନ୍ତ ଦୁବେ ଜେପିସିରେ ବିରୋଧୀ ଦଳର ସାଂସଦମାନଙ୍କୁ ନିଲମ୍ବିତ କରିବାକୁ ପ୍ରସ୍ତାବ ଆଣିଥିଲେ। ଅଧ୍ୟକ୍ଷ ଜଗଦମ୍ବିକା ପାଲ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଅସଦୁଦ୍ଦିନ ଓୱେସି, ଇମ୍ରାନ ମାସୁଦ, କଲ୍ୟାଣ ବାନାର୍ଜୀ, ଅରବିନ୍ଦ ସାୱନ୍ତ, ନାସିର ହୁସେନ, ଏ ରାଜା, ମୋହିବୁଲ୍ଲା ନଦଭି, ଏମଏମ ଅବଦୁଲ୍ଲା, ନାଦିମୁଲ ହକ୍ ଏବଂ ମହମ୍ମଦ ଜାଭେଦଙ୍କୁ ନିଲମ୍ବିତ କରାଯାଇଛି। ଏହା ପ୍ରଥମ ଥର ନୁହେଁ ଯେ ଜେପିସି ବୈଠକରେ ହଙ୍ଗାମା ହୋଇଛି। ଏହା ପୂର୍ବରୁ ମଧ୍ୟ ଏହି ବୈଠକରେ ବିବାଦ ଦେଖାଦେଇଥିଲା । ଆଜିର ହଙ୍ଗାମା ସମ୍ପର୍କରେ ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ସମୟ ଦିଆଯାଇନାହିଁ, ସେମାନେ ତରବରିଆ ହେଉଛନ୍ତି। ଏହି ୧୦ ଜଣ ସଦସ୍ୟଙ୍କୁ ଆଜି ପାଇଁ ନିଲମ୍ବିତ କରାଯାଇଛି। ଆମେ ଜାନୁଆରୀ ୩୧ରେ ପ୍ରତି ଧାରା ଉପରେ ଆଲୋଚନା ଚାହୁଁଥିଲୁ କିନ୍ତୁ ସେମାନେ ଜାନୁଆରୀ ୨୭ରେ ଏହା କରିବାକୁ ଅଟଳ ଅଛନ୍ତି ।

## ଭୋଟରଙ୍କୁ କେଜ୍ରିୱାଲଙ୍କ ପରାମର୍ଶ

# ବିଜେପି ଯାହା ବାଣ୍ଟୁଛି ନିଅ, କିନ୍ତୁ ଭୋଟ ଦିଅନି

ନୂଆଦିଲ୍ଲୀ, ୨୪।୧ : ଆମ ଆଦମୀ ପାର୍ଟି (ଆପ) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିଜେପି ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ବିଜେପି ନେତାମାନେ ପୁଲିସ ଉପସ୍ଥିତିରେ ଭୋଟରଙ୍କୁ ଖୋଲାଖୋଲି ଭାବେ ଟଙ୍କା, ମଦ ଓ ସୁନା ଚେନ ବାଣ୍ଟୁଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି। ବିଗତ ଦେଢ଼ମାସ ହେବ ବିଜେପି ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏକ ଭିଡିଓ ପୋଷ୍ଟ କରି ଅଭିଯୋଗ କରିଛନ୍ତି। କେଜ୍ରିୱାଲ କହିଛନ୍ତି, କେହି ନିର୍ବାଚନ ଆୟୋଗ ଏବଂ ଆଇନକୁ ଭୟ କରୁନାହାନ୍ତି। ଏପରି କି ପୁଲିସ ବି ଏସବୁକୁ ସୁରକ୍ଷା ଦେଉଛି। ଏହା ଗଣତାନ୍ତ୍ରିକ ପଦ୍ଧତି ପ୍ରତି ଘୋର ବିପଦ। ଯେଉଁ ଟଙ୍କା ଏବଂ ସାମଗ୍ରୀ ବଣ୍ଟାଯାଉଛି ତାହା ସରକାରୀ ପାଣ୍ଠି ନୁହେଁ। ଏସବୁ ଦୁର୍ନୀତି ଜରିଆରେ ଲୋକଙ୍କଠାରୁ ଲୁଟ କରାଯାଇଥିବା ସମ୍ପତ୍ତି। ତେଣୁ କୌଣସି ଭୋଟର ନିଜର ଭୋଟ ବିକ୍ରି କରନ୍ତୁନି ବୋଲି କେଜ୍ରିୱାଲ ନିବେଦନ କରିଛନ୍ତି। ମାତ୍ର ୧୧୧୧ ଟଙ୍କା, ଗୋଟିଏ ଶାଢ଼ି, କମ୍ବଳ, ଜୋତା ପାଇଁ ନିଜର ମୂଲ୍ୟବାନ ଭୋଟ ନ ବିକିବାକୁ ସେ କହିଛନ୍ତି। ବିଜେପି ନେତାମାନେ ଯାହାସବୁ



ବାଣ୍ଟୁଛନ୍ତି, ସେସବୁ ଗ୍ରହଣ କର, କିନ୍ତୁ ସେହି ଦଳକୁ ଭୋଟ ଦିଅ ନାହିଁ ବୋଲି କେଜ୍ରିୱାଲ ଭୋଟରମାନଙ୍କୁ ଆହ୍ୱାନ କରିଛନ୍ତି।

# ମୁଁ ମୋ ପୂର୍ବ ଜନ୍ମରେ କୃଷ୍ଣ ଥିଲି: ଆଇଆଇଟି ବାବା

ପ୍ରୟାଗରାଜ, ୨୪।୧ : ପ୍ରୟାଗରାଜରେ ହେଉଥିବା ମହାକୁମ୍ଭରେ ଆଇଆଇଟି ବାବା ଅର୍ଥାତ୍ ଅଭୟ ସିଂହଙ୍କ ବିଷୟରେ ବହୁତ ଆଲୋଚନା ହେଉଛି। ଅଭୟ ସିଂହ ପ୍ରଥମେ ଆଇଆଇଟିରେ ପଢ଼ିଥିଲେ, ଚାକିରି କରିଥିଲେ, କିନ୍ତୁ ଏବେ ସେ ଧର୍ମ ପଥରେ ଅଛନ୍ତି। ଏବେ ଅଭୟ ସିଂହ ଇଣ୍ଟରନେଟରେ ଆଇଆଇଟି ବାବା ନାମରେ ପ୍ରସିଦ୍ଧ। ଆଇଆଇଟି ବାବାଙ୍କ ଜୀବନ ସହିତ, ତାଙ୍କର ବିଭିନ୍ନ ଦାବି ଉପରେ ବହୁତ ଆଲୋଚନା ହେଉଛି। ସେ ନିକଟରେ ଦାବି କରିଥିଲେ ଯେ ସେ ଶ୍ମଶାନରେ ହାଡ଼ ଖାଉଥିଲେ। ଏବେ ସେ ଏକ ସାକ୍ଷାତକାରରେ ଏଭଳି ଦାବି କରିଛନ୍ତି, ଯାହାକୁ ସହଜରେ ବିଶ୍ୱାସ କରିବା କଷ୍ଟ। ଆଇଆଇଟି ବାବା ଏବେ ନିଜର ଦାଢ଼ି କାଟି ଦେବା ସହ ଭିନ୍ନ ଲୁକରେ ନଜର ଆସିଛନ୍ତି। ଦାଢ଼ି କାଟିବା ପଛର କାରଣ ଜଣାଇ ସେ କହିଛନ୍ତି ଯେ, 'ମୁଁ ମୋ ଲୁକରେ ପରିବର୍ତ୍ତନ କରେ। ଯେତେବେଳେ ମୁଁ ପୂର୍ବରୁ ଯାତ୍ରା କରୁଥିଲି, ମହାଦେବ କହିଥିଲେ ଯେ ମୋତେ ନଅଟକି ଆଗକୁ ବଢ଼ିବାକୁ ହେବ। ୨-୩ମାସ ମୋତେ କେଶ କାଟିବାକୁ ସମୟ ମିଳୁନଥିବାରୁ ଏହା ବଢ଼ି ଯାଉଥିଲା। ପରେ ୩-୪ମାସ ପରେ ମୁଁ ଏହାକୁ କାଟୁଥିଲି। ଏହି ଧାରା ପୂର୍ବରୁ ରହି ଆସିଛି। ସାକ୍ଷାତକାରରେ ସେ ଏହା ମଧ୍ୟ କହିଛନ୍ତି ଯେ, 'ମୁଁ ମୋ ପୂର୍ବ ଜନ୍ମରେ ଏହିପରି ଅନେକ କାମ କରିଛି। ମୁଁ ପୁନର୍ଜନ୍ମ ବିଷୟରେ ସବୁକିଛି ଜାଣେ ଏବଂ ମୁଁ ଜାଣେ ଯେ ମୁଁ ମୋର ପୂର୍ବ ଜନ୍ମରେ କ'ଣ କରୁଥିଲି। ଯେତେବେଳେ ତାଙ୍କୁ ତାଙ୍କ ପୂର୍ବ ଜୀବନ ବିଷୟରେ ପଚରାଗଲା, ଆଇଆଇଟି ବାବା କହିଥିଲେ ଯେ ମୁଁ ପୂର୍ବ ଜନ୍ମରେ କୃଷ୍ଣ ଥିଲି।' ତାଙ୍କର ଏହି ସାକ୍ଷାତକାର ଏବେ ଭାଇରାଲ ହେବାରେ ଲାଗିଛି।

# ବ୍ୟାପକ ଜନହାନି ସତ୍ତ୍ୱେ ୟୁକ୍ରେନ ଯୁଦ୍ଧକୁ ଆହୁରି ସୈନ୍ୟ ପଠାଇବ ଉତ୍ତରକୋରିଆ



ସିଓଲ ୨୪।୧ : ଋଷିଆର ୟୁକ୍ରେନ ଯୁଦ୍ଧ ଲଢିବା ପାଇଁ ଆହୁରି ଅଧିକ ସୈନ୍ୟ ପଠାଇବାକୁ ପ୍ରସ୍ତୁତ ହେଉଛି ଉତ୍ତରକୋରିଆ। ଦକ୍ଷିଣ କୋରିଆ ଜଏଣ୍ଟ ଚିଫ ଅଫ ଷ୍ଟାଫ (ଜେସିଏସ୍) ୨୪ ଜାନୁୟାରୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୟୁକ୍ରେନ ବିରୋଧରେ ଋଷିଆ ପାଇଁ ଯୁଦ୍ଧ ଲଢି ଏପର୍ଯ୍ୟନ୍ତ ଅନେକ ଉତ୍ତର କୋରିଆ ସୈନିକ ମୃତାହତ ହେଲେଣି। ବ୍ୟାପକ ଜାନହାନୀ ସତ୍ତ୍ୱେ ଋଷିଆର ଯୁଦ୍ଧ ପାଇଁ ଉତ୍ତରକୋରିଆ ଆହୁରି ସୈନିକ ପଠାଇବ ବୋଲି ଜଣାପଡିଛି। ଦକ୍ଷିଣ କୋରିଆର ଏହି ଦାବି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉତ୍ତର କୋରିଆ ନେତା କିମ ଜୋଙ୍ଗ ଉନଙ୍କ ସହିତ ତାଙ୍କ ସମ୍ପର୍କକୁ ପୁଣି ଥରେ ସ୍ଥାପନା କରିବାକୁ ଚେଷ୍ଟା କରିବେ ବୋଲି ଫକ୍ସ ନ୍ୟୁଜ ସହ ସାକ୍ଷାତକାରରେ କହିଛନ୍ତି। ଏହି ସାକ୍ଷାତକାରରେ ଉନଙ୍କୁ ଟ୍ରମ୍ପ 'ସ୍ମାର୍ଟ ଗଏ' ବୋଲି ସମ୍ବୋଧନ କରିଛନ୍ତି। ଦକ୍ଷିଣକୋରିଆ ଜେସିଏସ୍ କହିଛନ୍ତି ଯେ ଉତ୍ତର କୋରିଆ ୟୁକ୍ରେନ ଯୁଦ୍ଧକୁ ୧୧ ହଜାର ସୈନିକ ପଠାଇଥିଲା। ଏହି ସୈନିକଙ୍କ ମଧ୍ୟରୁ ଏବେ ଅନେକ ଶହିଦ ହୋଇ ସାରିଥିବା ବେଳେ ବହୁସଂଖ୍ୟାରେ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଯୁଦ୍ଧକୁ ଯାଇଥିବା ଅନେକ ଉତ୍ତରକୋରିଆ ସୈନିକ ନିଖୋଜ ମଧ୍ୟ ଅଛନ୍ତି। ତେବେ ଆକଳନ କରାଯାଉଛି ସରକାର ପରବର୍ତ୍ତି ପଦକ୍ଷେପ ସ୍ୱରୂପ ଆହୁରି ଅଧିକ ସୈନ୍ୟ ପଠାଇବାକୁ ପ୍ରସ୍ତୁତି କରୁଛନ୍ତି। ତେବେ ଉତ୍ତରକୋରିଆ ପରବର୍ତ୍ତି ପଦକ୍ଷେପରେ କେଉଁ ନିଷ୍ପତ୍ତି ନେବ ତାହା ଦକ୍ଷିଣ କୋରିଆ ଜେସିଓ ସ୍ପଷ୍ଟ କରିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ଉତ୍ତରକୋରିଆ ସେତେବେଳେ ଋଷିଆକୁ ସୈନ୍ୟ ପଠାଇବା ଆରମ୍ଭ କରିଥିଲା ଯେତେବେଳେ କିମ୍ ଜୋଙ୍ଗ ଉନ ଓ ଋଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ମଧ୍ୟରେ ଏକ ପ୍ରତିରକ୍ଷା ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ଆଧିପତ୍ୟ ବିରୋଧରେ ଉଭୟ ନେତା ସ୍ୱାକ୍ଷର କରିଥିଲେ।

# ଋଣ ସୁଝିନପାରିବାରୁ ମହିଳାଙ୍କୁ ଲଣ୍ଡା କଲେ

ଅଗରତାଲା, ୨୪।୧ : ତ୍ରିପୁରାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଜଣେ ମହିଳା ଋଣ ସୁଝିନପାରିବାରୁ କିଛି ସ୍ଥାନୀୟ ଲୋକ ମିଶି ତାଙ୍କୁ ଲଣ୍ଡା କରିଥିବା ଅଭିଯୋଗ ହୋଇଛି। ଘଟଣାଟି ହେଉଛି ତ୍ରିପୁରାର ସେପାହିଜାଲା ଜିଲ୍ଲାର ବିଶାଳଗଡ଼ର ଲାଲସିଂମୁରା ଅଞ୍ଚଳର। ଜାଣିବାକୁ ମିଳିଛି ଯେ ଉକ୍ତ ମହିଳା ଜଣଙ୍କୁ କିଛି ମହିଳା ମିଶି କରି ଲଣ୍ଡା କରିଛନ୍ତି। ଘଟଣା ସଂପର୍କରେ ସୂଚନା ପାଇବା ପରେ ବିଶାଳଗଡ଼ ମହିଳା ପୁଲିସ ଷ୍ଟେସନର ପୁଲିସ ପୀଡିତାଙ୍କୁ ଉଦ୍ଧାର କରି ସୁରକ୍ଷା ପ୍ରଦାନ କରିବା ସହ ପ୍ରାରମ୍ଭିକ ତଦନ୍ତ ପାଇଁ ପୁଲିସ୍ ଷ୍ଟେସନକୁ ଆଣିଥିଲେ।

# ହାତ ନ ଛାଡ଼ିବାକୁ ଆମେରିକାକୁ ଆହ୍ୱାନ ଦେଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ନୂଆଦିଲ୍ଲୀ, ୨୪।୧ : ଆମେରିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ଓହରିଯିବାକୁ ଚାହୁଁଥିବା ଘୋଷଣାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୁଃଖ ପ୍ରକାଶ କରିଛି। ଏ ନେଇ ହୁ ପକ୍ଷରୁ ଏକ ପ୍ରେସ ସୂଚନା ଜରିଆରେ ଆମେରିକାକୁ ତାହାର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଆହ୍ୱାନ ଦିଆଯାଇଛି। ସୂଚନାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ଆମେରିକୀୟଙ୍କ ସମେତ ବିଶ୍ୱର ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ସୁରକ୍ଷିତ ରଖିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରୋଗର ମୂଳ କାରଣଗୁଡ଼ିକୁ ସମାଧାନ କରି, ଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା ନିର୍ମାଣ କରିବା



ଏବଂ ଅନେକ ସମୟରେ ବିପଜ୍ଜନକ ସ୍ଥାନରେ ରୋଗ ପ୍ରକୋପ ସମେତ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଚିହ୍ନଟ, ପ୍ରତିରୋଧ ଏବଂ ପ୍ରତିକ୍ରିୟା କ୍ଷେତ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯେଉଁ ପଦକ୍ଷେପ ଗ୍ରହଣ କରିଥାଏ, ତାହା ଅନ୍ୟ କେହି କରିପାରିବେ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକା ୧୯୪୮ ମସିହାରେ ହୁ'ର ପ୍ରତିଷ୍ଠାତା ସଦସ୍ୟ ଥିଲା ଏବଂ ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡରେ ସକ୍ରିୟ ଅଂଶଗ୍ରହଣ ସମେତ ଅନ୍ୟ ୧୯୩ଟି ସଦସ୍ୟ ରାଷ୍ଟ୍ର ସହିତ ଡବ୍ଲ୍ୟୁଏଚଓର କାର୍ଯ୍ୟକୁ ଆକାର ଦେବା ଏବଂ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୭ ଦଶନ୍ଧିରୁ ଅଧିକ ସମୟ ଧରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଅଗଣିତ ଜୀବନ ବଞ୍ଚାଇଛନ୍ତି ଓ ଆମେରିକୀୟ ଏବଂ ସମସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ ବିପଦରୁ ରକ୍ଷା କରିଛନ୍ତି। ଆମେ ମିଳିମିଶି ହାଡଫୁଟି ସଂକ୍ରମଣର ଅନ୍ତ ଘଟାଇଛୁ ଏବଂ ସମସ୍ତେ ମିଶି ପୋଲିଓକୁ ନିରାକରଣ ଦ୍ୱାରକୁ ଆଣିଛୁ। ଆମେରିକୀୟ ଅନୁଷ୍ଠାନଗୁଡ଼ିକ ଡବ୍ଲ୍ୟୁଏଚ୍ଓର ସଦସ୍ୟତା ପାଇଁ ଯୋଗଦାନ ଦେଇଛନ୍ତି ଏବଂ ଉପକୃତ ହୋଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କର ଅଂଶଗ୍ରହଣରେ, ହୁ ଗତ ୭ ବର୍ଷ ମଧ୍ୟରେ ଏହାର ଇତିହାସରେ ସର୍ବବୃହତ ସଂସ୍କାର କାର୍ଯ୍ୟକାରୀ କରିଛି, ଯାହା ଦେଶମାନଙ୍କରେ ଆମର ଉତ୍ତରଦାୟିତ୍ୱ, ଖର୍ଚ୍ଚ-ଫଳପ୍ରଦତା ଏବଂ ପ୍ରଭାବକୁ ପରିବର୍ତ୍ତନ କରିବ। ଏହି କାମ ଜାରି ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ଆମେ ଆଶା କରୁଛୁ ଯେ ଯୁକ୍ତରାଷ୍ଟ୍ର ଆମେରିକା ପୁନର୍ବିଚାର କରିବ ଏବଂ ଆମେ ସମଗ୍ର ବିଶ୍ୱର କୋଟି କୋଟି ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ଲାଭ ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ହୁ ମଧ୍ୟରେ ଭାଗିଦାରୀ ବଜାୟ ରଖିବା ପାଇଁ ଗଠନମୂଳକ ଆଲୋଚନାରେ ସାମିଲ ହେବାକୁ ଆଗ୍ରହୀ।

# ଶହେ ମହିଳାଙ୍କ ସ୍ୱାମୀର ଭିଣୋଇଙ୍କୁ ବାନ୍ଧିଲା ମହିଳା ଥାନା ପୁଲିସ

ଭୁବନେଶ୍ୱର(ନିପ୍ର): ଶହେ ମହିଳାଙ୍କ ସ୍ୱାମୀର ଭିଣୋଇଙ୍କୁ ଶୁକ୍ରବାର ଦିନ କଟକ ଜିଲ୍ଲା ନେମାଳ ଥାନା ଅଙ୍ଗିଆପୁରରୁ ବାନ୍ଧିଲା ମହିଳା ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗଣେଶ୍ୱର ବେଉରା (୫୯) । ତାଙ୍କୁ ଶୁକ୍ରବାର ଦିନ ମହିଳା ଥାନା ପୁଲିସ ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବରୁ ମୁଖ୍ୟ କାର୍ପଟଦାର ଶହେ ମହିଳାଙ୍କ ସ୍ୱାମୀ କହି ମହିଳା ଓ ଯୁବତୀମାନଙ୍କୁ ଠକେଇ କରି ଗିରଫ ହୋଇଥିଲା ଅଭିଯୁକ୍ତ ରମେଶ ଚନ୍ଦ୍ର ସ୍ୱାଇଁ ଓରଫ ବିଧୁ ପ୍ରକାଶ ସ୍ୱାଇଁ ଓରଫ ରମେଶ ରଞ୍ଜନ ସ୍ୱାଇଁ ଓରଫ ବିଜୟ ଶ୍ରୀ ରମେଶ କୁମାର । ଅଭିଯୋଗକାରିଣୀଙ୍କ ଏତଲା ଆଧାରରେ ଭୁବନେଶ୍ୱର ମହିଳା ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ରମେଶ ଚନ୍ଦ୍ର ସ୍ୱାଇଁ ଓରଫ ବିଧୁ ପ୍ରକାଶ ସ୍ୱାଇଁ ଓରଫ ରମେଶ ରଞ୍ଜନ ସ୍ୱାଇଁ ଓରଫ ବିଜୟ ଶ୍ରୀ ରମେଶ କୁମାର ନିଜରକୁ ସିଏଚଇଆରଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ପରିଚୟ ଦେଇ ସାଦି ଡଟ କମ ନାମକ ଏକ ମ୍ୟାଟ୍ରିମୋନିଆଲ ସାଇଟ୍‌ରେ ଏକ ଜାଲ ପ୍ରୋଫାଇଲ୍ କରିଥିଲେ । ସେ ନିଜକୁ ଅବିବାହିତ ଥିବାର ପରିଚୟ ଦେଇ ତଥା ଛଳନା କରି ଅଭିଯୋଗକାରିଣୀଙ୍କୁ ବିବାହ କରିଥିଲେ ଏବଂ ତାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଓ ପାଖାପାଖି ୫ ଲକ୍ଷ ଟଙ୍କାର ସୁନାଗହଣା ନେଇଥିଲେ । ଏହି ବିବାହ ବ୍ୟତୀତ ଅଭିଯୁକ୍ତ ରମେଶ ଏକାଧିକ ମହିଳାଙ୍କୁ ଛଳନା କରି ବିବାହ କରିଥିଲେ ଏବଂ ସେମାନଙ୍କୁ ମଧ୍ୟ ପ୍ରତାରଣା କରିଥିଲେ । ଅନେକ ମହିଳାଙ୍କୁ ବିବାହ କରିବାର ମୂଳ ଉଦ୍ଦେଶ୍ୟ ଥିଲା ସେମାନଙ୍କ ଟଙ୍କା ହାତେଇ ନିଜର ଫାଇଦା ଉଠାଇବା । ଅଧିକ ତଦନ୍ତ ବେଳେ ଏହା ମଧ୍ୟ ଜଣା ପଡିଥିଲା ଯେ, ଅଭିଯୁକ୍ତ ରମେଶ ତାଙ୍କର ସହଯୋଗୀ ଭିଣୋଇ ଅଭିଯୁକ୍ତ ଗଣେଶ୍ୱର ବେଉରା, ଦ୍ୱିତୀୟ ପତ୍ନି କମଳା ତିର୍କି, ଭଉଣୀ ରଶ୍ମୀତା ବେଉରା, ଡ୍ରାଇଭର ଚିତ୍ତରଞ୍ଜନ ପଟ୍ଟନାୟକ ଓରଫ ପପୁ ଓ ବିଶ୍ୱରଞ୍ଜନ ଦାସ ଓରଫ ମୋଟା ପପୁଙ୍କ ସହିତ ମିଳିତ ଭାବରେ ଏହିସବୁ ଅପରାଧରେ ସମ୍ପୃକ୍ତ ଅଛନ୍ତି । ଉପରୋକ୍ତ ସମସ୍ତ ଅଭିଯୁକ୍ତ ବ୍ୟକ୍ତି ପୀଡିତାଙ୍କୁ ପ୍ରତାରଣା କରିବା ଏବଂ ସେମାନଙ୍କୁ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ବିବାହ ନିମନ୍ତେ ପ୍ରବର୍ତ୍ତାଇବା ପାଇଁ ଷଡଯନ୍ତ୍ର କରିଥିଲେ । ଅଭିଯୁକ୍ତ ଗଣେଶ୍ୱର ବେଉରା ଓ ଡ୍ରାଇଭର ଚିତ୍ତରଞ୍ଜନ ପଟ୍ଟନାୟକ ଓରଫ ପପୁ ଏହି ବିବାହର ଆୟୋଜନ କରୁଥିବା ବେଳେ, ଅଭିଯୁକ୍ତ ଗଣେଶ ବେଉରାଙ୍କ ପତ୍ନୀ ଅଭିଯୁକ୍ତ ରଶ୍ମୀତା ବେଉରା ନଣନ୍ଦ ହୋଇ ନଣନ୍ଦପୁଟୁଳି ବାବଦକୁ ଟଙ୍କା, ଦାମୀ ଶାଢୀ ଓ ଅଳଙ୍କାର ଆଦି ପୀଡ଼ିତାଙ୍କ ଠାରୁ ନେଉଥିଲେ । ଅଭିଯୋଗକାରିଣୀଙ୍କ ଏହି ବିବାହ ଉତ୍ସବରେ ଅଭିଯୁକ୍ତ ବିଶ୍ୱରଂଜନ ଦାସ ଓରଫ ମୋଟା ପପୁ ମଧ୍ୟ ଉପସ୍ଥିତ ଥିଲେ । ମାମଲାର ତଦନ୍ତ ଚାଲୁ ରହିଥିବା ବେଳେ, ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଅଭିଯୁକ୍ତ ଗଣେଶ୍ୱରଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତର ପୂର୍ବଚରିତ ଅପରାଧିକ ଯାଞ୍ଚ ବେଳେ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଭୁବନେଶ୍ୱର ମହିଳା ଥାନାରେ ୩ ଗୋଟି ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

# ପାର୍କିଂରୁ ଗାଡି ଚୋରି କରି ଆତଙ୍କ କରିଥିବା ଲୁଟେରା ହେଲା କାବୁ

ଭୁବନେଶ୍ୱର(ନିପ୍ର): ପାର୍କିଂ ସ୍ଥାନରୁ ଗାଡି ଚୋରି କରି ଆତଙ୍କ ଖେଳାଇଥିବା ଲୁଟେରାକୁ କାବୁ କରିବାରେ ସଫଳ ହୋଇଛି ଜଟଣୀ ଥାନା ପୁଲିସ । ଗିରଫ ଲୁଟେରା ଜଣଙ୍କ ହେଲେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଶ୍ରୀହରି ବିହାରର କୁନା ଦାସ(୨୫) । ତାଙ୍କଠାରୁ ପୁଲିସ ବାଇକ୍ ସହ ଗୋଟିଏ ବ୍ୟାଟେରୀ ଜବତ କରି କୋର୍ଟଁ ଚାଲାଣ କରିଛି । ଅଭିଯୋଗକାରୀ ମହମ୍ମଦ ରିଜୱାନ୍ ଙ୍କର ଏତଲା ଆଧାରରେ ଜଟଣୀ ଥାନା ପୁଲିସ ମାମଲାର ତଦନ୍ତ କରିବା ସହନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ,ଗତ ତା ୨୨.୦୧.୨୦୨୫ ରିଖରେ ଅଭିଯୋଗକାରୀ ତାଙ୍କର ମୋଟର ସାଇକେଲ ଟିକୁ ଘରେ ପାର୍କିଂ କରି ରଖିଥିଲେ । ଘଟଣାଦିନ ରାତିରେ ଅଭିଯୁକ୍ତ କୁନା ସୁଯୋଗ ଦେଖି ଗେଟ ର ତାଲା ଭାଙ୍ଗି ଅଭିଯୋଗକାରୀଙ୍କର ଘରେ ପଶିଥିଲେ ଓ ସେଠାରେ ରଖାଯାଇଥିବା ମୋଟରସାଇକେଲରୁ ବ୍ୟାଟେରୀ, ଆଗ ଭାଇଜର ଓ ନମ୍ବର ପ୍ଲେଟ ଚୋରୀ କରି ନେଇ ଯାଇଥିଲେ । ଜଟଣୀ ଥାନା ପୁଲିସ ମାମଲାର ତଦନ୍ତ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ ଜରିଆରେ ରାମଚନ୍ଦ୍ରପୁର ବଜାର ଇଲେକଟ୍ରିକ ଅଫିସ ନିକଟରୁ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଚୋରି ସାମଗ୍ରୀ ବିକ୍ରୟ ନିମନ୍ତେ ଗ୍ରାହକ ଅପେକ୍ଷା ରେ ଥିବା ସମୟରେ କାବୁ କରିବାରେ ସକ୍ଷମ ହୋଇଥିଲେ । ପୁଲିସ ଅଭିଯୁକ୍ତ ହେପାଜତରୁ ଚୋରୀ ସାମଗ୍ରୀ ଜବତ କରିବା ପରେ ପଚରା ଉଚରା ବେଳେ ଅଭିଯୁକ୍ତ ଚୋରି କରିଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତ କୁନା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ଜିଆରପିଏସ ଓ ଜଟଣୀ ଥାନାରେ ୫ ଟି ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

# ଟଙ୍କାଭର୍ତ୍ତି ଏଟିଏମ୍ ମେସିନ୍ ଲୁଟ୍



ଭୁବନେଶ୍ୱର, (ନିପ୍ର): ରାଜଧାନୀରେ କମିଶନରେଟ ପୋଲିସକୁ ଅପରାଧୀଙ୍କ ଖୋଲା ଚାଲେଞ୍ଜ । ଟଙ୍କା ଭର୍ତ୍ତି ଏଟିଏମ ମେସିନ ଟେକିନେଇଗଲେ ଦୁର୍ବୃତ୍ତ । ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ସାମନ୍ତରାପୁର ଶ୍ରୀରାମନଗର ଅଞ୍ଚଳରେ । ଗତକାଲି ବିଳମ୍ବିତ ରାତିରେ ଶ୍ରୀରାମନଗରରେ ଥିବା ଏସବିଆଇ ଏଟିଏମ ମେସିନ ସହ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଲୁଟ ବେଳର ସିସିଟିଭି ଫଟୋ ମଧ୍ୟ ସାମ୍ନାକୁ ଆସିଛି । ଯେଉଁଥିରେ ଦୁଇଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଏଟିଏମ ଭିତରେ ପଶିଥିଲେ । ଖବର ପାଇ ସକାଳୁ ସକାଳୁ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ସ୍ଥାନୀୟ ଅଂଚଳର ସିସିଟିଭି ଯାଂଚ ପରେ ସୁନ୍ଦରପଦା ଜଟଣୀ ରାସ୍ତାରେ ଥିବା ଗଙ୍ଗୁଆ ନାଳରୁ ଭଙ୍ଗାରୁଜା ଅବସ୍ଥାରେ ଏଟିଏମକୁ ଜବତ କରାଯାଇଛି । ଦୁର୍ବୃତ୍ତ ଏଟିଏମ ମେସିନ ଭାଙ୍ଗି ଟଙ୍କା ନେଇଯାଇ ଥିବାବେଳେ ଏଟିଏମ ଫିଙ୍ଗି ଛୁ ମାରିଛନ୍ତି । ଭୁବନେଶ୍ୱର ସାମନ୍ତରପୁର ଛକରୁ ଏଟିଏମ ତାଡି ନେବା ମାମଲାରେ ଭୁବନେଶ୍ୱର ଡିସିପି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏନେଇ ସକାଳୁ ଖବର ହସ୍ତଗତ ହୋଇଛି । ଲୋକାଲ ଦୁର୍ବୃତ୍ତ କି ରାଜ୍ୟ ବାହାର ଗ୍ୟାଙ୍ଗର ହାତ ରହିଛି ଜଣାପଡିନି । ପୋଲିସ ଓ ସାଇଂଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ତଦନ୍ତ ପାଇଁ ଗୋଟେ ସ୍ପେଶାଲ ଟିମ ଗଠନ ହୋଇଛି ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।

# ପୁଣି ରିମାଣ୍ଡରେ ଆସିବେ ହଂସିତା ଅନିଲ

ଭୁବନେଶ୍ୱର, (ନିପ୍ର): ରାଜଧାନୀରେ ହାଇପ୍ରୋଫାଇଲ ଠକ ଅନିଲ ହଂସିତା ଗିରଫ ମାମଲା । ହଂସିତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିବ ପୋଲିସ । ଜେଏମଏଫସି କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି । ରିମାଣ୍ଡ ସମୟରେ ହଂସିତାଙ୍କ ଯୁବତୀ ଚାଲାଣ ଲିଙ୍କ୍ ଖୋଳିବ ସ୍ପେସାଲ କ୍ରାଇମ ୟୁନିଟ । ଝାଡ଼ଖଣ୍ଡରୁ କଲଗାର୍ଲ ଆଣି କାହାକୁ ଯୋଗାଇ ଥିଲେ ହଂସିତା, ତାର ଛାନଭିନ କରିବ କମିଶନରେଟ ପୋଲିସ ।

## ଗରିଆବନ୍ଦ ଏନ୍‌କାଉଣ୍ଟର

# ନିହତ ୧୬ ମାଓବାଦୀଙ୍କ ମଧ୍ୟରୁ ୧୨ଜଣଙ୍କର ପରିଚୟ ମିଳିଲା, କଟକରୁ ଜଣେ

କଟକ(ନିପ୍ର): ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ ଦରିଆବନ୍ଦ ସୀମା କୁଲାରୀଘାଟ ଜଂଗଲରେ ସୁରକ୍ଷା ବାହିନୀ-ମାଓବାଦୀ ଗୁଳି ବିନିମୟରେ ନିହତ ହୋଇଥିବା ୧୬ ମାଓବାଦୀଙ୍କର ମଧ୍ୟରୁ ୧୨ ଜଣଙ୍କର ପରିଚୟ ମିଳିଛି । ମୃତକ ୧୨ ଜଣ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ବୋଲି ଜଣା ପଡ଼ିଛି । ତେବେ ବଡ଼ କଥା ହେଉଛି କଟକ ଯାଏ ଲମ୍ବିଲାଣି ମାଓବାଦୀଙ୍କ ଚେର । ନିହତ ମାଓବାଦୀଙ୍କ ମଧ୍ୟରୁ ଜଣେ କଟକ ଜିଲ୍ଲାର ହୋଇଥିବା ସୂଚନା ମିଳିଛି । କଟକ ଜିଲ୍ଲା ନିଆଳି ଥାନା କୁଲାଶ୍ରୀ ଗାଁର ଆଲୋକ ଓରଫ ମୁନା ମୃତ ମାଓବାଦୀଙ୍କ ମଧ୍ୟରେ ସାମିଲ । ତା ମୁଣ୍ଡ ଉପରେ ୧୮ଲକ୍ଷ ଟଙ୍କାର ପୁରସ୍କାର ଆସିଥିଲା । ସୂଚନାଯୋଗ୍ୟ, ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ ଗରିଆବନ୍ଦ ସୀମା କୁଲାରୀଘାଟ ଜଂଗଲରେ ଜାନୁଆରୀ ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ଦୁର୍ଦ୍ଦାନ୍ତ ମାଓବାଦୀ ଚଳପତି ସମେତ ୧୬ ମାଓବାଦୀ ନିହତ ହୋଇଥିଲେ । ଏଥିମଧ୍ୟରୁ ୧୨ ଜଣଙ୍କର ପରିଚୟ ମିଳିଛି ।

## ଆଇଓସିଏଲ୍ ନାପତାକ୍ କ୍ରାକର ପ୍ରକଳ୍ପକୁ ବିରୋଧ

# ରାସ୍ତା ଅବରୋଧ କଲେ ଗ୍ରାମବାସୀ



ପାରାଦୀପ(ନିପ୍ର): ଆଇଓସିଏଲ୍ ଦ୍ୱାରା ପ୍ରତିଷ୍ଠା ହେବାକୁ ଯାଉଥିବା ନାପତାକ୍ କ୍ରାକର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣକୁ ବିରୋଧ କରିଛନ୍ତି ସ୍ଥାନୀୟ ଫେତପୁର ଓ ଗଣ୍ଡକିପୁର ଗ୍ରାମବାସୀ । ଏହି ପ୍ରକଳ୍ପ ନିମନ୍ତେ ୭୨୨ ଏକର ଜମି ଅଧିଗ୍ରହଣ ନିମନ୍ତେ ୨୦୦୮ ମସିହାରେ ନୋଟିଫିକେସନ୍ ଜାରି ହୋଇଥିଲା । ମାତ୍ର ଏହି ପ୍ରକଳ୍ପ ନିମନ୍ତେ କ୍ଷତିଗ୍ରସ୍ତ ହେବାକୁ ଥିବା ପାଖାପାଖି ଦୁଇ ହଜାର ଚାଷୀଙ୍କ ନିମନ୍ତେ କମ୍ପାନୀ କୌଣସି ନିଷ୍ପତ୍ତି ନେଇନଥିଲା । ଏହି ଘଟଣାକୁ ନେଇ ଦୁଇ ପଞ୍ଚାୟତର ଚାଷୀମାନେ ଅଦାଲତର ଆଶ୍ରୟ ନେଇଥିଲେ । ଯାହାକି ଏବେ ଅଦାଲତରେ ବିଚାରାଧୀନ ରହିଛି । କମ୍ପାନୀ କର୍ତ୍ତୃପକ୍ଷ ଚାଷୀମାନଙ୍କ ସମସ୍ୟାର ସମାଧାନ ନକରି ଶୁକ୍ରବାର ଉକ୍ତ ଜମିର ମୃତ୍ତିକା ପରୀକ୍ଷଣ ନିମନ୍ତେ ସେଠାରେ ପହଞ୍ଚିଥିଲେ । ଏହାକୁ ଦେଖି ଗ୍ରାମବାସୀମାନେ ବିରୋଧ କରିବା ସହିତ ରାସ୍ତା ଅବରୋଧ କରିଥିଲେ । ଜମିର ଉଚିତ ମୂଲ୍ୟ ଓ ନିଯୁକ୍ତି ସମ୍ପର୍କିତ ଚୁକ୍ତି ସାରିବା ପରେ କମ୍ପାନୀ ଏଠାରେ କାର୍ଯ୍ୟ କରୁ ବୋଲି ମାଆ ବରୁଣେଇ କୃଷକ ସଂଘ ସମ୍ପାଦକ ଅଭୟ ସାମଲଙ୍କ ସମେତ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ଦାବି କରିଛନ୍ତି । ଗ୍ରାମବାସୀଙ୍କ ରାସ୍ତା ଅବରୋଧ ଫଳରେ କଙ୍କରଦିଆ-ଫତେପୁର ରାସ୍ତାରେ ଯିବାଆସିବା ବନ୍ଦ ହୋଇଯାଇଥିଲା । ଘଟଣାସ୍ଥଳରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସପି,ଏରସମା ଓ କୁଜଙ୍ଗ ତହସିଲଦାରଙ୍କ ସମେତ ତିନି ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ଆଗାମୀ ଦିନରେ ଘଟଣା ସମ୍ପର୍କରେ ବୈଠକ ବସି ସାମାଧନ ହେବ ବୋଲି ଜଣାପଡିଛି ।

# ପୋଖରୀରେ ବୁଡ଼ି ଯୁବକର ମୃତ୍ୟୁ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ ପଂଚାୟତ ବ୍ରହ୍ମପଡା ପାଟଣା ଗ୍ରାମରେ ଜଣେ ଯୁବକ ପୋଖରୀରେ ଗଧୋଉଥିବା ବେଳେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ କି ବ୍ରହ୍ମପଡା ପାଟଣା ଗ୍ରାମର ରମେଶ ପଲେଇଙ୍କ ପୁତ୍ର ରମାକାନ୍ତ ପଲେଇ (୨୮) ଦିନ ୧୨ଟା ବେଳେ ନିକଟସ୍ଥ ଗୋଡ଼ି ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କୌଣସି କାରଣରୁ ପାଣିରେ ବୁଡି ଯାଇଥିବାରୁ ମୃତ୍ୟୁବରଣ କରିଥିଲେ । ପରିବାର ଲୋକେ ଖବରପାଇ ରମାକାନ୍ତକୁ ପାଣିରୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନା ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

# ମଇଳା ପାଣି ପକାଇବାକୁ ନେଇ ଛୁରାମାଡ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ମଇଳା ପାଣି ପକାଇବାକୁ ନେଇ ଯୁବକଙ୍କୁ ଛୁରାମାଡ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କ୍ୟାପିଟାଲ ଥାନା ଅଞ୍ଚଳରେ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କ୍ୟାପିଟାଲ ଥାନା ମାଷ୍ଟରକ୍ୟାଣ୍ଟିନରେ ରହୁଥିବା ବିରେନ୍ଦ୍ର ପ୍ରଧାନ(୪୨) ଓରଫ ବିରୁ । ଅଭିଯୋଗକାରୀ ରବୀନ୍ଦ୍ର କୁମାର ଜୟସିଂହ ଙ୍କର ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲାର ତଦନ୍ତ କରିବା ସହନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ମାଷ୍ଟର କ୍ୟାଣ୍ଟିନ୍ ସ୍ଥିତ ଡେଲାଙ୍ଗ ହୋଟେଲର ଜଣେ କର୍ମଚାରୀ ହୋଇଥିବା ବେଳେ ଉକ୍ତ ଦୋକାନକୁ ଲାଗି ଅଭିଯୋଗକାରୀଙ୍କର ଖାନା ବିରିୟାନି ସେଣ୍ଟର ନାମରେ ଦୋକାନ ରହିଛି । ଗୁରୁବାର ରାତି ୧୦.୩୦ ରେ ଅଭିଯୋଗକାରୀଙ୍କର ଦୋକାନରେ ଗ୍ରାହକ ମାନେ ଖାଉଥିବା ସମୟରେ ଅଭିଯୁକ୍ତ ବିରେନ କିଛି ସେଠାରେ କିଛି ମଇଳା ପାଣି ଢାଳିଥିଲେ । ଏହା ଦେଖି ଅଭିଯୋଗକାରୀ ବିରୋଧ କରିବାରୁ ଅଭିଯୁକ୍ତ ବିରେନ ରାଗିଯାଇଥିଲେ ଓ ତାଙ୍କୁ ଗାଳି ଗୁଲଜ କରିବା ସହ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଏଥିରେ ଅଭିଯୋଗକାରୀ ଆହତ ହେବ ସହ ତାଙ୍କର ଡାହାଣ ହାତରେ ଆଘାତ ଲାଗିଥିଲା । ସେଠାର ଥିବା ସ୍ଥାନୀୟ ଲୋକେ ଅଭିଯୋଗକାରୀଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲକୁ ନେଇ ଯାଇଥିଲ । ସେଠାରୁ ଫେରିବା ପରେ ସେ ଏନେଇ କ୍ୟାପିଟାଲ ଥାନା ରେ ଅଭିଯୋଗ କରିଥିଲେ । ଏହି ମାମଲାର ତଦନ୍ତ କରି କ୍ୟାପିଟାଲ ଥାନା ପୁଲିସ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତ ବିରେନ ର ପୂର୍ବଚରିତ ଅପରାଧିକ ଯାଞ୍ଚ ବେଳେ ତାଙ୍କ ନାମରେ ପୂର୍ବରୁ ଡେଲାଙ୍ଗ ଥାନା ରେ ଗୋଟିଏ ଅପରାଧିକ ମାମଲା ରହିଥିବାର ଜଣାପଡିଛି ।

# ବନ୍ଧା ହେଲା ଡ୍ରାଇଭର

ଭୁବନେଶ୍ୱର(ନିପ୍ର): ହାଇୱା ଧକ୍କା ଦେବାରୁ ଚାଲିଗଲା ଜଣେ ଯୁବକଙ୍କ ଜୀବନ । ଏଭଳି ଅଭାବନୀୟ ଘଟଣା ବାଲିଅନ୍ତା ଥାନା ଅଞ୍ଚଳରେ ଘଟିଛି । ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ପୁଲିସ ଅଭିଯୁକ୍ତ ହାଇୱା ଡ୍ରାଇଭରକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ଜିଲ୍ଲା ନିମାପଡାର ସୁରେଶ ବେହେରା(୨୯) । ତାଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗକାରୀ ନିର୍ମାଲ୍ୟ ପ୍ରସାଦ ନାଥଙ୍କ ଅଭିଯୋଗ କ୍ରମେ ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲାର ତଦନ୍ତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୃତ ସୁଜନ କୁମାର ନାଥ ଓରଫ ଅମୂଲ୍ୟ, ଅଭିଯୋଗକାରୀଙ୍କ ବଡ ବାପା । ଗୁରୁବାର ଦିନ ପ୍ରାୟ ୮.୩୦ ସମୟରେ କାକରୁଦ୍ରପୁର ବଜାରରୁ ଚାଲିଚାଲି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଚାଳକ ଜଣକ ଏକ ହାଇୱା ଟ୍ରକ ବିପରୀତ ଦିଗରୁ ଦ୍ରୁତ ଗତିରେ ତଥା ବେପରୁଆ ଭାବେ ଚାଳନା କରି ଆଣିବା ସହିତ ତାଙ୍କୁ ଖୁବ ଜୋରସେ ଧକା ଦେଇଥିଲେ । ଏହି ଧକା ଯୋଗୁଁ ସୁଜନ କୁମାର ନାଥ ଛାଟି ହୋଇ ତଳେ ପଡ଼ିଯାଇଥିବା ବେଳେ, ଟ୍ରକଟି ତାଙ୍କ ଉପରେ ମାଡିଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇ ଶରୀରରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତୁରନ୍ତ ତାଙ୍କୁ ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ, ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗକାରୀ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତ ହାଇୱା ଚାଳକ ସୁରେଶ ବେହେରାକୁ ଗିରଫ କରିଥିବା ବେଳେ, ସମ୍ପୃକ୍ତ ହାଇୱାକୁ ମଧ୍ୟ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ ।

# ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରୁ ଚୋରି କରି ଆତଙ୍କ ଖେଳାଇଥିବା କୁଖ୍ୟାତ ଅପରାଧୀ ଜଗନ୍ନାଥ ଆଚାର୍ଯ୍ୟଙ୍କୁ ଗିରଫ କରିଛି ଜଟଣୀ ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ଘର ଇନଫୋସିଟି ଥାନା ନିକଟସ୍ଥ ବଙ୍ଗାଳୀ ସାହିରେ ରୁହନ୍ତି । ଅଭିଯୋଗକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କ ଏତଲା ଆଧାରରେ ଜଟଣୀ ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପ୍ରଶାନ୍ତଙ୍କର ଜଟଣୀ ଥାନା ଅନ୍ତର୍ଗତ ହରିଭାଇନା ଛକ ନିକଟରେ ଏକ କନଷ୍ଟ୍ରକ୍ସନ କାର୍ଯ୍ୟ ଚାଲୁରହିଛି । କନଷ୍ଟ୍ରକ୍ସନ କାର୍ଯ୍ୟରେ ମୁତୟନ ଥିବା ଶ୍ରମିକ ମାନେ ନିକଟସ୍ଥ ଏକ ଅସ୍ଥାୟୀ ଘରେ ରୁହନ୍ତି । ଗୁରୁବାର ବିଳମ୍ବିତ ରାତିରେ ଶ୍ରମିକ ମାନେ ଉକ୍ତ ଘରେ ଗଭୀର ନିଦ୍ରାରେ ଶୋଇଯାଇଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଗନ୍ନାଥ ଆଚାର୍ଯ୍ୟ ଓରଫ ଆଚାରୀ ଓରଫ ଜଗା ଘରର ଝରକା ଭାଙ୍ଗି ଭିତରେ ପଶିବା ସହିତ ୫ ଟି ମୋବାଇଲ ଫୋନ ଚୋରିକାରୀ ନେଇଯାଇଥିଲେ । ଶ୍ରମିକଙ୍କ ନିକଟରୁ ଚୋରୀ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଅଭିଯୋଗକାରୀ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରୁଥିବା ସମୟରେ ଅଭିଯୁକ୍ତ ଜଗନ୍ନାଥ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟେସନ୍ ନିକଟରେ ଛିଡା ହୋଇ କେତେଗୁଡିଏ ଚୋରା ମୋବାଇଲ ଫୋନକୁ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକ ମାନଙ୍କ ସହିତ ଯୋଗାଯୋଗ କରୁଥିବା ନେଇ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ଏହି ସୂଚନା ଆଧାରରେ ପୁଲିସ ଘଟଣା ସ୍ଥଳରେ ଚଢଉ କରିବା ସହିତ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ତାଙ୍କ ନିକଟରୁ ୫ଟି ଚୋରା ମୋବାଇଲ ଫୋନ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ ।

## ମେଳି ପରେ ଦେବାଶିଷଙ୍କ ସଫେଇ

# ଦଳକୁ ଯୁବପିଢ଼ି ହିଁ ଆଗେଇ ନେବେ



କଟକ(ନିପ୍ର): ନେତାଜୀ ଜୟନ୍ତୀ ଅବସରରେ ଛାତ୍ର ଓ ଯୁବ ବିଜେଡ଼ି ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜନ ଓ ପରେ ପରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ରାଜାବଗିଚା ସ୍ଥିତ ଘରେ ବିଧାୟକ ଓ ପୂର୍ବତନ ବିଧାୟକ ମେଳି ଘଟଣାକୁ ନେଇ ବିଜେଡ଼ି ରାଜନୀତିରେ ଚର୍ଚ୍ଚା ଜୋର ଧରିଛି । ଏହି କାର୍ଯ୍ୟକ୍ରମରେ ସହର ବାହାରର ବହୁ ନେତା ସାମିଲ ହୋଇଥିବାବେଳେ ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳଙ୍କ ଭଳି ଅନେକ ଆଗଧାଡ଼ିର ନେତାଙ୍କୁ ଦେଖିବାକୁ ମିଳି ନଥିଲା । ମଶାଲ ଶୋଭାଯାତ୍ରା ପରେ ରାଜାବଗିଚାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଘରେ ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ପୁରୀ ବିଧାୟକ ସୁନିଲ ମହାନ୍ତି, ସଦରର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ, ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଜୀବନବିନ୍ଦୁର ପୂର୍ବତନ ସଂଯୋଜକ ରଂଜନ ବିଶ୍ୱାଳ, ଛାତ୍ରନେତା ଅସୀତ ଅମିନ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଖବର ମିଳିଛି । ତେବେ ଏ ନେଇ ଦେବାଶିଷ କହିଛନ୍ତି ଯେ, ଦଳକୁ ଯୁବପିଢ଼ି ହିଁ ଆଗେଇ ନେବେ । ଏହିମାନଙ୍କ ଉପରେ ଦଳ ନିର୍ଭର କରିବା କଥା । ନବୀନଙ୍କ ସ୍ୱପ୍ନ ସାକାର ପାଇଁ ଏମାନେ ମଙ୍ଗ ଧରିବେ। ଏହି ପିଢ଼ି ଦଳକୁ ଟେକଓଭର କଲେ ହିଁ ଦଳ ଆଗେଇବ ବୋଲି ଶ୍ରୀ ସାମନ୍ତରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ମୋଟାବାଡିରେ ମନ୍ତ୍ରୀଙ୍କ ଜନଶୁଣାଣି ଓ ମିଶ୍ରଣ ପର୍ବ




ବୁଗୁଡ଼ା(ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ଗ୍ରାମର ବଡ଼ଦାଣ୍ଡଠାରେ ମନ୍ତ୍ରୀଙ୍କ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ, ପଶୁପାଳନ ଓ କ୍ଷୁଦ୍ର, ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇ ତାହାର ଫାଇଦା ନେବାପାଇଁ ପରାମର୍ଶ ଦେଇଥିଲେ । ଏହାସହିତ ଯେକୌଣସି ଲୋକଙ୍କ ଅସୁବିଧା ହେଲେ ସିଧାସଳଖ ମୋ ସହିତ ଯୋଗାଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ ବାଲିଛାଇ, ନାଗିରି ଓ ଠଣାପଲ୍ଲି ଗ୍ରାମର ନାମ ମୋଟାବାଡି ପଞ୍ଚାୟତ ତାଲିକାରେ ନଥିବା ହେତୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ସ୍ଥାନିତ କରିଥିବା ପ୍ରକାଶ କରିଥିଲେ । ମୋଟାବାଡି ଗ୍ରାମର ଲୋକଙ୍କ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ଡାକରାବାଡି ଗ୍ରାମର ଭାସ୍କର ପ୍ରଧାନ, ସୁଶାନ୍ତ ପ୍ରଧାନ, ଗୌର ପ୍ରଧାନ, ସନ୍ତୋଷ ପ୍ରଧାନ, ବିଶୁ ପ୍ରଧାନ, ବିପ୍ର ପ୍ରଧାନ,ଶରତ ପ୍ରଧାନ ଏବଂ ସେମାନଙ୍କ ସମର୍ଥକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ । ସମସ୍ତଙ୍କୁ ମନ୍ତ୍ରୀ ବିଜେପି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଥିଲେ । ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ ନୀଳମାଧବ ଆଚାରୀ, ସମିତି ସଭ୍ୟ ଶିବଶଙ୍କର ପ୍ରଧାନ,ଗଙ୍ଗାଧର ନାୟକ, ହରିହର ସାହୁ, ମଦନ ଗୋପାଳ ଦୋରା, ସୁଶାନ୍ତ କୁମାର ରାଉତ, ବସନ୍ତ କୁମାର ସାମଲ, ଉମାଶଙ୍କର ଜେନା, ଦିଲ୍ଲୀପ ପ୍ରଧାନ ସମେତ ବହୁ ଜନପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ ।

## ସାମ୍ବାଦିକ ସଂଘର ଆନ୍ଦୋଳନ ଚେତାବନୀ

# ସୂଚନା ଲୋକସମ୍ପର୍କ ବିଭାଗର କାର୍ଯ୍ୟାଳୟ ଓ ପାଠାଗାରକୁ କାର୍ଯ୍ୟକ୍ଷମ କର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ଓ ପଠାଗାର ଦୀର୍ଘ ସାଢେ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇପଡିଛି । ସାମ୍ବାଦିକ ସଂଘ ପକ୍ଷରୁ ଏନେଇ ବାରମ୍ବାର ଦାବି ହୋଇ ଆସୁଥିଲେ ବି ପ୍ରଶାସନ କାର୍ଯ୍ୟାଳୟ ସହ ପାଠାଗାରକୁ ସଚଳ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହିଁ । ୨୬ ତାରିଖ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରାନଗଲେ ୨୭ ତାରିଖରେ କୁଚିଣ୍ଡା ସମ୍ବାଦିକ ସଂଘ ପକ୍ଷରୁ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବାକୁ ଶୁକ୍ରବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଏକ ଚେତାବନୀ ପତ୍ର ପ୍ରଦାନ କରାଯାଇଛି । କୁଚିଣ୍ଡା କଳାପରିଷଦ ପାଖରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଫିସ ସହ ଏକ ପାଠାଗାର ରହିଛି । ଆଜକୁ ସାଢେ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଅଫିସ ଓ ପାଠାଗାର ବନ୍ଦ ରହିଛି । ଏଠାରେ ଅବସ୍ଥାପିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଅନ୍ୟତ୍ର ବଦଳୀ ହେବାପରେ ଏପର୍ଯ୍ୟନ୍ତ ଅଧିକାରୀ ପଦବୀ ଖାଲିପଡିଛି । ଅଫିସରେ ଥିବା ଏକମାତ୍ର ପିଅନଙ୍କୁ ଉପଜିଲ୍ଲାପାଳ ଅଫିସକୁ କାଢି ନିଆଯାଇଥିବାରୁ ସୂଚନା ଅଫିସରେ ପରିଚାଳିତ ହୋଇ ଆସୁଥିବା ପାଠାଗାରଟି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ଏହାରି ଯୋଗୁଁ ପାଠାଗାରକୁ ଦୈନନ୍ଦିନ ଆସୁଥିବା ପାଠକ ମାନଙ୍କୁ ନିରାଶ ହେବାକୁ ପଡୁଛି । ଖବରଦାତାଙ୍କ ସହ ମଧ୍ୟ ପ୍ରଶାସନର ଯୋଗସୂତ୍ର ବିଛିନ୍ନ ହୋଇପଡିଛି । ଏ ସମ୍ପର୍କରେ ୨୦୨୩ ଜୁନ ୧୨ରେ ତତ୍କାଳୀନ ସମ୍ବଲପୁର ଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଅଫିସକୁ କାର୍ଯ୍ୟକ୍ଷମ ଉଦ୍ଦେଶ୍ୟରେ ପତ୍ରାଳାପ କରାଯାଇ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା । ମାତ୍ର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ



ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ପ୍ରଶାସନ ଏହାକୁ କାର୍ଯ୍ୟକ୍ଷମ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହାଛଡା ସୂଚନା ଲୋକସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଜଣେ ଆସିଷ୍ଟାଣ୍ଟ କଲେକ୍ଟର ଖବରଦାତାଙ୍କୁ ଅଣଦେଖା କରୁଥିବା,କୌଣସି ସରକାରୀ ସୂଚନା ସଠିକ ଭାବେ ପ୍ରଦାନ କରୁନଥିବା ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ଦାବିପତ୍ର ଗ୍ରହଣ କରି ଏସମ୍ପର୍କରେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ସଂଘ ସଭାପତି ଦିନେଶ ନନ୍ଦ,ସାଧାରଣ ସମ୍ପାଦକ ତପନ ଦାଶ,ଉପସଭାପତି ପ୍ରଶାନ୍ତ ଶର୍ମ୍ମା ଓ ଅଦିତ ପଣ୍ଡା,ଜିଲ୍ଲା ସଭାପତି ପ୍ରଭାତ ବେହେରା, ସଭ୍ୟ ଶୁଶିଳ କର, ସଞ୍ଜୟ ମିଶ୍ର, ଅମୂଲ୍ୟ ମିଶ୍ର, ଜୟକିଶୋର ମହାପାତ୍ର, ପ୍ରକାଶ ଚନ୍ଦ୍ର ଶର୍ମ୍ମା ପ୍ରମୁଖ ସାମିଲ ଥିଲେ ।

# ଫେବୃଆରୀ ୯ରେ ବାରବାଟୀ ଲଢ଼େଇ



**ଭୁବନେଶ୍ୱର/କଟକ,୨୪/୦୧:** ଭାରତ-ଇଂଲଣ୍ଡ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଫେବ୍ରୁଆରୀ ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ । ଆୟୋଜକ ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଟିକେଟ୍ ବୁକିଂ ନେଇ ତାରିଖ ଘୋଷଣା କରିଛି ଓସିଏ । ଓସିଏ ଅନୁବନ୍ଧିତ ସଂସ୍ଥା ଗୁଡ଼ିକୁ ଆସନ୍ତା ୨୮ ଓ ୨୯ ରେ ବିକ୍ରି କରାଯିବ । ସେହିଭଳି ସାଧାରଣ ଲୋକଙ୍କ ପାଇଁ ଫେବୃଆରୀ ୬ ଏବଂ ୭ ତାରିଖରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ଟିକେଟ୍ କିଣିପାରିବେ । ଗତ ଡିସେମ୍ବର ୨୯ ତାରିଖରେ ଓସିଏର ବାର୍ଷିକ ସାଧାରଣ ବୈଠକ ବସିଥିଲା । ବୈଠକରେ ପୂର୍ବ ଘୋଷିତ ଟିକେଟ୍ ମୂଲ୍ୟ ହ୍ରାସ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ଗ୍ୟାଲେରୀ ୧ ଓ ୩ ନଂ ମୂଲ୍ୟ ୧୨୦୦ ଟଙ୍କା ରହିଥିଲା, ତାହା ୧୦୦ ଟଙ୍କା ହ୍ରାସ ହୋଇ ୧୧୦୦ ଟଙ୍କା କରାଯାଇଛି । ସେମିତି ଗ୍ୟାଲେରୀ ୫ର ମୂଲ୍ୟ ୧୫୦୦ରୁ ୧୨୦୦ ଟଙ୍କା, ଗ୍ୟାଲେରୀ ୨ ଓ ୪ର ମୂଲ୍ୟ ୧୦୦୦ରୁ ୯୦୦ ଟଙ୍କା, ଗ୍ୟାଲେରୀ ୭ର ମୂଲ୍ୟ ୮୦୦ରୁ ୭୦୦ ଟଙ୍କା, ସ୍ପେଶିଆଲ ଏନକ୍ଲୋଜର ୭୦୦୦ରୁ ୬୦୦୦ ଟଙ୍କା, ଏସି ଗ୍ୟାଲେରୀ ବକ୍ସ ୯୦୦୦ରୁ ୮୦୦୦ ଟଙ୍କା, କର୍ପୋରେଟ ବକ୍ସ ୨୦୦୦୦ ଟଙ୍କା ଏବଂ ନ୍ୟୁପାଭିଲିୟନ ୧୦୦୦୦ ଟଙ୍କା ରଖାଯାଇଛି ।

### ଟ୍ରେନ ଉପରକୁ ପଥର ଫିଙ୍ଗିବା ଘଟଣାର ମୁକାବିଲା

# ଆରପିଏଫର ରଣନୈତିକ ପ୍ରତିକ୍ରିୟା

**ଭୁବନେଶ୍ୱର, ୨୪/୧(ନିପ୍ର):** 'ଦାୟିତ୍ୱହୀନ ବ୍ୟକ୍ତିଙ୍କ ଦ୍ୱାରା ଏକ ଅମାନୁଷିକ କାର୍ଯ୍ୟ' - ୧୯୦୫ ମସିହାରେ ଆମେରିକାର ରାଷ୍ଟ୍ରପତି ଥିଓଡୋର ରୁଜଭେଲ୍ଟଙ୍କ ଟ୍ରେନ ଉପରକୁ ପଥର ଫିଙ୍ଗିବା ପରେ ତାଙ୍କ ମନ୍ତବ୍ୟ । ବିଶ୍ୱ ରେଳ ନେଟୱର୍କରେ ରେଳ ଚଳାଚଳ ପରଠାରୁ ଟ୍ରେନ ଉପରକୁ ପଥର ଫିଙ୍ଗିବା କାର୍ଯ୍ୟକଳାପ ଏକ ଗମ୍ଭୀର ସୁରକ୍ଷା ଜନିତ ଆହ୍ୱାନ ହୋଇଛି । ଭାରତୀୟ ରେଳବାଇ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ୧୩୦୦୦ ରୁ ଅଧିକ ଟ୍ରେନ ପରିଚାଳନା କରୁଥିବା ୧.୩ ଲକ୍ଷରୁ ଅଧିକ ଟ୍ରାକ୍ ଦୈର୍ଘ୍ୟ ସହିତ ଚତୁର୍ଥ ବୃହତ୍ତମ ଖୋଲା ରେଳ ବ୍ୟବସ୍ଥା ଯାହା ୭୦୦୦ ରୁ ଅଧିକ ଷ୍ଟେସନକୁ ଆଚ୍ଛାଦିତ କରି ପ୍ରାୟ ୮.୫ ବିଲିୟନ ଯାତ୍ରୀଙ୍କୁ ପରିବହନ କରୁଛି, ତାହା ମଧ୍ୟ ସମସ୍ତ ପ୍ରକାରର ଭଙ୍ଗାରୁଜାର ଶିକାର ହୋଇଛି । ଆଶ୍ଚର୍ଯ୍ୟର କଥା ନୁହେଁ, ରେଳ ସମ୍ପତ୍ତି, ଯାତ୍ରୀ ଏବଂ ସେମାନଙ୍କ ଜିନିଷପତ୍ରର ସୁରକ୍ଷା ପ୍ରତି ସର୍ବଦା କାର୍ଯ୍ୟ ଜାରି ରହିଛି ।



ରେଳ ବୋର୍ଡ ସୁରକ୍ଷା ନିର୍ଦ୍ଦେଶାଳୟର ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଟ୍ରେନରେ ୩୯୦୧ ପଥର ଫିଙ୍ଗା ଘଟଣା ରିପୋର୍ଟ କରାଯାଇଥିଲା, ୩୩୯୧ ମାମଲା ପଞ୍ଜିକୃତ ହୋଇଥିଲା ଏବଂ ୧୧୪୦ ଜଣଙ୍କୁ ଗିରଫ କରାଯାଇଥିଲା । ଏଥିରେ ବନ୍ଦେ ଭାରତ ଟ୍ରେନକୁ ୭୪୧ ଆକ୍ରମଣ ଘଟଣାରେ ୨୨୮ ଜଣଙ୍କୁ ଗିରଫ କରାଯାଇଥିଲା । ତେଣୁ, ଏତେ ବିଶାଳ ରେଳ ସୁରକ୍ଷା ନେଟୱର୍କରେ ପ୍ରତି ମାସରେ ହାରାହାରି ୩୨୫ ମାମଲା ରିପୋର୍ଟ ହୋଇଛି (ପ୍ରତି କିଲୋମିଟର ଟ୍ରାକ୍ ଦୈର୍ଘ୍ୟ ରେ ୦.୨୧୬୭ ମାମଲା) । ଏହା ରେଳ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକ ଦ୍ୱାରା ଜାରି ବିପୁଳ ସତର୍କତାର ପ୍ରମାଣ । ୨୦୨୪ ମସିହାରେ ପୂର୍ବତଟ ରେଳପଥରେ ଟିମ୍ ଆରପିଏଫ୍ ମାମଲା ପଞ୍ଜିକରଣ ଏବଂ ଚିହ୍ନଟରେ ବହୁତ ସକ୍ରିୟ ରହିଛି । ବନ୍ଦେ

# ରାଜଭବନରେ ଜାତୀୟ ମତଦାତା ଦିବସ ଶପଥ ପାଠ

**ଭୁବନେଶ୍ୱର, ୨୪/୧(ନିପ୍ର):** ରାଜଭବନରେ ଜାତୀୟ ମତଦାତା ଦିବସ ସଂପର୍କିତ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଭିଷେକ ହଲ୍‌ଠାରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ରାଜଭବନର ଅଧିକାରୀ/କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଜାନୁଆରୀ ୨୫ ତାରିଖ ଜାତୀୟ ମତଦାତା ଦିବସ ପାଳନ ହୋଇଥାଏ । ଚଳିତ ବର୍ଷ ଜାନୁଆରୀ ୨୫ ତାରିଖ ସରକାରୀ ଛୁଟି ପଡୁଥିବାରୁ ଭାରତର ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ ରାଜଭବନରେ ଚଳିତ ଜାନୁଆରୀ ମାସ ୨୪ ତାରିଖ ଦିନ ଜାତୀୟ ମତଦାତା ଦିବସ ସଂପର୍କିତ ଶପଥ ପାଠ କରାଯାଇଥିଲା । ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା, ନିର୍ଭୀକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ଅଧିକାରୀ ଓ କର୍ମଚାରୀନେ ଶପଥ ନେଇଥିଲେ ।





ଭୁବନେଶ୍ୱର: ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଫୁଲ୍ ଡ୍ରେସ୍ ରିହର୍ସଲ..

# ୩୭ ବସ୍ତା ଧାନକୁ କେନ୍ଦ୍ରକରି କାଶୀପୁର ସୋସାଇଟରେ ହଙ୍ଗାମା

**ନିରାକାରପୁର,୨୪/୧(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କାଶୀପୁର ସମବାୟ ସମିତି ରେ ଆଜି ଧାନ ମଣ୍ଡି ଚାଲିଥିବା ବେଳେ କିଛି ବାହାର ଧାନକୁ କେନ୍ଦ୍ର କରି ଦିନ ଯାକ ହଂଗାମା ହୋଇଥିଲା । ୩୭ ଜରି ପ୍ୟାକେଟ ଧାନକୁ ବେଆଇନ ଭାବେ ମଣ୍ଡି କୁ ଅଣାଯାଇ ଅନିୟମିତତା କରି ଏହାକୁ ମିଲରକୁ ପଠାଇ ସରକାରୀ ନିୟମ ଅନୁଯାୟୀ ବୋନସ ଅର୍ଥ ହଡପ କରିବାର ଯୋଜନା ଚାଲିଥିବା ଅଭିଯୋଗକାରୀ ଅଭିଯୋଗ କରି ସୋସାଇଟ ଗୋଦାମ ଗୃହକୁ ଚାବି ପକାଇବା ସହିତ ମୁଖ୍ୟ ଫାଟକକୁ ମଧ୍ୟ ଅବରୋଧ କରି ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଅଡି ବସି ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ପରେ ଖବର ପାଇ ଘଟଣାସ୍ଥଳକୁ ଟାଙ୍ଗୀ ତହସିଲଦାର ମିତାଲି ପାତ୍ର ଆସି ସମସ୍ତ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ମୁଖ୍ୟ ଫାଟକ କୁ ଖୋଲି ଥିଲେ । ଅଭିଯୋଗକାରୀ ଚାବି ପକାଇଥିବା ଗୋଦାମ ଘରୁ ଚାଷୀଙ୍କ ଧାନ ବାହାର କରି ଥିଲେ । ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାର ସେ ଉକ୍ତ ୩୭ ଜରି ଧାନ ବସ୍ତା ତାଙ୍କ ନିଜର ସେ ନିଜ ପରିବାରର ବାର୍ଷିକ ଖାଦ୍ୟ ପାଇଁ ସେଠାରେ ରଖିଥିଲେ ବୋଲି ମତବ୍ୟକ୍ତ କରିଥିବା ବେଳେ କୌଣସି ଅନିୟମିତତା ହୋଇ ନାହିଁ ବୋଲି ଜଣାଇଛନ୍ତି । ଅନ୍ୟ ପକ୍ଷରେ ତଦନ୍ତ ପାଇଁ ଆସିଥିବା ଟାଙ୍ଗୀ ତହସିଲଦାରଙ୍କୁ ପଚାରିବାର ସେ ଜଣାଇଥିଲେ କି ଅଭିଯୋଗ କୁ ଭିତ୍ତି କରି ସେ ଉଭୟ ପକ୍ଷରୁ କଥାକୁ ଅନୁଧ୍ୟାନ କରି ଉକ୍ତ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରିଛନ୍ତି । ସେମାନେ ଏଥିରେ ହସ୍ତକ୍ଷେପ କରି ଆଇନ ଅନୁଯାୟୀ ତଦନ୍ତ କରିବେ ବୋଲି ସେ ଜଣାଇଛନ୍ତି । ଅଭିଯୋଗକାରୀମାନେ ବିଭାଗୀୟ ତଦନ୍ତ ପର୍ଯ୍ୟନ୍ତ ଉକ୍ତ ଗୋଦାମ ଗୃହକୁ ଚାବି ପକାଇ ରଖିବେ ବୋଲି ଶୁଣିବାକୁ ମିଳୁଛି ।

# ୩୮ତମ ଜାତୀୟ କ୍ରୀଡାରେ ପୁରୀ ଜିଲ୍ଲାର କୃତିତ୍ୱ

**ପୁରୀ, ୨୪/୧(ନିପ୍ର):** ଚଳିତ ମାସ ୨୮ ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡରେ ଆୟୋଜିତ ହେବାକୁ ଯାଉଥିବା ଜାତୀୟ କ୍ରୀଡାରେ ଓଡିଶା ଖୋ ଖୋ ଦଳରେ କ୍ରୀଡାବିତ ଭରତ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସୁରେଶ ସେଠି, ରୁପାଲୀ ପ୍ରଧାନ, ଅନନ୍ୟା ପ୍ରଧାନ




ଓ ଅର୍ଚନା ପ୍ରଧାନ ସ୍ଥାନ ପାଇଛନ୍ତି । ପୁରୁଷ ଦଳରେ କୋଚ ସୂର୍ଯ୍ୟନାରାୟଣ ଜେନା ଦାୟିତ୍ୱରେ ଥିବାର ସୂଚନା ଓଡିଶା ଖୋଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଦେଇଛନ୍ତି । ଖୋ ଖୋ ଦଳ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରିବାକୁ ଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଓଡିଶା ଖୋ ଖୋ ସାଙ୍ଘ କୋଷାଧକ୍ଷ ପାର୍ଥ ସାରଥୀ ମହାପାତ୍ର ସେମାନଙ୍କୁ ଶୁଭ କାମନା ଜଣାଇଛନ୍ତି ।

# ଏମ୍ସ ଆଇସିୟୁ ପୁନର୍ବାସ ପାଇଲଟ୍ ପ୍ରକଳ୍ପର ସଫଳତା

**ଭୁବନେଶ୍ୱର, ୨୪/୧(ନିପ୍ର):** ଏମ୍ସ ଭୁବନେଶ୍ୱରରେ ଏମ୍ସ ଆଇସିୟୁ ପୁନର୍ବାସ (ଏଆଇଆର) ପାଇଲଟ୍ ପ୍ରକଳ୍ପ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଅନନ୍ୟ ପ୍ରକଳ୍ପ ଆଇସିୟୁ ପରବର୍ତ୍ତୀ ଯତ୍ନ ଏବଂ ଗୁରୁତର ରୋଗୀଙ୍କ ପୁନର୍ବାସ ଉପରେ କେନ୍ଦ୍ରିତ ଏକ ପରିବର୍ତ୍ତନକାରୀ ଚାରି ବର୍ଷର ପ୍ରୟାସର ପରିଣାମ, ଯାହା ୪୦୦ ରୁ ଅଧିକ ଦୀର୍ଘକାଳୀନ ଅସୁସ୍ଥ, ଶଯ୍ୟାଶାୟୀ ରୋଗୀ ଏବଂ ସେମାନଙ୍କ ପରିବାରକୁ ଲାଭ ପହଂଚାଇଛି ।



ଏମ୍ସରେ ଅନୁଷ୍ଠିତ ଚୂଡ଼ାନ୍ତ ଅଂଶୀଦାରମାନଙ୍କ ବୈଠକରେ ଏହି ପ୍ରକଳ୍ପକୁ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସଫଳତାର ସହିତ କାର୍ଯ୍ୟାନ୍ୱୟନ କରିଥିବାରୁ ସମସ୍ତେ ପ୍ରଶଂସା କରିଥିଲେ । ଏହି ଏଆଇଆର୍ ପ୍ରକଳ୍ପ ରୋଗୀ ଏବଂ ଜନସାଧାରଣଙ୍କ ସମ୍ପୃକ୍ତି ଏବଂ ନିବେଶ (ପିପିଆଇ) ମଡେଲ୍ ପ୍ରଚଳନ ଏବଂ କାର୍ଯ୍ୟକାରୀ କରିଛି । ଏହା ଏକ ଅଗ୍ରଣୀ ପଦ୍ଧତି ଯାହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ କମ କରିବା ସହିତ, ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଗୋଷ୍ଠୀର ସକ୍ରିୟ ଯୋଗଦାନକୁ ସଶକ୍ତ କରିଥାଏ ।

# ଭୁବନେଶ୍ୱର ପହଞ୍ଚିଲେ ପୂର୍ବୋତ୍ତର ଭାରତର ୨୯ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨୪ /୧(ନିପ୍ର):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ (ସିଲ୍) ରେ ପୂର୍ବୋତର ଭାରତର ୨୯ ଛାତ୍ର ଛାତ୍ରୀ ଆଜି ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି । ସେମାନେ ଗୌହାଟୀରୁ ଟ୍ରେନ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପହଞ୍ଚିବା ପରେ ସେମାନଙ୍କର ଭବ୍ୟ ସ୍ୱାଗତ କରାଯାଇଥିଲା । ପୂର୍ବୋତର ଭାରତର ଏହି ପ୍ରତିନିଧି ଦଳରେ ଆସାମ,ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମେଘାଳୟ , ମିଜୋରାମ, ମଣିପୁର ଓ ତ୍ରିପୁରା ଓ ସିକିମର ଛାତ୍ର ଛାତ୍ରୀ ସାମିଲ ଅଛନ୍ତି । ସିଲ କାର୍ଯ୍ୟକ୍ରମର ସଂଯୋଜକ ଅରିଜିତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି । ପ୍ରତ୍ୟେକ ବିଦ୍ୟାର୍ଥୀ ଏକ ଏକ ପରିବାରରେ ଅବସ୍ଥାନ କରୁଛନ୍ତି । ଏହା ସହ ତିନି ଦିନର କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସହ କୁଳପତି ମାନଙ୍କ ସହ ଆଲୋଚନା କରିବେ ଏବଂ ଓଡ଼ିଶାର ଐତିହ ସ୍ଥଳ ମାନଙ୍କର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨୬ ତାରିଖ ଦିନ ସନ୍ଧ୍ୟା ୬ ଟା ସମୟରେ ଭୁବନେଶ୍ୱର ମହାନଗର ପକ୍ଷରୁ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ ।

# ଡାଭୋସରେ ଭାରତର ଚମକ

**ନୂଆଦିଲ୍ଲୀ, ୨୪/୧(ପିଆଇବି):** କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଡାଭୋସରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚ ବୈଠକରେ ବିଶ୍ୱର ଶୀର୍ଷ ନେତୃବର୍ଗ ଏବଂ ଶିଳ୍ପପତିମାନଙ୍କୁ ସମ୍ବୋଧିତ କରିଛନ୍ତି । ସେ ତାଙ୍କର ଉଦବୋଧନରେ ଭାରତର ସମାବେଶୀ ବିକାଶ ଦୃଷ୍ଟିକୋଣ ଏବଂ ଏହାର ଉଲ୍ଲେଖନୀୟ ଅଭିବୃଦ୍ଧି କାହାଣୀ ଉପସ୍ଥାପନ କରିଛନ୍ତି । ଆର୍ଥିକ ବିକାଶ ପାଇଁ ସନ୍ତୁଳିତ ଆଭିମୁଖ୍ୟ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଆର୍ଥିକ ଅଭିବୃଦ୍ଧି ପାଇଁ ଭାରତ ଗ୍ରହଣ କରିଥିବା ସନ୍ତୁଳିତ ଆଭିମୁଖ୍ୟ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ରର ଦେଶର ବିକାଶ ହେଉଛି । ଉତ୍ପାଦନ ଏବଂ ସେବା କ୍ଷେତ୍ରକୁ ପୃଥକ ଭାବେ ଦେଖାଯାଇପାରିବ ନାହିଁ । ଭାରତର ଆର୍ଥିକ ବିକାଶ ଧାରାରେ ଉତ୍ପାଦ ଏବଂ ସେବା କ୍ଷେତ୍ର ଅଭିନ୍ନ ଅଙ୍ଗ ହୋଇଥିବାରୁ ଉଭୟକୁ ସାଥୀରେ ନେଇ ଆଗକୁ ବଢ଼ିବାକୁ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଦୀର୍ଘସ୍ଥାୟୀ ଏବଂ ସମାବେଶୀ ବିକାଶ ଲାଗି ଦୁଇ କ୍ଷେତ୍ର ମଧ୍ୟରେ ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ରପ୍ତାନି ଆଧାରିତ ବିକାଶ ରଣନୀତି କେବଳ ଆମଦାନୀ ବିକଳ୍ପ ଉପରେ ଧ୍ୟାନ ଦେବା ଠାରୁ ଆରମ୍ଭ କରି 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ' (ଭାରତରେ ନିର୍ମାଣ ବିଶ୍ୱ ପାଇଁ ନିର୍ମାଣ) ଆଭିମୁଖ୍ୟ ଗ୍ରହଣ କରିବା ପର୍ଯ୍ୟନ୍ତ ଭାରତର ପରିବର୍ତ୍ତନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ଭାରତରେ ବ୍ୟବହୃତ ୯୯% ମୋବାଇଲ ସ୍ୱଦେଶରେ ନିର୍ମିତ ହେଉଛି । ଔଷଧୀୟ ସାମଗ୍ରୀ, ରାସାୟନିକ, ପୋଷାକ ଆଦି କ୍ଷେତ୍ରରେ ବିକାଶ ରଣନୀତି ରପ୍ତାନି ଆଧାରିତ ଅଭିବୃଦ୍ଧି ଦିଗରେ ପରିବର୍ତ୍ତିତ ହୋଇଛି ।

# ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୪/୧(ନିପ୍ର):** ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳନ ଅବସରରେ ଆଜି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୁବନେଶ୍ୱରର ମ୍ୟୁଜିୟମ୍ ଛକସ୍ଥିତ ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ହୋଇଯାଇଛି । ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭୁବନେଶ୍ୱର ଲକ୍ଷ୍ମଣ ବେହେରା, ଆଚାର୍ଯ୍ୟ ବିହାର ପରିଷଦର ସମ୍ପାଦକ, ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

**AFFIDAVIT**

I, Smt. Swarnalata Pradhan @ Swarnalata Rout, aged about 40 years W/o-Dhaneswar Rout of Vill- vill-Kunjar, Po-Sripurusottampur, Ps-Delang, Dist-Puri. By virtue of an affidavit sworn before the Executive Magistrate, Delang on dt.20.1.2025, I have declared myself as the same person Swarnalata Pradhan as Swarnalata Rout as my surname changed from Pradhan to Rout after my marriage. It is for the purpose of receiving the Insurance Policy amount and others in the name of Swarnalata Rout W/o-Dhaneswar Rout, Vill-Kunjar, Ps-Delang, Dist-Puri. Sd/-Swarnalata Raut.

**AFFIDAVIT**

By virtue of an affidavit sworn before The Notary Public, Bhubaneswar on 23.01.2025. I, HATHI RAM, residing at Nandapada, Nayabazar, Sector-21, Rourkela, Dist-Sundargarh, Odisha, Pin-769001, declare that I have changed my name from Hathia Ram Janko (Old Name) to Hathi Ram (New Name). Henceforth I shall be known as Hathi Ram for all purposes.

O-1338

**GOVT OF ODISHA**

OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in

No:-Tender – Online – NayagarhDivn. –12/2024-25 Date:-

**e-Procurement Notice**

1. Name of the work : Building works.
2. Total No. of Projects : 16(Sixtten) Nos of project
3. Class of contractor
   a)Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.1.68 Lakhs to Rs.4.22 lakhs
5 Time for completion : 01(One) calendar month.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 12/2024-25 | 30.01.2025 at 10.00 A.M | 10.02.2025 upto 5.30 P.M. | 11.02.2025 at 11.00 A.M. |

Further details can be seen from the website www.tendersorissa.gov.in

OIPR-25106/11/0018/2425 Sd/- Executive Engineer, Rural Works Division, Nayagarh

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 Re-accredited by NBA All Engineering Programs for 6 Years
Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking World University Rankings 2024
IET Accredited Programme The Institute of Engineering and Technology



KIITEE 2025
Apply Now | through KIIT Websites www.kiitee.ac.in/www.kiit.ac.in
No Examination Fee (Computer-Based Online Test)

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes

- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines

- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes

- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS

700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ